


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର, ୨୮ ଅପ୍ରେଲ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 28 APRIL 2022
Vol.No. 33 ■ No. 110 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶକ :
ସୁବର୍ଣ୍ଣଶ୍ରୀ ପ୍ରକାଶିନୀ
ବାଲେଶ୍ୱର-୧




ସୃଷ୍ଟିଧର ପରିଡ଼ାଙ୍କର ଏମିତି ଚାଲିଥିବ

ସୈରିନ୍ଧ୍ରୀ ସାହୁଙ୍କର ରଫ୍ଖାତାର ଚିତ୍ର

ପ୍ରାପ୍ତିସ୍ଥାନ
ନଲେଜ୍ କର୍ଣ୍ଣର, ସହଦେବଖୁଣ୍ଟା ବସ୍ଷ୍ଟାଣ୍ଡ ସାମନା
ବାଲେଶ୍ୱର-୧


# ନାଟୋ ଦେଶ ଉପରେ ଋଷର ପ୍ରତିଶୋଧ !

## ଦୁଇ ଦେଶକୁ ଗ୍ୟାସ ସପ୍ଲାଏ ବନ୍ଦ




ନୂଆଦିଲ୍ଲୀ, ୨୭/୦୪ : ଋଷ ଓ ୟୁକ୍ରେନ ଯୁଦ୍ଧ ମଧ୍ୟରେ ୟୁକ୍ରେନକୁ ଖୋଲିଖୋଲି ସାହାଯ୍ୟ କରୁଥିବା ଦେଶ ଗୁଡିକ ଉପରେ ଭାରି ପଡିଲାଣି ଋଷ । ଯେଉଁ ଦେଶମାନେ ୟୁକ୍ରେନକୁ ସହାୟତା ଦେବାକୁ କହୁଥିଲେ ସେସବୁ ନାଟୋ ଦେଶ ମାନଙ୍କ ଉପରେ ପ୍ରତିଶୋଧ ନେବାକୁ ଆରମ୍ଭ କରିଛି ଋଷ । ପୋଲାଣ୍ଡ ଓ ବୁଲଗେରିଆକୁ ଗ୍ୟାସ ଓ ତୈଳ ରପ୍ତାନି ବନ୍ଦ କରିଦେଇଛି ଋଷ । ଯୁଦ୍ଧ ଆରମ୍ଭ ହେବା ପରେ ଏହି ଦେଶ ଗୁଡିକ ତୈଳ ବା ଗ୍ୟାସ ପାଇଁ ଋଷ ମୁଦ୍ରା ରୁବେଲ ହିସାବରେ ଦାମ ଦେବାକୁ କହିଥିଲେ ବି ଏହାକୁ ଅନ୍ୟ ରାଷ୍ଟ୍ରମାନେ ଗ୍ରହଣ କରିନଥିଲେ । ଫଳରେ ଏହାର ଉତ୍ତରରେ ଏବେ ଏହି ଦେଶ ମାନଙ୍କ ଉପରେ ପ୍ରତିଶୋଧ ନେବାକୁ ଆରମ୍ଭ କରିଛି ଋଷ । କହିରଖୁଁ କି ୟୁକ୍ରେନ ଉପରେ ଋଷର ଆକ୍ରମଣ ପରେ ପୋଲାଣ୍ଡ ଆରମ୍ଭରୁ ହିଁ ୟୁକ୍ରେନକୁ ସହଯୋଗ କରିଆସିଛି । ଯୁଦ୍ଧ ଲଢିବାକୁ ମଧ୍ୟ ୟେୁକ୍ରେନକୁ ଅସ୍ତ୍ର ଯୋଗାଇଛି । ଏହି ସପ୍ତାହରେ ୟୁକ୍ରେନକୁ ଯୁଦ୍ଧ ଟ୍ୟାଙ୍କ ପଠାଇବାକୁ ମଧ୍ୟ କହିଥିଲେ ପୋଲାଣ୍ଡ ସରକାର । ଏହାକୁ ନେଇ ଏବେ ତାତି ଉଠିଛି ଋଷ । ଏହାବ୍ୟତୀତ ଯୁଦ୍ଧ ପରେ ସମସ୍ତ ୟୁରୋପୀୟ ରାଷ୍ଟ୍ର ପଖାପାଖି ୬୦ ପ୍ରତିଶତ ଦେୟ ୟୁରୋ କିମ୍ବା ଡଲାରରେ କରୁଥିଲେ ବି ଏହାକୁ ରୁବେଲରେ କରିବକୁ କହିଥିଲେ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ । ହେଲେ ଏହା ପୂର୍ବ ନିର୍ଦ୍ଧାରିତ ସର୍ତ୍ତକୁ ଉଲଂଘନ ବୋଲି କହିଛନ୍ତି ୟୁରୋପୀୟ ରାଷ୍ଟ୍ର । ତେଣୁ ରୁବେଲ ଜରିଆରେ ଋଷର କୌଣସି ରପ୍ତାନୀର ଦେୟ କରିବେ ନାହିଁ ବୋଲି ୟୁରୋପୀୟ ରାଷ୍ଟ୍ରମାନେ ସ୍ପଷ୍ଟ କରିଛନ୍ତି । ତେଣୁ ପୁଟିନ୍ ପଡୋଶୀ ରାଷ୍ଟ୍ରମାନଙ୍କୁ ତୈଳ ଏବଂ ଗ୍ୟାସରପ୍ତାନୀ ବନ୍ଦ କରିଦେଇଥିବା ଜଣାପଡିଛି ।

# ଅପରାଜିତା ଓ ବିଜେପି ମଧ୍ୟରେ ସ୍ପଷ୍ଟ ହେଲା ମତଭେଦ



ଭୁବନେଶ୍ୱର, ୨୭/୦୪ (ନି.ପ୍ର): ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଓ ବିଜେପି ମଧ୍ୟରେ ମତଭେଦ ସ୍ପଷ୍ଟ ହେବାରେ ଲାଗିଛି । ପୁରୀ ଗସ୍ତ କାର୍ଯ୍ୟକ୍ରମକୁ ନେଇ ଆଜି ହାଇଡ୍ରାମା ଦେଖାଦେଇଥିଲା । ଶତାଧିକ ସମର୍ଥକଙ୍କୁ ନେଇ ଭୁବନେଶ୍ୱର ସାଂସଦ ଜଗନ୍ନାଥଙ୍କ ଦର୍ଶନ ପାଇଁ ଯାଉଥିବା ବେଳେ ପୋଲିସ ତାଙ୍କୁ ଅଟକାଇଥିଲା । ଏହାର ପ୍ରତିବାଦରେ ଶତାଧିକ ସମର୍ଥକଙ୍କ ସହ ସାଂସଦ ଆଗକୁ ବଢିଥିଲେ । ଆଜି ଏକ ପଦଯାତ୍ରାକୁ ପ୍ରଶାସନ ବାରଣ କରିବା ପରେ ଏହି ପରିସ୍ଥିତି ସୃଷ୍ଟି ହୋଇଥିଲା । ଏହି ଘଟଣା ପରେ ବିଜେପି ମୁଖପାତ୍ର ସୁରଥ ବିଶ୍ୱାଳ ଗଣମାଧ୍ୟମକୁ କହିଥିଲେ, ଏହା ଦଳୀୟ କାର୍ଯ୍ୟକ୍ରମ ନଥିଲା । ଦଳ ଏହାକୁ ସମର୍ଥନ କରୁନାହିଁ ବୋଲି ସେ କହିଥିଲେ । ବିଜେପିର ଆଭିମୁଖ୍ୟ ସ୍ପଷ୍ଟ କରିବାକୁ ଯାଇ ସୁରଥ କହିଥିଲେ, ରାଜ୍ୟ ସରକାରଙ୍କ ଐତିହ୍ୟ କରିଡର କାର୍ଯ୍ୟକ୍ରମକୁ ବିଜେପି ସମର୍ଥନ କରୁଛି । ତେବେ ଏଏସଆଇ ଅନୁମତି ଦେଇନଥିବାରୁ ଏହାକୁ ନେଇ ବିବାଦ ରହିଛି । କିନ୍ତୁ ଆଜିର ଅପରାଜିତାଙ୍କ ପ୍ରତିବାଦ କାର୍ଯ୍ୟକ୍ରମ, ଦଳୀୟ କାର୍ଯ୍ୟକ୍ରମ ନୁହେଁ ବୋଲି କହିବା ପରେ ଅପରାଜିତା ଓ ବିଜେପି ମଧ୍ୟରେ ଥିବା ଫାଟ ସ୍ପଷ୍ଟ ହୋଇଛି । ସୂଚନାଯୋଗ୍ୟ ଯେ, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବିବାଦ ଭିତରେ ଶ୍ରୀମନ୍ଦିରରେ ଜଗା ଦର୍ଶନ କରି ଫେରିଛନ୍ତି ଅପରାଜିତା ଷଡଙ୍ଗୀ । ତେବେ ଆଜି ପୁରୀ ଗସ୍ତ ବେଳେ ହାଇଡ୍ରାମା ଦେଖିବାକୁ ମିଳିଥିଲା । କାରରେ ଯାଉଥିବା ବେଳେ ଚନ୍ଦନପୁରରେ ଅପରାଜିତା ଓ ତାଙ୍କ ସମର୍ଥକଙ୍କୁ ଅଟକାଇଥିଲା ପୋଲିସ । ଏକାଧିକ ଗାଡି ନେଇ ପୁରୀ ଯାଉଥିବାରୁ ଅନୁମତି ଦେଇନଥିଲା ପୋଲିସ । ତେଣୁ କିଛି ବାଟ ଚାଲି ଚାଲି ଯାଇଥିଲେ ଅପରାଜିତା । ଏହାପରେ ମାଳତୀପାଟପୁରରୁ କାରରେ ଯିବା ପାଇଁ ଅନୁମତି ଦେଇଥିଲା ପ୍ରଶାସନ । ଅପରାଜିତାଙ୍କ ସହ ଯାଇଥିବା ଅନ୍ୟ ସମସ୍ତ ଗାଡିକୁ ମଧ ଯିବା ପାଇଁ ଅନୁମତି ଦିଆଯାଇଥିଲା । ପୁରୀ ଗସ୍ତ ଅବସରରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ଅପରାଜିତା । କହିଛନ୍ତି, ଶ୍ରୀମନ୍ଦିରର ସୁରକ୍ଷା ରାଜନୀତିର ଊର୍ଦ୍ଧ୍ୱରେ । ଶ୍ରୀମନ୍ଦିରକୁ ସୁରକ୍ଷା ଦେବା ସମସ୍ତଙ୍କ ଦାୟିତ୍ୱ । ବିକାଶ ଓ ସୌନ୍ଦର୍ଯ୍ୟକରଣକୁ ସମର୍ଥନ କରୁଛନ୍ତି ହେଲେ ଆଇନ ପରିସରରେ ରହି ସରକାର କାମ କରିବା ଉଚିତ୍ ବୋଲି କହିଛନ୍ତି ।

# କୋଭିଡ ବିପଦ ଟଳି ନଥିବା କହି ରାଜ୍ୟଗୁଡ଼ିକୁ ସତର୍କ କଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ, ୨୭/୦୪ : ଦେଶରେ ବର୍ତ୍ତମାନ ମହାମାରୀ କରୋନା ସଂକ୍ରମଣ ପୁଣି ବଢ଼ିବା ଆରମ୍ଭ ହୋଇଛି । ଏହାକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସବୁ ରାଜ୍ୟକୁ ସତର୍କ କରାଇଛନ୍ତି । କରୋନାର ବିପଦ ଏଯାଏ ଟଳିନାହିଁ ଓ ଭାଇରସରୁ ରକ୍ଷା ପାଇବା ପାଇଁ ଲୋକମାନେ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରନ୍ତୁ ବୋଲି ମୋଦି କହିଛନ୍ତି । ଆଜି ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଉପ ରାଜ୍ୟପାଳଙ୍କ ସହ ଆଲୋଚନା ବେଳେ ମୋଦି କହିଛନ୍ତି ଯେ କରୋନା ବିପଦ ସତ୍ତ୍ୱେ ଭାରତ ଏବେ ଭଲ ସ୍ଥିତିରେ ରହିଛି । ୟୁରୋପରେ ଓମିକ୍ରନ ଓ ଏହାର ସବ ଭାରିଏଣ୍ଟଗୁଡ଼ିକ କେମିତି ଆତଙ୍କ ସୃଷ୍ଟି କରିଥିଲେ, ସେକଥା ଆମେ ଦେଖିଛେ । ବିଗତ କିଛି ମାସ ହେଲେ ବିଭିନ୍ନ ଦେଶରେ ସଂକ୍ରମଣ ବଢ଼ିଛି । ସବ ଭାରିଏଣ୍ଟଗୁଡ଼ିକ ପାଇଁ ସଂକ୍ରମଣ ବଢ଼ୁଛି । ତଥାପି ଅନେକ ଦେଶଗୁଡ଼ିକ ତୁଳନାରେ ଭାରତର ସ୍ଥିତି ନିୟନ୍ତ୍ରଣ ▶▶ପୃଷ୍ଠା ୭

## ତେଲ ଉପରୁ ଭାଟ୍ ହ୍ରାସ ପାଇଁ ରାଜ୍ୟକୁ ଅପିଲ୍ କଲେ ମୋଦୀ

ନୂଆଦିଲ୍ଲୀ, ୨୭/୦୪ : ପେଟ୍ରୋଲ-ଡିଜେଲ ଦର ବୃଦ୍ଧି ଏବେ ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଏହି ସମୟରେ ତେଲ ଦର ବୃଦ୍ଧି ନେଇ ପ୍ରଧାନମନ୍ତ୍ରୀଙ୍କ ବଡ ବୟାନ ସାମ୍ନାକୁ ଆସିଛି । କରୋନା ସମୀକ୍ଷା ବେଳେ ରାଜ୍ୟର ମୁଖ୍ୟମନ୍ତ୍ରୀମାନଙ୍କୁ ପରାମର୍ଶ ଦେଇ ତେଲ ଉପରୁ ଭାଟ କମାଇବା ପାଇଁ କହିଛନ୍ତି ନରେନ୍ଦ୍ର ମୋଦୀ । ସେ କହିଛନ୍ତି, ୬ ମାସ ବିଳମ୍ବ ହେଲେ ବି ରାଜ୍ୟ ସରକାରଗୁଡିକ ତେଲ ଉପରୁ ଟ୍ୟାକ୍ସ କମାଇବା ପାଇଁ ପଦକ୍ଷେପ ନିଅନ୍ତୁ । ଯୁଦ୍ଧ ଯୋଗୁଁ ପରିସ୍ଥିତି ଜଟିଳ ହେବାରେ ଲାଗିଛି । ଯୋଗାଣ ବି ବାଧାପ୍ରାପ୍ତ ହୋଇଛି । ଏଭଳି ସମୟରେ କେନ୍ଦ୍ର-ରାଜ୍ୟ ମଧ୍ୟରେ ତାଳମେଳ ରଖିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ତୈଳ ଦର ବୃଦ୍ଧିକୁ ଦୃଷ୍ଟି ରଖି ଗତ ନଭେମ୍ବରରେ କେନ୍ଦ୍ର ସରକାର ଏକ୍ସସାଇଜ ଡ୍ୟୁଟିକୁ କମ କରିଥିଲେ । ଏହାପରେ କିଛି ରାଜ୍ୟ ବି ତେଲ ଉପରୁ ଭାଟ କମାଇଥିଲେ । କିନ୍ତୁ କିଛି ରାଜ୍ୟ ଏବେ ବି ଭାଟ କମାଇନାହାନ୍ତି ।

## ଠାକୁରଙ୍କ ଶୋଭାଯାତ୍ରା ବେଳେ ବିଦ୍ୟୁତ ଆଘାତରେ ୧୦ ଜଣଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୨୭/୦୪ : ତାମିଲନାଡୁରେ ବଡ ଦୁର୍ଘଟଣା । ମନ୍ଦିରରେ ଶୋଭାଯାତ୍ରାବେଳେ ବିଦ୍ୟୁତ ଆଘାତରେ ୧୦ ଜଣ ପ୍ରାଣ ହରାଇଛନ୍ତି । ତାମିଲନାଡୁର ତାଞ୍ଜାଭୋର ଜିଲ୍ଲାରେ ଏଭଳି ଦୁଃଖଦ ଘଟଣା ଘଟିଛି । ଖବର ଅନୁସାରେ, ବିଦ୍ୟୁତ ତାର ଠାକୁର ବିମାନରେ ଲାଗିଥିଲା । ପରେ କରେଣ୍ଟ ଲାଗିବା ଫଳରେ ଜଣକ ପରେ ଜଣେ ୧୦ ଜଣ ପ୍ରାଣ ହରାଇଥିଲେ । ବିଦ୍ୟୁତ ଆଘାତରେ ଅନେକ ଗୁରୁତର ହୋଇଛନ୍ତି । ସେମାନଙ୍କୁ ହସପିଟାଲରେ ଭର୍ତ୍ତି କରାଯାଇଛି । ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାମ ଆରମ୍ଭ କରିଛି । ମନ୍ଦିରରେ ଗୁରୁପୂଜା ଉତ୍ସବର ଆୟୋଜନ କରାଯାଇଥିଲା । ଆଉ ଏଥିରେ ସାମିଲ ହେବା ପାଇଁ ହଜାର ହଜାର ଭକ୍ତ ସାମିଲ ହୋଇଥିଲେ । ମୃତକଙ୍କ ମଧ୍ୟରେ ଦୁଇଜଣ ଶିଶୁ ସାମିଲ ଅଛନ୍ତି ।

# କେବଳ ପ୍ରଥମ ସିଟିଂରେ ହେବ ମାଟ୍ରିକ ପରୀକ୍ଷା



ଭୁବନେଶ୍ୱର, ୨୭/୦୪ (ନି.ପ୍ର): ମାଟ୍ରିକ ପରୀକ୍ଷାରେ କେବଳ ପ୍ରଥମ ସିଟିଂରେ ପରୀକ୍ଷା ଦେବେ ଛାତ୍ରଛାତ୍ରୀ । ଦ୍ୱିତୀୟ ସିଟିଂରେ ହେବାକୁ ଥିବା ପରୀକ୍ଷା ପ୍ରଥମ ସିଟିଂରେ ହେବ । ରାଜ୍ୟରେ ଚାଲିଥିବା ପ୍ରବଳ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ପରୀକ୍ଷାରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି । ତେବେ ସିଡ୍ୟୁଲରେ କୌଣସି ପରିବର୍ତ୍ତନ କରାଯାଇନାହିଁ ବୋଲି ବୋର୍ଡ଼ ସଭାପତି ରାମାଶିଷ ହାଜାରା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ମଧ୍ୟମା ପରୀକ୍ଷାର କିଛି ବିଷୟ ଦ୍ୱିତୀୟ ସିଟିଂରେ ହେବାକୁ ଥିଲା । ହେଲେ ପ୍ରବଳ ଖରାପାଇଁ ଏହି ସିଡ୍ୟୁଲରେ ପରିବର୍ତ୍ତନ କରାଯାଇଛି । ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପରୀକ୍ଷା ସେଂଟରରେ ପାନୀୟ ଜଳ, ଓଆରଏସ ରଖିବାକୁ କୁହାଯାଇଛି । ପରୀକ୍ଷା କେନ୍ଦ୍ରକୁ ମୋବାଇଲ ଫୋନ ସମ୍ପୂର୍ଣ୍ଣରୂପେ ବାରଣ କରାଯାଇଛି । ଆସନ୍ତା ଏପ୍ରିଲ ୨୯ ରୁ ମେ ୭ ଯାଏଁ ସକାଳ ୮ ଟା ରୁ ୧୦ଟା ମାଟ୍ରିକ ପରୀକ୍ଷା ହେବ । ଚଳିତ ବର୍ଷ ୫,୮୫,୭୩୦ ଜଣ ପରୀକ୍ଷାର୍ଥୀ ମାଟ୍ରିକ୍ ପରୀକ୍ଷା ଦେବେ । ଏମାନଙ୍କ ମଧ୍ୟରୁ ୫,୭୧,୯୦୯ ଜଣ ହାଇସ୍କୁଲ, ୪,୪୪୩ ଜଣ ମଧ୍ୟମା ଏବଂ ୯,୩୭୮ ଜଣ ରାଜ୍ୟ ମୁକ୍ତ ବିଦ୍ୟାଳୟ ଛାତ୍ରଛାତ୍ରୀ । ମାଟ୍ରିକ୍ ପରୀକ୍ଷା ପାଇଁ ସମୁଦାୟ ୩୫୪୦ ଟି କେନ୍ଦ୍ର ଏବଂ ୩୧୫ ଟି ନୋଡ଼ାଲ୍ କେନ୍ଦ୍ର କରାଯାଇଛି । ▶▶ପୃଷ୍ଠା ୭

# କାରଣ ଦର୍ଶାଅ ନୋଟିସ୍‌ର ଜବାବ ଦେଲେ ସୁର

ଭୁବନେଶ୍ୱର, ୨୭/୦୪ (ନି.ପ୍ର): କାରଣ ଦର୍ଶାଅ ନୋଟିସ୍ ଉପରେ କଂଗ୍ରେସ ବିଧାୟକ ସୁରେଶ ରାଉତରାୟ ଜବାବ ରଖିବା ପରେ ଏହାର ପାଲଟା ଉତର ରଖିଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ । ସେ କହିଛନ୍ତି, ତାଙ୍କ ବିରୋଧରେ ସୁରେଶ ରାଉତରାୟ ଆଣିଥିବା ଅଭିଯୋଗ ଭିତିହୀନ । ସୁର ରାଉତରାୟ ଦେଇଥିବା ଜବାବ ନେଇ ଶୃଙ୍ଖଳା କମିଟିରେ ଆଲୋଚନା କରାଯିବ । ଦୋଷୀ ସାବ୍ୟସ୍ତ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଯିଏ ବିଶୃଙ୍ଖଳା କରିବ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଗତକାଲି ପିସିସି ସଭାପତି ନିରଂଜନ ପଟ୍ଟନାୟକ କଂଗ୍ରେସ ବିଧାୟକ ସୁରେଶ ରାଉତରାୟଙ୍କୁ ତାଙ୍କ ବିବୃତି ପାଇଁ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ । ଏହି ପରିପ୍ରେକ୍ଷୀରେ ବିଧାୟକ ସୁର ରାଉତରାୟ ବୁଧବାର କଂଗ୍ରେସ ଭବନକୁ ଆସି ସେ ଲିଖିତ ଭାବେ ଉତର ଦାଖଲ କରିଛନ୍ତି । ସୁରେଶ ରାଉତରାୟ ପୁଣିଥରେ ନିରଞ୍ଜନ ପଟ୍ଟନାୟକ ଓ ଜୟଦେବ ଜେନାଙ୍କ ▶▶ପୃଷ୍ଠା ୭

## ଆଜିଠାରୁ ଯୁକ୍ତ ୨ ପରୀକ୍ଷା

ଭୁବନେଶ୍ୱର, ୨୭/୦୪ (ନି.ପ୍ର): ଆସନ୍ତାକାଲି (ଗୁରୁବାର) ଠାରୁ ଆରମ୍ଭ ହେବ +୨ ପରୀକ୍ଷା । ଏପ୍ରିଲ୍ ୨୮ ତାରିଖରୁ ଆରମ୍ଭ ହୋଇ ମେ ୩୧ ତାରିଖ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ । ଚଳିତ ବର୍ଷ ମୋଟ ୩,୨୧,୫୦୮ ଜଣ ପରୀକ୍ଷାର୍ଥୀ ଉଚ୍ଚ ମାଧ୍ୟମିକ ବା +୨ ପରୀକ୍ଷା ଦେବେ । ଏମାନଙ୍କ ମଧ୍ୟରୁ ୨,୧୩,୪୩୨ ଜଣ କଳା, ୭୮,୦୭୭ ଜଣ ବିଜ୍ଞାନ, ୨୪,୧୩୬ ଜଣ ବାଣିଜ୍ୟ ଏବଂ ୫,୮୬୩ ଜଣ ଧନ୍ଦାମୂଳକ ଶିକ୍ଷାର ଛାତ୍ରଛାତ୍ରୀ ଅଟନ୍ତି । ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ହେବାକୁଥିବା ଏହି ପରୀକ୍ଷା ନିମନ୍ତେ ୧,୧୩୩ ଟି ପରୀକ୍ଷା କେନ୍ଦ୍ର ଏବଂ ୨୦୨ ଟି ପରୀକ୍ଷା ପରିଚାଳନା ହବ୍ (ନୋଡାଲ୍ ସେଂଟର) କରାଯାଇଛି । କଳା ଓ ବାଣିଜ୍ୟ ପରୀକ୍ଷା ଏପ୍ରିଲ ୨୮ ତାରିଖ ଠାରୁ ଆରମ୍ଭ ହେବ । ପ୍ରଥମ ଦିନ ମାତୃଭାଷା ପରୀକ୍ଷା ହେବ । ଏହା ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ଯାଏଁ ଚାଲିବ । ବିଜ୍ଞାନ ଓ ଭୋକେସନାଲ ପରୀକ୍ଷା ମେ' ମାସ ୯ ତାରିଖ ଠାରୁ ଆରମ୍ଭ ହେବ । ବିଜ୍ଞାନ ଛାତ୍ରଛାତ୍ରୀମାନେ ପୂର୍ବାହ୍ନ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଓ ଭୋକେସନାଲ ଛାତ୍ରଛାତ୍ରୀମାନେ ସକାଳ ୯ଟାରୁ ସାଢ଼େ ୧୧ଟା ପର୍ଯ୍ୟନ୍ତ ପରୀକ୍ଷା ଦେବେ ।

# ଗ୍ରୀଷ୍ମ ପ୍ରବାହ ପାଇଁ ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ



ଭୁବନେଶ୍ୱର, ୨୭/୦୪ (ନି.ପ୍ର): ପ୍ରବଳ ତାତିରେ ଅସ୍ତବ୍ୟସ୍ତ ଓଡିଶାବାସୀ । ମୁଣ୍ଡଫଟା ଖରା ଓ ଗୁଳୁଗୁଳି ଅସହ୍ୟ ହେଉଛି । ଦିନ ବେଳା ଘରୁ ବାହାରିବା କଷ୍ଟକର ହେଉଛି । ଆଗାମୀ ୩୦ ତାରିଖ ପର୍ଯ୍ୟନ୍ତ ଏଭଳି ସ୍ଥିତି ଲାଗି ରହିବ ବୋଲି ପୂର୍ବାନୁମାନ କରିଛି ଆଂଚଳିକ ପାଣିପାଗ କେନ୍ଦ୍ର । ପାଣିପାଗ ବିଶେଷଜ୍ଞ ଉମାଶଙ୍କର ଦାଶ କହିଛନ୍ତି ଆଗାମୀ ୩ ଦିନ ପର୍ଯ୍ୟନ୍ତ ପାଗରେ କୌଣସି ପରିବର୍ତ୍ତନ ହେବାର ନାହିଁ । ତେବେ ଦିନବେଳା ବାହାରକୁ ବାହାରୁଥିଲେ ସତର୍କତା ମୂଳକ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଛନ୍ତି । ଅପରପକ୍ଷରେ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସତର୍କ ରହିବାକୁ ୯ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ୍ କମିଶନର । ଏହି ୯ଟି ଜିଲ୍ଲା ହେଲା ଅନୁଗୁଳ, ବୌଦ୍ଧ, ବଲାଙ୍ଗୀର, ଦେବଗଡ, ଝାରସୁଗୁଡା, ମୟୁରଭଂଜ , ସମ୍ବଲପୁର , ସୁବର୍ଣ୍ଣପୁର ଓ ସୁନ୍ଦରଗଡ । ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆଜିଠାରୁ ୨୯ ତାରିଖ ପର୍ଯ୍ୟନ୍ତ ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ୧୧ଟି ଜିଲ୍ଲାରେ ରହିଛନ୍ତି ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଦେବଗଡ, ଝାରସୁଗୁଡ଼ା, ସମ୍ବଲପୁର, ବରଗଡ, ଅନୁଗୁଳ, ସୋନପୁର, ବୌଦ୍ଧ ଓ ବଲାଙ୍ଗୀର । ଏହି ଗ୍ରୀଷ୍ମ ପ୍ରବାହ ସମୟରେ ଖରାକୁ ନବାହାରି ଛାଇ ସ୍ଥାନରେ ରହିବାକୁ ପରାମର୍ଶ ଦିଆଯାଇଛି । ସେହିପରି ଶିଶୁ, ଅସୁସ୍ଥ ଓ ବୃଦ୍ଧ ଲୋକଙ୍କ ପ୍ରତି ଅଧିକ ଯତ୍ନଶୀଳ ହେବା , ଅଧିକ ପାଣି ପିଇବା ସହିତ ଶରୀରକୁ ହାଇଡ୍ରେଟ ରଖିବାକୁ ବି ପାଣିପାଗ ବିଭାଗ ପରାମର୍ଶ ଦେବା ସହିତ ଆଖୁ, ଗ୍ରୀଷ୍ମ ମକା, ଡାଲି ଏବଂ ଅନ୍ୟାନ୍ୟ ଫସଲ ଏବଂ ପନିପରିବାରେ ଜଳସେଚନ କାର୍ଯ୍ୟ ଜାରି ରଖିବାକୁ କୃଷକମାନଙ୍କୁ ପରାମର୍ଶ ଦିଆଯାଇଛି ।

# ଭୁବନେଶ୍ୱରରେ ବିଶାଳ ପାଇକ ଆଖଡ଼ା ଜନଗର୍ଜନ ସମାବେଶ

ଭୁବନେଶ୍ୱର, ୨୭/୦୪ (ନି.ପ୍ର): ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଦାବି ଓ ପାଇକ ରେଜିମେଂଟ ଗଠନ ଆଦି ଦାବି ନେଇ ବୁଧବାର ଦିନ ଭୁବନେଶ୍ୱରରେ ବିଶାଳ ପାଇକ ଆଖଡ଼ା ଜନଗର୍ଜନ ସମାବେଶ ଅନୁଷ୍ଠିତ ହୋଇଯାଇଛି । ମାଷ୍ଟର କ୍ୟାଂଟିନ ଛକରୁ ହଜାର ହଜାର ପାଇକ ଏକ ବିରାଟ ଶୋଭାଯାତ୍ରାରେ ପାରମ୍ପରିକ ବେଶପୋଷକ ପରିଧାନ କରି ଖଣ୍ଡା, ତଲଓ୍ୱାର, ଗଦା, ମୁଦ୍‌ଗର ଆଦି ଧରି ପାଇକ ଆଖଡ଼ା ପ୍ରଦର୍ଶନ କରି, ରଣ କୁହାଟ ଦେଇ ରାମ ମନ୍ଦିର ଛକ ଅତିକ୍ରମ କରି ପ୍ରଦର୍ଶନୀ ପଡ଼ିଆରେ ପହଂଚିଥିଲା । ସେଠାରେ ଏକ ବିରାଟ ସମାବେଶ ଅନୁଷ୍ଠିତ ହୋଇଥିଲା । ଏହି ସମାବେଶରେ ଓଡ଼ିଶା ବୀର ମହାସଂଘର ସଭାପତି ଡଃ ପ୍ରକାଶ ଶ୍ରୀଚନ୍ଦନ ଓ ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ ଡ଼ଃ ଦିଲ୍ଲୀପ ଶ୍ରୀଚନ୍ଦନ କହିଥିଲେ ଯେ, ଭାରତର ▶▶ପୃଷ୍ଠା ୭

# ବାଲେଶ୍ୱର ଲେଖିକା ସଂସଦ ପକ୍ଷରୁ ପଦ୍ମଶ୍ରୀ ଡ.ବୀଣାପାଣି ମହାନ୍ତିଙ୍କ ବିୟୋଗରେ ସ୍ମୃତିସଭା



ବାଲେଶ୍ୱର, ୨୭/୦୪ (ନି.ପ୍ର): ଆଜି ବୁଧବାର ଅପରାହ୍ନ ୪.୩୦ ଘଟିକା ସମୟରେ ଏକ ପଦ୍ମଶ୍ରୀ ଡ.ବୀଣାପାଣି ମହାନ୍ତିଙ୍କ ଦେହାନ୍ତରେ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି । ଆବାହିକା ଡ. ସିନ୍ଧୁସେନଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଶୋକସଭାରେ ପ୍ରଥମେ ସ୍ୱର୍ଗତ ଆତ୍ମା ପ୍ରତି ୨ମିନିଟ ନୀରବ ପ୍ରାର୍ଥନା କରାଯାଇ ଓ ଫଟୋ ଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରାଯାଇଥିଲା । ପରେ ପରେ ଉପସ୍ଥିତ ସଦସ୍ୟମାନେ ବୀଣାପାଣିଙ୍କ ସ୍ମୃତିଚାରଣ କରିଥିଲେ । ଅରୁଣା ରାୟ ତାଙ୍କୁ ଜଣେ ମାନବବାଦୀ ଲେଖିକା ଭାବେ ଅଭିହିତ କରିଥିଲେ । ଯୁଗଶ୍ରୀ ଯୁଗନାରୀର ସଂପାଦିକା ମମତା ମହାପାତ୍ର ବୀଣାପାଣି ମହାନ୍ତିଙ୍କ ସହ ତାଙ୍କର ସଂପର୍କ ସଂପର୍କରେ ବର୍ଣ୍ଣନା କରିଥିଲେ । ବାଲେଶ୍ୱର ଲେଖିକା ସଂସଦର ପୂର୍ବତନ ଆବାହିକା ତଥା ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ସମ୍ପାଦିକା ସୈରିନ୍ଧ୍ରୀ ସାହୁ ତାଙ୍କର ସାହିତ୍ୟ କୃତି ଉପରେ ଆଲୋକପାତ କରିଥିଲେ । ଉପସ୍ଥିତ ଅନ୍ୟ ସମସ୍ତ ଲେଖିକାମାନେ ସେ କିପରି ନାରୀମାନଙ୍କ ପାଇଁ ଲେଖନୀ ମାଧ୍ୟମରେ ସେ କିପରି ସବୁ ଲେଖିକାଙ୍କୁ ପ୍ରେରଣା ଦେଇଥିଲେ ତାହା ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ଗାଳ୍ପିକା ପୁଷ୍ପାଞ୍ଜଳି ନାୟକ, କବି ଦୀପ୍ତି ଦାସ, କବି ଜ୍ୟୋତ୍ସ୍ନା ରାୟ, କଲ୍ୟାଣୀ ନନ୍ଦ, କୃଷ୍ଣା ପ୍ରଧାନ, ଅର୍ଚ୍ଚନା ରଥ ପ୍ରମୁଖ ବୀଣାଅପାଙ୍କ ସହ ସମ୍ପର୍କ, ତାଙ୍କ ସୃଷ୍ଟି ଓ ଓଡିଆ ସାହିତ୍ୟକୁ ତାଙ୍କର ଅନବଦ୍ୟ ଅବଦାନ ସଂପର୍କରେ ଆଲୋଚନା କରିଥିଲେ । ଶେଷରେ ମନସ୍ୱିନୀ ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ବଲାଙ୍ଗୀର ଜିଲ୍ଲାରେ ରବି ଧାନ କ୍ରୟ ମଇ ୧୬ ରୁ

ବଲାଙ୍ଗୀର,୨୭/୦୪ (ନି.ପ୍ର): ବଲାଙ୍ଗୀର ଜିଲ୍ଲାରେ ରବି ଧାନ କ୍ରୟ ନିମନ୍ତେ ଜିଲ୍ଲାପାଳ ଚଂଚଲ୍ ରାଣାଙ୍କ ଅଧକ୍ଷତାରେ ଏକ ବୈଠକ ଆଜି ପୂର୍ବାହ୍ନରେ ଗ୍ରାମ୍ୟ ଉନ୍ନୟନ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ମଇ ମାସ ୧୬ ତାରିଖରୁ ଧାନ କ୍ରୟ ଆରମ୍ଭ ହେବ ବୋଲି ସୂଚନା ଦିଆଯାଇ , ୧୦୦ ଟି ପ୍ୟାକସ, ୬ ଗୋଟି ମହିଳା ସ୍ୱୟଂସେବକ ଗୋଷ୍ଠୀ ସମୁଦାୟ ୧୦୬ ଗୋଟି ଧାନ କ୍ରୟ କେନ୍ଦ୍ର ଧାନ କ୍ରୟ କରିବେ। ରବି ଧାନ ପ୍ରକ୍ରିୟାରେ ଟୋକନ ବ୍ୟବସ୍ଥା କରାଯିବ। ଧାନ କ୍ରୟ କେନ୍ଦ୍ରରେ ସପ୍ତାହରେ ୬ ଦିନ ସକାଳ ୭ ଟା ରୁ ଦିନ ୧୧ ଟା ଏବଂ ଅପରାହ୍ନ ୪ ରୁ ସନ୍ଧ୍ୟା ୬ ଟା ସମୟ ଧାର୍ଯ୍ୟ କରାଯାଇଛି। ଚଳିତ ବର୍ଷ ରବି ଧାନ ପାଇଁ ଜିଲ୍ଲାରେ ୭୧୭୨ ଚାଷୀ ପଞ୍ଜୀକରଣ ହୋଇଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ରବି ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଗ୍ରେଡ ୧ ଧାନ ପାଇଁ କ୍ୱିଣ୍ଟାଲ ପ୍ରତି ୧୯୬୦ ଟଙ୍କା ଧାର୍ଯ୍ୟ ସାଧାରଣ ଧାନର ୧୯୪୦ ଟଙ୍କା ଧାର୍ଯ୍ୟ କରାଯାଇଛି। ଗ୍ରୀଷ୍ମ ପ୍ରବାହ ଓ ପ୍ରାକ୍ ମୌସୁମୀକୁ ଦୃଷ୍ଟିରେ ରଖି ଧାନକ୍ରୟ କେନ୍ଦ୍ର ଗୁଡିକରେ ବିଜୁଳି, ଟାରପୋଲିଂ, ଚାଷିଙ୍କ ପାଇଁ ଆଶ୍ରୟ ସ୍ଥଳ ପ୍ରତି ବିଶେଷ ଗୁରୁତ୍ୱ ଦେବାସହ ଚାଷୀ ଯେପରି ସୁବିଧା ଓ ସହଜରେ ସ୍ୱଚ୍ଛତା ସହ ଧାନ ବିକ୍ରି କରିବେ ସେଥିପ୍ରତି ଯତ୍ନବାନ ହେବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ରବି ଧାନ କ୍ରୟ ପ୍ରକ୍ରିୟାରେ ସମସ୍ତ ସୂଚନା ଯେପରି ଚାଷୀମାନେ ପାଇପାରିବେ ଏହାକୁ ଶୃଙ୍ଖଳିତ କରିବାକୁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ଅନନ୍ତ ନାରାୟଣ ସିଂ ଲାଗୁରୀ, ବଲାଙ୍ଗିର ବିଧାୟକ ପ୍ରତିନିଧି, ଲୋଇସିଙ୍ଗା ବିଧାୟକ ପ୍ରତିନିଧି, ବଲାଙ୍ଗିର ଉପଜିଲ୍ଲାପାଳ ଲମ୍ବୋଧର ଧରୁଆ, ପାଟଣାଗଡ଼ ଉପଜିଲ୍ଲାପାଳ ବିଜୟା ନନ୍ଦ ସେଠି, ଚାଷୀ ପ୍ରତିନିଧି ଜତି ପଧାନ, ସୌମେନ୍ଦ୍ର ପରିଚ୍ଛା, ଯୋଗାଣ ବିଭାଗ, କୃଷି ବିଭାଗ, ଜଳସେଚନ ବିଭାଗ, ସମବାୟ ବିଭାଗ, ଖାଦ୍ୟ ନିଗମ, ନିୟନ୍ତ୍ରିତ ବଜାର କମିଟୀ, ମୁଖ୍ୟ ଯୋଗାଣ ଅଧିକାରୀ ମୀର ରାଜା ଅଲୀ ଜିଲ୍ଲାରେ ରବି ଧାନ କ୍ରୟ ପାଇଁ ପ୍ରାଥମିକ ସୂଚନା ଦେଇଥିଲା ବେଳେ ଶେଷରେ ଅତିରିକ୍ତ ଜିଲାପାଳ ଲାଗୁରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ମହାପ୍ରଭୁଙ୍କ ପରିକ୍ରମା ପ୍ରକଳ୍ପକୁ ନେଇ ମହାରାଜନୀତି ସପକ୍ଷ ଓ ବିପକ୍ଷ ଗୋଷ୍ଠୀର ଗୁପ୍ତ ବୈଠକ

ପୁରୀ,୨୭/୦୪ (ନି.ପ୍ର): ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ନେଇ ମହାରାଜନୀତି ଆରମ୍ଭ ହୋଇଛି । ୩୩୧ କୋଟି ଟଙ୍କାର ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ପାଇଁ ପ୍ରଶାସନ ଚାହୁଁଥିବା ବେଳେ ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ଏହା ବିପଦ ସୃଷ୍ଟି କରିବ ବୋଲି ଅନ୍ୟ ଏକ ଗୋଷ୍ଠୀ ଯୁକ୍ତି ବାଢିଛି । ଦୁଇ ଗୋଷ୍ଠୀ ଏବେ ଭିତରେ ଭିତରେ ଗୁପ୍ତ ବୈଠକ କରିବା ସହ ଆସନ୍ତାକାଲି ପଦଯାତ୍ରାକୁ ଭଣ୍ଡୁର କରିବା ପାଇଁ ଯୋଜନା ଚାଲିଛି । ଗତ ନବକଳେବର ସମୟରେ କୋଟି କୋଟି ଟଙ୍କା ପୁରୀ ସହରର ଉନ୍ନତିକରଣ ପାଇଁ ଖର୍ଚ୍ଚ ହୋଇଥିଲେ ମଧ ଗ୍ରାମୀଣ ସହର ଭାବେ ସେହିପରି ରହିଅଛି । ବିଭିନ୍ନ ଯୋଜନାରେ ଶ୍ରୀକ୍ଷେତ୍ରକୁ ଆସୁଥିବା କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ ସହରବାସୀ, ତୀର୍ଥଯାତ୍ରୀ ଓ ପର୍ଯ୍ୟଟକମାନେ ମୌଳିକ ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି । ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ଅନେକ ସଂଗଠନ ଶ୍ରୀମନ୍ଦିର ସୁରକ୍ଷା ପାଇଁ ଅଂଟା ଭିଡ଼ିଛନ୍ତି । ତାଙ୍କୁ ଟକ୍କର ଦେବା ପାଇଁ ସପକ୍ଷବାଦୀ ସଂଗଠନ ବିନା କାରଣରେ ବଡ଼ଦାଣ୍ଡରେ ବସିବେ ବୋଲି ଆୟୋଜନ କରିଛନ୍ତି । ମନ୍ଦିର ବଞ୍ଚାଓ ଆନ୍ଦୋଳନକୁ ପୁରୀ ଓକିଲ ସଂଘ ପୂର୍ଣ୍ଣ ସମର୍ଥନ କରିଛି । ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ କାହିଁକି ମହିଳାମାନେ ପ୍ରତିବାଦକୁ ଆସୁଛନ୍ତି ତାକୁ ନେଇ ଏବେ ସହରରେ ଚର୍ଚ୍ଚା ଚାଲିଛି । ବିଭିନ୍ନ ଗୋଷ୍ଠୀକୁ ହାତବାରେସି କରି ସତ୍ୟକୁ ଲୁଚାଇବା ପାଇଁ ବିଭିନ୍ନ ପ୍ରୟାସ କରାଯାଉଛି ବୋଲି ସହରରେ ଆଲୋଚନା ହେଉଛି । ଅନ୍ୟପକ୍ଷରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଏହାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଭିଡ଼ିଓ ବାର୍ତାରେ ଜଣାଇଛନ୍ତି ଯେ ତାଙ୍କ ସମର୍ଥକମାନେ ଏହି ପଦଯାତ୍ରାରେ ସାମିଲ ନହୋଇ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ନିବେଦନ କରିଛନ୍ତି । ଶ୍ରୀମନ୍ଦିର ସୁରକ୍ଷା ଅନୁଷ୍ଠାନର ଆବାହକ ବିନୟ ନୃସିଂହ ମହାପାତ୍ର ତାଙ୍କ ଗୋଷ୍ଠୀଙ୍କୁ ଧରି ପଦଯାତ୍ରାରେ ସାମିଲ ହେବା ପାଇଁ ପାକ ଯୋଜନା ପ୍ରସ୍ତୁତ କରିଥିବାବେଳେ ଶେଷ ମୁହୂର୍ତରେ ଜଗନ୍ନାଥ ଦର୍ଶନ ପାଇଁ ଭକ୍ତ ଆସିବା ମୌଳିକ ଅଧିକାର ବୋଲି ସେ କହିଛନ୍ତି । ଦୁଇଟି ସଂଗଠନ ଶୋଭାଯାତ୍ରା ପାଇଁ ଜିଲ୍ଲାପାଳଙ୍କୁ ଅନୁମତି ମାଗିଥିବା ବେଳେ କାହାକୁ ମିଳିନଥିବା ଆଶଙ୍କା କରାଯାଉଛି । କେତେକ କଥାକଥିତ ବ୍ୟକ୍ତି ନିଜ ପ୍ରଶାସନ ସପକ୍ଷରେ ପ୍ରାୟୋଜିତ ବକ୍ତବ୍ୟ ଦେଇ ସମର୍ଥନ କରୁଥିବା ବେଳେ ତାଙ୍କୁ ଅନେକ ବିରୋଧ କରୁଥିବା ଚର୍ଚ୍ଚା ହେଉଛି । ଅପରାଜିତାଙ୍କ ପଦଯାତ୍ରାକୁ ନେଇ ପୋଲିସ ତୀକ୍ଷ୍ଣ ଦୃଷ୍ଟି ରଖିଛି ।

# ଅଘୋଷିତ ବିଦ୍ୟୁତ କାଟ ନେଇ ଜନଅସନ୍ତୋଷ ବୃଦ୍ଧି

ଭୁବନ,୨୭/୦୪ (ନି.ପ୍ର): ଭୁବନ ଅଂଚଳରେ ଗତ କିଛିଦିନ ହେଲା ତାପମାତ୍ରା ୪୦ ଡିଗ୍ରୀ ରହୁଥିବା ବେଳେ ଅଗ୍ନିବର୍ଷା ହେଲା ଭଳି ଲାଗୁଛି । ପ୍ରଚଣ୍ଡ ରୌଦ୍ର ତାପ ବେଳକୁ ଅଘୋଷିତ ବିଦ୍ୟୁତ କାଟ ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଉଛି । ରାଜ୍ୟ ସରକାର ଆଦୌ ବିଦ୍ୟୁତ କାଟ ନକରିବାକୁ ବିଦ୍ୟୁତ ବିତରଣ କମ୍ପାନୀଙ୍କୁ ନିର୍ଦ୍ଦେଶ ଦେଇଥିବାବେଳେ ଭୁବନ ଅଂଚଳରେ ଘନ ଘନ ବିଦ୍ୟୁତ କାଟ ଚାଲିଛି। ପ୍ରତିଦିନ ୧ ଘଂଟା ପାୱାର କଟ୍ ହେଉଥିବାବେଳେ ଦୈନିକ ପ୍ରାୟ ୮/୧୦ ଥର ୧୦/୧୫ ମିନିଟ ବିଦ୍ୟୁତ କାଟ ହେଉଛି । ଏଥିଯୋଗୁ ଜନସାଧାରଣ ଗୁଳୁଗୁଳିରେ ସନ୍ତୁଳି ହେଉଛନ୍ତି ଓ ବିଦ୍ୟୁତ ବିଭାଗକୁ ଗାଳି ମଧ କରୁଛନ୍ତି । ଭୁବନରେ ସପ୍ତାହେ ହେଲା ୪୦ ଡିଗ୍ରୀରୁ ଉପରେ ତାପମାତ୍ରା ରହୁଥିବାରୁ ଦିନ ୧୦ ଘଟିକା ପରଠାରୁ ବଜାର ଫାଙ୍କା ହୋଇଯାଉଛି । ଗ୍ରୀଷ୍ମ ପ୍ରବାହ ସାଙ୍ଗକୁ ବିଦ୍ୟୁତ କାଟ ଯୋଗୁ ଜନସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଉଛି । ଭୁବନ ନଗରପାଳ ଏ ସଂପର୍କରେ ବହୀତ ପଦକ୍ଷେପ ନେବାକୁ ଦାବି ହୋଇଛି ।

# ବିଏସଏଫ ତରଫରୁ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନି ସହ ଡଗ ସୋ

ଜୟପୁର,୨୭/୦୪ (ନି.ପ୍ର): ଜୟପୁର ବିକ୍ରମ ଦେବ ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ମଙ୍ଗଳବାର ବିଏସଏଫ କୋରାପୁଟ ତରଫରୁ ଅସ୍ତ୍ରଶସ୍ତ୍ର ପ୍ରଦର୍ଶନି ସହ ଡଗ ସୋ କାଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଆଜାଦି କା ଅମୃତ ମହୋତ୍ସବର ଅବସରରେ ବିଏସଏଫ ତରଫରୁ ଏହି କାଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି କାଯ୍ୟକ୍ରମରେ ବିଏସଏଫ କୋରାପୁଟର ଡିଆଇଜି ମଦନ ଲାଲ, ୧୫୧ ବିଏସଏଫ ବାଲାଲିୟନର କମାଣ୍ଡେଣ୍ଟ ଅଜୟ କୁମାର, ୧ ପ୍ରଥମ ଓଡିଶା ଇନଫେଣ୍ଟରି କମ୍ପାନୀର କଣ୍ଡଲ ନବିନ ପରାସର, କଲେଜ ଅଧକ୍ଷ ଗୋପାଳ ହାଲଦାର ପ୍ରମୁଖ ଉପସ୍ଥିତ ଥିଲେ । ଅସ୍ତ୍ର, ଶସ୍ତ୍ର ସହ ଦେଶର ସୁରକ୍ଷା ପାଇଁ ଆବଶ୍ୟକ ସ୍ୱତନ୍ତ୍ର ଉପକରଣ ଯନ୍ତ୍ରପାତିକୁ ପ୍ରଦର୍ଶନ କରିଥିଲେ । ଏହି ଅବସରରେ ବିଏସଏଫର ବିଭିନ୍ନ ଅସ୍ତ୍ର ଯେପରିକି ଛୋଟ ଯୁଦ୍ଧ ହତିୟାର, ଆସଲଟ ରାଇଫଲ ଯେପରିକି ହେଣ୍ଡ ଗ୍ରେନଡ, ଅନଣ୍ଡର ବେରଲ ଗ୍ରେନେଡ ଲଞ୍ଚର, ମୋଟରସ, ଲାଇଟ ମେସିନ ଗନସ, ମିଡିୟମ ମେସିନ ଗନସ, ହେଣ୍ଡ ହେଲଡ ମେଟଲ ଡିଟେକଟର, ଥର୍ମାଲ ଇମାଜିଙ୍ଗ ଡିଭାଇସ, ଲାଇଟ ଭିଜନ ଇକ୍ୟୁପମେଣ୍ଟ ପ୍ରଦର୍ଶନ କରାଯାଇଥିଲା । ଏହା ଛଡା କଲେଜ ପରିସରରେ ଡଗ ସୋ ଆୟୋଜନ କରାଯାଇଥିଲା । ୫ଟି କୁକୁର ବିଭିନ୍ନ କୌଶଳ ପ୍ରଦର୍ଶନ କରିଥିଲେ, ଯାହାର ଉଦ୍ଦେଶ୍ୟ ଥିଲା ଛାତ୍ର ଛାତ୍ରୀ ମାନେ ବିଏସଏଫ ଜବାନ ମାନେ କିପରି ଦେଶକୁ ସୁରକ୍ଷା କରୁଛନ୍ତି ଏଥି ସହ କୁକୁର ମାନଙ୍କୁ କିପରି ସିକ୍ୟୁରିଟି ଫୋର୍ସ ହିସାବରେ ତାଲିମ ଦିଆଯାଇଛି ତାହା ଛାତ୍ର ଛାତ୍ରୀ ମାନଙ୍କୁ ଅବଗତ କରାଯାଇଥିଲା । ଡିଆଇଜି ମଦନ ଲାଲ ଛାତ୍ର ଛାତ୍ରୀ ମାନଙ୍କୁ ଦେଶର ସୁରକ୍ଷା ପାଇଁ କିପରି ନୂତନ ଅସ୍ତ୍ର ଶସ୍ତ୍ର ନୂତନ ଜ୍ଞାନ କୌଶଳ ସହ ବାହାରିଛି ଏବଂ ଏହା ଦେଶର ସୁରକ୍ଷା ପାଇଁ କିପରି ବ୍ୟବହୃତ ହେଉଛି ତାହା ସଚେତନ କରିଥିଲେ । ଅସ୍ତ୍ର ଶସ୍ତ୍ର ପ୍ରଦର୍ଶନି ଓ ଡଗ ସୋ ଦ୍ୱାରା ଆଗାମୀ ପିଢି ଯେପରି ବିଏସଏଫକୁ ନିଜର କେରିୟର ରୂପେ ଗଢି ତୋଳିବେ ସେ ନେଇ ବୁଝାଇଥିଲେ । ଏହି କାଯ୍ୟକ୍ରମ ଦେଖି ଛାତ୍ର ଛାତ୍ରୀ ମାନେ ଉତ୍ସାହିତ ହୋଇଥିଲେ । ଦିନ ଥିଲା ସାରା ରାଜ୍ୟରେ ଯଦି ମାଓଗଡ କଥା ଉଠେ ତାହା ହେଲେ ଅବିଭକ୍ତ କୋରାପୁଟ ଜିଲାର ନାମ ଚହଳ ସୃଷ୍ଟି କରୁଥିଲା । କିନ୍ତୁ, ବିଗତ ଦିନର ଚିତ୍ର ଏବଂ ଆଜିର ଚିତ୍ର୍ ଭିନ୍ନ । କିଛି ବର୍ଷ ପରେ କେନ୍ଦ୍ର ସରକାରଙ୍କ ଦ୍ୱାରା ସୀମା ସୁରକ୍ଷା ବଳକୁ କୋରାପୁଟ ଜିଲାରେ ନିୟୋଜିତ କରାଗଲା ତା ପରେ ବର୍ତମାନ କୋରାପୁଟ ଜିଲାକୁ ଆଉ ମାଓ ଗଡ ନୁହେଁ ମାଓ ମୁକ୍ତ ଗଡ ଭାବେ ଗଣିତ କରାଯାଇଛି । ଜୟପୁର କଲେଜରେ ଆୟୋଜିତ କାଯ୍ୟପରେ ଯେଉଠି ଯୁବ ପିଢୀଙ୍କୁ ନିଜ ଦେଶର ସୁରକ୍ଷା ଏବଂ ସୀମାରେ ଯୋଗ ଦେବା ପାଇଁ ଆକୃଷ୍ଟ କରିବା ପାଇଁ ଅତ୍ୟାଧୁନିକ ଗୁଳିଗୋଳାକୁ ନେଇ ପ୍ରଦର୍ଶନ ହୋଇଥିଲା । ଯବାନଙ୍କ ଏଭଳି ପ୍ରଦର୍ଶନକୁ ଛାତ୍ର ଛାତ୍ରୀ ସ୍ୱାଗତ କରିଛନ୍ତି । ଏହି ବିଏସଏଫ ମଧ ଅନ୍ୟ କେତେକ କାର୍ଯ ଯେପରି ସିଭିକ ଆକ୍ସନ ପ୍ରୋଗ୍ରାମ, ସ୍ୱାସ୍ଥ୍ୟ ଶିବିର, ସଚେତନତା କାଯ୍ୟକ୍ରମ, ଖେଳ କୁଦ, ଯୁବ ପିଢିକୁ ଖେଳ ସାମଗ୍ରୀ ଯୋଗାଇଦେବା ଆଦି କାଯ୍ୟ କରୁଛି।

# ମିଳିତ ଜନ ଶୁଣାଣୀରେ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା,୨୭/୦୪ (ନି.ପ୍ର): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଚଳିତ ମାସ ୧୮ ତାରିଖରୁ ବ୍ଲକ ସ୍ତରରେ ମିଳିତ ଜନ ଶୁଣାଣୀ ଶିବିର ଆରମ୍ଭ କରାଯାଇଛି । ୨୫ ତାରିଖରେ ରାଜନଗର ବ୍ଲକ ତାଳଚୁଆ ପଂଚାୟତରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା । ଏଥିରେ ଅନଲାଇନ ରେ ଆବେଦନ କରିଥିବା ୨ଜଣଙ୍କ ମଧ୍ୟରୁ ଜଣକୁ ବିଧବା ଭତା ଓ ରକ୍ତହିନତା ଭୋଗୁଥିବା ଭିନ୍ନକ୍ଷମଙ୍କୁ ତତ୍କ୍ଷଣାତ ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା ଭତା ମଞ୍ଜୁର କରିଥିଲେ । ଏହା ସହ ତାଳଚୁଆର ୮୦ ବର୍ଷରୁ ଅଧିକ ହରେକୃଷ୍ଣ ଦଳପାଳ ଓ ରୋହିନୀ ବେଗ ଙ୍କୁ ୭୦୦ ଟଙ୍କା ଭତା ଆରକ୍ଷୀ ଅଧିକ୍ଷକ ଓ ପଂଚାୟତ ସମିତି ଅଧକ୍ଷା ପ୍ରଦାନ କରିଥିଲେ ।

# ହରିହରାନନ୍ଦ ବାଳାଶ୍ରମରେ ନୈତିକ ଶିକ୍ଷା ଶିବିର ସଂକଳ୍ପ ଉଦ୍ୟାପିତ

କେନ୍ଦ୍ରାପଡ଼ା,୨୭/୦୪ (ନି.ପ୍ର): କେନ୍ଦ୍ରାପଡା ବ୍ଲକ୍ ଅର୍ନ୍ତଗତ କେଶପୁର ପଂଚାୟତର ଅରୁଆ ଗ୍ରାମରେ ଅବସ୍ଥିତ ହରିହରାନନ୍ଦ ବାଳାଶ୍ରମରେ ପ ଦିବସୀୟ ନୈତିକ ଶିକ୍ଷା ଶିବିର 'ସଂକଳ୍ପ' ରବିବାର ଉଦ୍ୟାପିତ ହୋଇଛି । ଉଦ୍ୟାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କେନ୍ଦ୍ରାପଡା ଜିଲା ପୁଲିସ ଉପ ନିରୀକ୍ଷକ କୃଷ୍ଣ ପ୍ରସାଦ ମିଶ୍ର ଛାତ୍ରଛାତ୍ରୀମାନେ ନୈତିକ ଶିକ୍ଷା ଦ୍ୱାରା ସଂସ୍କାରିତ ହେଲେ ସମାଜ ଅନେକ ପରିମାଣରେ ଉପକୃତ ହେବ ବୋଲି କହିବା ସହିତ କାମ, କ୍ରୋଧ, ଲୋଭ, ଅହଂକାର ଆଦି ବନ୍ଧନରୁ ମଣିଷ ମୁକ୍ତ ହୋଇପାରିଲେ ଈଶ୍ୱରୀୟ ସ ।କୁ ଅନୁଭବ କରିପାରିବ ବୋଲି ମତବ୍ୟକ୍ତ କରିଥିଲେ । ପ୍ରଜ୍ଞାନ ମିଶନର ବରିଷ୍ଠ ସନ୍ଥ ସ୍ୱାମୀ ସମର୍ପଣାନନ୍ଦ ଗିରି ଆହାର ବିଷୟରେ ବୁଝାଇବାକୁ ଯାଇ ହିତାହାର, ମିତାହାର ଓ ଯୁକ୍ତାହାର ଦ୍ୱାରା ଆହାରରେ ସଂଯମତା ଆଣିପାରିଲେ ଏହା ସୁସ୍ଥ ଶରୀର ଓ ସୁସ୍ଥ ମନ ଗଠନରେ ସହାୟକ ହୋଇପାରିବ ବୋଲି ପରାମର୍ଶ ଦେଇଥିଲେ । ପଂଚ ଦିବସୀୟ ଶିବିରରେ ଭଲ ମଣିଷଟିଏ ହେବା, ଆଦର୍ଶ ଛାତ୍ର ଜୀବନ, ଶ୍ରେୟ ଓ ପ୍ରେମ, ପ୍ରକୃତ ବନ୍ଧୁ, ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଇତ୍ୟାଦି ବିଷୟବସ୍ତୁ ଆଧାରରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନୈତିକ ମୂଲ୍ୟବୋଧ ଜାଗ୍ରତ କରିବା ପାଇଁ ପ୍ରଚେଷ୍ଟା କରାଯାଇଥିଲା । ଏହା ସହିତ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଚିତ୍ରକଳା, ନୃତ୍ୟ, ସଂଗୀତ, ବକ୍ତୃତା, ଦଳଗତ ଆଲୋଚନା ଓ ଉପସ୍ଥାପନା, ଗୀତା ଆବୃତି, ପ୍ରଶ୍ନୋତର ଓ ଖେଳକୁଦ ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା ।

# ସରପଂଚଙ୍କ କାର୍ଯ୍ୟକଳାପରେ ଅଙ୍ଗନବାଡି କର୍ମୀ ଅସନ୍ତୁଷ୍ଟ

ଗଞ୍ଜାମ,୨୭/୦୪ (ନି.ପ୍ର): ଶେରଗଡ ବ୍ଲକ ପିତଳ ପଂଚାୟତର ନବନିର୍ବାଚିତ ସରପଂଚ ଆଇସିଡିଏସ ତଥା ଅଂଗନବାଡି କାର୍ଯ୍ୟକ୍ରମ ସଂପର୍କରେ କୌଣସି ଧାରଣା ତଥା ନୀତିନିୟମ ବିଷୟରେ ଅଜ୍ଞ ଥିବା ସତ୍ୱେ ପିତଳର ଅଂଗନବାଡି କର୍ମୀଙ୍କ ବିରୁଦ୍ଧରେ ମିଥ୍ୟା ଆରୋପ କରି ଶେରଗଡ ସିଡିପିଓ ଓ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ । ଏହା ଜାଣିପାରି ଅଲ୍ ଓଡିଶା ଅଂଗନବାଡି ଲେଡିଜ ୱାର୍କରସ୍ ଏସୋସିଏସନ ବ୍ଲକ ସଭାପତି ରଂଜିତା ରଥ, ଉପଦେଷ୍ଟା ପୁଷ୍ପାଞ୍ଜଳି ପଣ୍ଡା, ନମିତା ବେହରା, ଏ.ସୁଜାତା, କାଦମ୍ବରୀ ନାୟକ, ମନିଷା ନାଏକ, ସୁଦେଷ୍ଣା ତ୍ରିପାଠି, ବାସନ୍ତୁ ସାହୁ, ବବିତା ପାତ୍ର ଓ ସଂଧ୍ୟାରାଣୀ ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଶେରଗଡ ସିଡିପିଓ, ବ୍ଲକ ଚେୟାରମ୍ୟାନ୍ ଓ ବିଡିଓଙ୍କୁ ସାକ୍ଷାତ କରି ଏହାର ପ୍ରତିବାଦ କରିଛନ୍ତି । ସରପଂଚ ଓ ପଂଚାୟତ ସଂପାଦକଙ୍କ ଏତାଦୃଶ କାର୍ଯ୍ୟକୁ ସିଡିପିଓ, ଚେୟାରମ୍ୟାନ୍ ଓ ବିଡିଓ ନାପସନ୍ଦ କରିଥିବା ଜଣାପଡିଛି ।

# ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ

ମାଲକାନଗିରି,୨୭/୦୪ (ନି.ପ୍ର): କାଲିମେଳା ସରକାରୀ ଉଚ୍ଚ ବିଦ୍ୟାଳୟ ତଥା ସ୍ମାର୍ଟ ସ୍କୁଲ ପରିସର ମଧ୍ୟରେ ପ୍ରଥମ ଥର ପାଇଁ ଜିଲ୍ଲାସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଦର୍ଶନୀରେ ଜିଲ୍ଲାର ୭ଟି ଯାକ ବ୍ଲକରୁ ମୋଟ ୪୨ଟି ପ୍ରକଳ୍ପ ସ୍ଥାନ ପାଇଥିଲା । ପ୍ରତି ବ୍ଲକରୁ ୬ଟି ଲେଖାଏଁ ପ୍ରକଳ୍ପ ଜିଲ୍ଲାସ୍ତରକୁ ମନୋନୀତ ହୋଇଥିଲା । ଆଜି ପୂର୍ବାହ୍ନରେ ବ୍ଲକ୍ ଅଧକ୍ଷା ସୁବାସିନୀ ସୋଢ଼ି ଏହାକୁ ଉଦଘାଟନ କରିଥିଲେ । ସେହିପରି ଅପରାହ୍ନରେ ଅନୁଷ୍ଠିତ ଉଦଯାପନ ସମାରୋହରେ କାଲିମେଳା ମେଡିକାଲର ଡାକ୍ତର ଆବିଦ ହୁସେନ ଖାନ୍ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ସମ୍ମାନିତ ଅତଥି ଭାବରେ ଅବସରପ୍ରାପ୍ତ ବିଜ୍ଞାନ ନିରୀକ୍ଷକ କୃଷ୍ଣଚନ୍ଦ୍ର ବେବର୍ଷା, ମାଲକାନଗିରି ବ୍ଲକ୍ ଶିକ୍ଷାଧିକାରୀ କିଶୋର ଚନ୍ଦ୍ର ବେହେରା, ଏବିଇଓ ଚିନ୍ତା ହରଣ ମଧୁ, ହାଇସ୍କୁଲର ପ୍ରଧାନଶିକ୍ଷକ ଜଗବନ୍ଧୁ ଶତୃଶଲ୍ୟ ପ୍ରମୁଖ ଯୋଗଦେଇଥିଲେ । ଏଥିରେ ଜିଲ୍ଲା ଶିକ୍ଷାଧିକାରୀ ମାନସ କୁମାର ଜେନା ସଭାପତିତ୍ୱ କରିଥିଲେ । ସେହିପରି ମଂଚ ପରିଚାଳନା କରିଥିଲେ ବରିଷ୍ଠ ବିଜ୍ଞାନ ଶିକ୍ଷକ ସନ୍ଦୀପ୍ତ ଦାଶ । ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଖଇରପୁଟ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଦେବରାଜ ସେଠୀ । ଏହି ବିଜ୍ଞାନ ପ୍ରଦର୍ଶନୀରେ ଶ୍ରେଷ୍ଠ ୬ଟି ପ୍ରକଳ୍ପକୁ ରାଜ୍ୟସ୍ତରକୁ ମନୋନୀତ କରାଯାଇଥିଲା । ସେଥି ମଧ୍ୟରେ ସରକାରୀ ଉଚ୍ଚ ବିଦ୍ୟାଳୟ ପଡିଆର ମୁକ୍ତି ମୁଲି, କୋରୁକୋଣ୍ଡା ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୀପିକା ସ୍ୱଇଁ, ଏମଭି - ୭୯ ସାବେରୀ ବିଦ୍ୟାପୀଠର ମୃୟା ବେଟୀ, ଏମଭି - ୭ ଜଗନ୍ନାଥପାଲୀ ଉଚ୍ଚ ବିଦ୍ୟାଳୟର ଅଙ୍କିତା ସାହା, ମାଲକାନଗିରି ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ରୋହନ କୁମାର ଏବଂ କୁଡୁମୁଲୁଗୁମ୍ମା ବ୍ଲକ୍ କଣ୍ଡେଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ର ଧନେଶ୍ୱର ଦୋରାଙ୍କ ବିଜ୍ଞାନ ପ୍ରକଳ୍ପ ରହିଛି । ଏହି ପ୍ରକଳ୍ପ ଗୁଡ଼ିକୁ ବିଜ୍ଞାନ ଶିକ୍ଷକ ଝୁମା ମଣ୍ଡଳ ଓ ଆଲୋକ କୁମାର ନନ୍ଦ ପରିଦର୍ଶନ କରି ମୂଲ୍ୟାୟନ କରିଥିଲେ । କୁଡୁମୁଲୁଗୁମ୍ମା ବ୍ଲକ ସୋମନାଥପୁର ପଚାଂୟତର ଦୁର୍ଗମ ଆଦିବାସୀ ଗ୍ରାମ କଣ୍ଡେଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ପ୍ରଥମ ଥର ପାଇଁ ବିଜ୍ଞାନ ଶିକ୍ଷକ ବସନ୍ତ କୁମାର ରଣାଙ୍କ ତତ୍ୱାବଧାନରେ ଧନେଶ୍ୱର ଦୋରାଙ୍କ ସ୍ୱଟଓ୍ୱାର ଆପ ପ୍ରକଳ୍ପ ରାଜ୍ୟ ସ୍ତରୀୟ ବିଜ୍ଞାନ ମେଳାକୁ ଚୟନ ହୋଇଥିବାରୁ ବ୍ଲକ ଶିକ୍ଷାଧିକାରୀ ସୁଶ୍ରୀ ଗାୟତ୍ରୀ ଦେବୀ ଓ ବ୍ଲକ ଶିକ୍ଷକ ସଂଘ ଖୁସି ବ୍ୟକ୍ତ କରିଥିବାବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଅଭିଭାବକଙ୍କ ମହଲରେ ଖୁସିର ଲହରୀ ଖେଳି ଯାଇଛି ।

# ମଦ ଦୋକାନ ବନ୍ଦ କରିବା ପାଇଁ ମହିଳା ମଣ୍ଡଳର ଦାବି

କେନ୍ଦ୍ରାପଡ଼ା,୨୭/୦୪ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଚକ୍ରୋଡା ପଂଚାୟତ କନ୍ତିଆ ଗ୍ରାମର ଜୟଦୁର୍ଗା, ମା ଦୁର୍ଗା, ଆଖଣ୍ଡଳମଣୀ, ମଣିବାବା ଇତ୍ୟାଦି ମହିଳା ମଣ୍ଡଳର ଶତାଧିକ ସଦସ୍ୟ ମାନେ ମଙ୍ଗଳବାର ଜିଲ୍ଲାପାଳଙ୍କୁ ଭେଟି ତାଙ୍କ ଅଂଚଳରେ ହୋଇଥିବା ମଦ ଦୋକାନ ଓ ଚୋରା ମଦ ଦୋକାନୀକୁ ବନ୍ଦ କରିବା ପାଇଁ ଦାବି କରିଛନ୍ତି । ଏହି ମଦ ଦୋକାନ ହେବାଦ୍ୱାରା ସ୍ଥାନୀୟ ଅଂଚଳର ବହୁବ୍ୟକ୍ତି ମଦ୍ୟପ ହେବା ସହ ସ୍କୁଲ ଓ କଲେଜର ଛାତ୍ରଙ୍କ ଉପରେ ଏହାର କୁପ୍ରଭାବ ବଢିବାରେ ଲାଗିଛି । ନାବାଳକ ମାନେ ମଧ ମଦର ଶିକାର ହେଉଛନ୍ତି । ମଦ ପିଇ ନିଶାଶକ୍ତ ଅବସ୍ଥାରେ ଲୋକମାନେ ମହିଳା ଓ ଝିଅ ମାନଙ୍କୁ ଦୁର୍ବ୍ୟବହାର କରିବା ସହିତ ଅସଭ୍ୟ ଭାଷାରେ ଗାଳି ଗୁଲଜ କରୁଛନ୍ତି । ଏନେଇ ସ୍ଥାନୀୟ ଶତାଧିକ ମହିଳା ବାରମ୍ବାର ସଦର ଥାନା ଓ ଜିଲ୍ଲା ଅବକାରୀ ବିଭାଗକୁ ଅଭିଯୋଗ କଲେ ମଧ କୌଣସି ଫଳ ନମିଳିବାରୁ ମଙ୍ଗଳବାର ଏହି ମହିଳା ମାନେ ଜିଲ୍ଲାପାଳ ଅମୃତ ଋତୁରାଜ ଓ ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣାଙ୍କୁ ଭେଟି ମଦ ଦୋକାନ ଓ ଚୋରା ମଦ ବେପାରୀଙ୍କୁ ବନ୍ଦ ନକଲେ ଜାତୀୟ ରାଜପଥ ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି ।

# ଫୁଲବାଣୀରେ ଜିଲ୍ଲା ବରିଷ୍ଠ ସଚେତନ ନାଗରିକମାନଙ୍କ ଆଲୋଚନା ଚକ୍ର ଅନୁଷ୍ଠିତ

କନ୍ଧମାଳ ,୨୭/୦୪ (ନି.ପ୍ର): ଫୁଲବାଣୀ ବରିଷ୍ଠ ନାଗରିକ ସଂଘର ସଚେତନ ନାଗରିକ ମାନଙ୍କ ର ଏକ ବୈଠକରେ ଜିଲ୍ଲାର ବିଭିନ୍ନ ଦିଗ,ଉପରେ ଆଲୋଚନା କରାଯାଇ ଥିଲା । ଜିଲ୍ଲାର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇ, ବିକାଶ ଓ ଉନ୍ନୟନ ଯୋଜନା ଗୁଡ଼ିକର ସଫଳ ରୂପାୟନ ପାଇଁ ସମସ୍ତେ ଉଦ୍ୟମ କରିବା ଆବଶ୍ୟକତା ରହିଥିବା ଆଲୋଚନା ବୈଠକରେ ସ୍ଥାନ ପାଇଥିଲା । ଏହା ସହିତ ଆସନ୍ତା ମେ ମାସ ମଧ ଭାଗରେ , ଜିଲ୍ଲାର ବରିଷ୍ଠ ନାଗରିକ ସଂଘ ର ଦ୍ୱିବାର୍ଷିକୀ ନିର୍ବାଚନ ଅନୁଷ୍ଠିତ ହେବ । ଉକ୍ତ ନିର୍ବାଚନ ରେ ଜଣେ ଉପଯୁକ୍ତ ସଚେତନ ବରିଷ୍ଠ ନାଗରିକ ଙ୍କୁ ପ୍ରାର୍ଥି ଚୟନ କରିବାକୁ ମତ ପ୍ରକାଶ ପାଇଥିଲା । ଗତ ନିର୍ବାଚନରେ ନିର୍ବାଚିତ ବରିଷ୍ଠ କର୍ମକର୍ତ୍ତା ମାନେ ସେଭଳି କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ କରି ପାରି ନ ଥିବାରୁ , କେତେକ ସ୍ତରରେ ସମାଲୋଚନା ମଧ କରାଯାଇଥିଲା । ସଂଘ ର କାର୍ଯ୍ୟ କାଳ ଶେଷ ହୋଇ ଯାଇଥିଲେ ମଧ , ବିଭିନ୍ନ ଆଳ ଦେଖାଇ ଦାୟିତ ଥିବା କର୍ମକର୍ତ୍ତା ମାନେ , ବହୁ ବରିଷ୍ଠ ସଚେତନ ନାଗରିକ ମାନଙ୍କୁ ଗୁରୁତ୍ୱ ଦିଆ ଯାଉନଥିବା ଅଭିଯୋଗ ମାନ କରାଯାଇଥିଲା । ଦାୟିତ ଥିବା ।କର୍ମକର୍ତ୍ତା ମାନେ ପୁରାତନ ଓ ନୂତନ ସଦସ୍ୟ ଗ୍ରହଣ କରିବାରେ ଅବହେଳା ଓ ପାତର ଅନ୍ତର ନିତି ଅବଲମ୍ବନ କରୁଥିବା ଅଭିଯୋଗ ହୋଇଥିଲା । ବରିଷ୍ଠ ସଚେତନ ନାଗରିକ କମଳାକାନ୍ତ ପାଣ୍ଡେ , ପ୍ରଣବ ମଣ୍ଡଳ , ନବିନ କିଶୋର ପଣ୍ଡା ,ଅମୟ ଦାସ,ବ୍ରଜ ପଟ୍ଟନାୟକ , ବ୍ରହ୍ମାନନ୍ଦ ପାଣିଗ୍ରାହୀ , ବରିଷ୍ଠ ଆଇନଜୀବୀ ବିଜୟ ମହାନ୍ତି , ବିକାଶ ମହାନ୍ତି ,ବିରଞ୍ଚି ପାତ୍ର , ରଥ ,ଓ ପ୍ରମୁଖ ବରିଷ୍ଠ ବ୍ୟକ୍ତି ବିଶେଷ ଆଲୋଚନା ରେ ଭାଗ ନେଇ , ସମସ୍ତଙ୍କ ସହଯୋଗ ରେ ଏକ ବରିଷ୍ଠ ସଂଘ ଗଠନ କରିବା ପାଇଁ ନିଷ୍ପତି ନିଆଯାଇଥିଲା । ସହରର ପ୍ରମୁଖ ବ୍ୟକ୍ତି ଓ ବହୁ ବରିଷ୍ଟ ସଚେତନ ନାଗରିକ ବୈଠକରେ ଯୋଗଦେଇ ,ନିଜର ନିଜର ମତ ସାବ୍ୟସ୍ତ କରିଥିଲେ । ଶେଷରେ ବରିଷ୍ଠ ନାବରିକ ରାଜକିଶୋର ପାଢ଼ୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜୁନ ପ୍ରଥମ ସପ୍ତାହରୁ ଜୟପୁରରୁ ବିମାନସେବା

ଜୟପୁର,୨୭/୦୪ (ନି.ପ୍ର): ଆସନ୍ତା ଜୁନ ପ୍ରଥମ ସପ୍ତାହରୁ ଜୟପୁରରୁ ଉଡାନ ଯୋଜନାରେ ବିମାନ ଉଡିବ ବୋଲି ସୂଚନା ଦେଇଛନ୍ତି କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରାଣାଳୟର ଯୁଗ୍ମ ସଚିବ ଉଷା ପାଢୀ । ମଙ୍ଗଳବାର ଦିନ କୋରାପୁଟ ଗସ୍ତରେ ଆସି ଜୟପୁର ଏୟାରପୋର୍ଟରେ ବିମାନ ଚଳାଚଳ ନେଇ ସମୀକ୍ଷା କରିବା ପରେ ଶ୍ରୀମତୀ ପାଢୀ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ଜୁନ୍ ପ୍ରଥମ ସପ୍ତାହରୁ ଜୟପୁର ଏୟାରଷ୍ଟ୍ରିପ୍ ରୁ ୯ ସିଟ୍ ବିଶିଷ୍ଟ ବିମାନ ଏଠାରୁ ଯାତ୍ରା କରିବ । ଏଠାରୁ ଯାତ୍ରୀମାନେ ଭୁବନେଶ୍ୱର ଓ ବିଶାଖାପାଟଣାକୁ ଯାତ୍ରା କରିପାରିବେ । ଏଥିପାଇଁ ଯାତ୍ରୀଙ୍କୁ ସବ୍‌ସିଡି ମଧ ମିଳିବ ବୋଲି ସେ କହିଛନ୍ତି ।

ଆଜି ଠାରୁ ୨ ଦିନିଆ ଗସ୍ତରେ ଆସିଥିବା ଶ୍ରୀମତୀ ପାଢୀ ମଙ୍ଗଳବାର ସକାଳ ୮.୪୫ ମିନିଟରେ ବିଶାଖାପାଟଣାରୁ ବାହାରି କୋରାପୁଟ ଜିଲା ଚାଟୁଆ ପହଂଚି ସେଠାରେ ସମୀକ୍ଷା କରିବା ପରେ ନନ୍ଦପୁର ବ୍ଲକର ଦୁବ ଗ୍ରାମରେ କଫି ନର୍ସରି ପରିଦର୍ଶନ କରିଥିଲେ । ୫-ଟି ରେ ରୁପାନ୍ତରିତ ପାଡୁା ହାଇସ୍କୁଲ ସହ ମେଡିକାଲ ପରିଦର୍ଶନ କରିଥିଲେ । ସୁକ୍ରିପୁଟ ଓ ଥୁବା ଠାରେ ଏମଜିଏନ ଆରଇଜିଏସ ଯୋଜନାରେ ହୋଇଥିବା ହ୍ରାଇବ୍ରିଟ ପରିବା ଚାଷ ପରିଦର୍ଶନ କରିବା ପରେ ନନ୍ଦପୁର ଠାରେ ମିଶନ ଶକ୍ତ କେନ୍ଦ୍ର ପରିଦର୍ଶନ କରିଥିଲେ । ପରେ ନନ୍ଦପୁର ବାହାରୁ ଜୟପୁର ଏୟାରପୋର୍ଟ ରେ ପହଂଚି ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ । ସମୀକ୍ଷା ସମୟରେ କୋରାପୁଟ ଜିଲ୍ଲାପାଳ ଅହମ୍ମଦ ଅବଦୁଲ ଆକ୍ତର, ପିଡି ହେମକାନ୍ତ ସାୟ, ଏଟିସି ଭୁବନେଶ୍ୱର ସରୋଜ ସାହୁ, ବିମାନ ସେବା ଅଧିକାରୀ ଅରୁଣ କୁମାର ସିଙ୍ଗ, ରାସ୍ତା ଓ ଗୃହ ବିଭାଗର ନିର୍ବାହୀ ଯନ୍ତ୍ରୀ ଭାସ୍କର ସାମନ୍ତରାୟ, ପିଏଆଇଟିଡିଏ ଗୋପିନାଥ ସାରକା ତହସିଲଦାର ପ୍ରଧାନ ଟୁଲ୍ଲି ଆମ୍ମା, ଏସଡିପିଓ ଅରୁପ ଅଭିଷେକ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ସମୀକ୍ଷା ପରେ ଭୁବନେଶ୍ୱର-ଜୟପୁର- ବିଶାଖାପାଟଣା, ଓ ବିଶାପାପାଟଣା- ଜୟପୁର-ଭୁବନେଶ୍ୱର ପ୍ରଥମ ପର୍ଯ୍ୟାୟରେ ଉଡିବ । ୯ ସିଟ୍ ବିଶିଷ୍ଟ ବିମାନ ପ୍ରଥମେ ଉଡିବ । ପରବର୍ତୀ ସମୟରେ ବଡ ବିମାନ ଉଡିବା ନେଇ ସୂଚନା ଦେଇଛନ୍ତି । ଏହାସହ ଏୟାରପୋର୍ଟରେ ସିସି ଟିଭି, ଏଚଏଚଏମଡି, ଡିଏଫଏମଡି, ଏକ୍ସରେ ବେଗ ମେସିନ, କାର ପାର୍କି, ଯାତ୍ରୀ ପ୍ରବେଶ ଓ ପ୍ରସ୍ଥାନ ପଥ, ବାଉଣ୍ଡି ୱାଲ ସହ ପେରିମିଟର ରୋଡ, ଲାଇଟ, ଟ୍ରାଫିକ କଂଟୋଲ, ଗେଟ ଆଦି ସମୀକ୍ଷା କରିଥିଲେ । ଏହାପରେ ବୋରିଗୁମ୍ମା ବ୍ଲକ ଗସ୍ତ କରି ମିଶନ ଶକ୍ତି କାର୍ଯ୍ୟକ୍ରମ ଅନୁଧ୍ୟାନ କରିଥିଲେ । ଏହା ସହ କୋରାପୁଟ ରେ ଆକାଂକ୍ଷି ଜିଲ୍ଲା କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ଆସନ୍ତା କାଲି ଶ୍ରୀମତୀ ପାଢୀ ଶାବର ଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ଦର୍ଶନ କରିବେ । ପରେ ପାଇନ୍ ରିସର୍ଟ ପରିଦର୍ଶନ କରିବା ନେଇ କାର୍ଯ୍ୟକ୍ରମ ରହିଛି ।

# ଅକ୍ଷୟ ତୃତୀୟା ଓ ଚନ୍ଦନଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନର ଜୋରଦାର ପ୍ରସ୍ତୁତି

ପୁରୀ,୨୭/୦୪ (ନି.ପ୍ର): ଅକ୍ଷୟ ତୃତୀୟା ଓ ଚନ୍ଦନଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରସ୍ତୁତି କାର୍ଯ୍ୟ ଯୋରଦାର ଚାଲିଛି । ଅକ୍ଷୟ ତୃତୀୟା ଦିନ ମଧ ୩ରଥ ନିର୍ମାଣ କାର୍ଯ୍ୟ ଶୁଭାରମ୍ଭ ହେବ । ଏହା ସହ ନରେନ୍ଦ୍ର ପୁଷ୍କରଣୀରେ ମହାପ୍ରଭୁଙ୍କ ଏକୋଇଶି ଦିନିଆ ବାହାର ଚନ୍ଦନଯାତ୍ରା ଆରମ୍ଭ ହେବ । ରଥ ନିର୍ମାଣ ପାଇଁ ରାଜା ନଅର ନିକଟ ରଥଖଳାରେ ଛାମୁଣ୍ଡିଆ ଆରମ୍ଭ ହୋଇଛି । ଖରା ତାତିରୁ ରକ୍ଷା ପାଇଁ ଛାମୁଣ୍ଡିଆ ତଳେ ତିନି ରଥର ମହାରଣା, ଚିତ୍ରକାର, କରତି, ରୂପକାରମାନେ ରଥ ନିର୍ମାଣରେ ନିମଗ୍ନ ରହିବେ । ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଦରଜି ସେବକମାନଙ୍କ ଦ୍ୱାରା ଚାନ୍ଦୁଆ ଓ ଅନ୍ୟାନ୍ୟ କାର୍ଯ୍ୟ ଚାଲୁ ରହିଛି । ମଖମଲ କନାରେ ଚନ୍ଦନ ପୁଷ୍କରଣୀ, ଚାପ ଡ଼ଙ୍ଗା ଓ ଅନ୍ୟାନ୍ୟ ସାଜସଜ୍ଜା ପାଇଁ ବିଭିନ୍ନ ସରଞ୍ଜାମ ସିଲେଇ କରାଯାଉଛି । ୧୨ ଜଣ ଦରଜି ସେବାୟତ ଜଣେ ଦରଜି ସେବାୟତ ଦରଜି ସର୍ଦ୍ଦାର ପ୍ରକାଶ ମହାପାତ୍ରଙ୍କ ନିର୍ଦ୍ଦେଶ ରେ କାର୍ଯ୍ୟ କରୁଛନ୍ତି । ଚାନ୍ଦୁଆ ,ଚାପ ମଣ୍ଡଳି, ମାଣ୍ଡି, ମୃଦଙ୍ଗ, ଓଲ୍ଲାର, ଛତି, ତ୍ରାସ, ସୁନା ବିଞ୍ଚଣା,ଶେଜ, ତଲୁଆର ମୁଣି, ରୂପା ବିଞ୍ଚଣା, ଆଲଟ, ବଟୁଆ, ମୁଣି ଆଦି ନିର୍ମାଣ କରିବାରେ ବ୍ୟସ୍ତ ରହିଛନ୍ତି । ମହାପ୍ରଭୁଙ୍କ ଚାପ ପାଇଁ ନରେନ୍ଦ୍ର ପୁଷ୍କରଣୀ ସଜେଇ ହେଉଛି । ନନ୍ଦା ,ଭଦ୍ରା ସହ ବୈଜୟନ୍ତୀ ନୌକା ରଙ୍ଗ କରାଯାଉଛି । ଡ଼ଙ୍ଗାରେ ପଟା ବାଢ଼େଇବା ସହ ପ୍ଲାଇମର ରଙ୍ଗ ଦିଆଯାଉଛି । ପୁଷ୍କରଣୀର ପାଚେରୀ ରଙ୍ଗ କରାଯାଉଛି । ନରେନ୍ଦ୍ର ଚାରିପଟ ସଫା ସୁତରା ରଖାଯାଉଛି ।

# ପୁରୁଣା ପେନସନ୍ ଯୋଜନା ଅଭିଯାନ ନେଇ ପ୍ରସ୍ତୁତି

ନୂଆପଡ଼ା,୨୭/୦୪ (ନି.ପ୍ର): ପୁରୁଣା ପେନସନ୍ ଯୋଜନା ଅଭିଯାନକୁ ବ୍ଲକ୍ ସ୍ତରରେ ତରାନ୍ୱିତ କରିବାକୁ ବିଭିନ୍ନ ବିଭାଗର କର୍ମଚାରୀଙ୍କୁ ନେଇ ଏକ ପ୍ରସ୍ତୁତି ସଭା ସିନାପାଲି ହାଇସ୍କୁଲ ଠାରେ ଅନୁଷ୍ଠିତ ହୋଇଛି । ନୂତନ ପେନସନ୍ ଯୋଜନା ବଦଳରେ ପୁରୁଣା ପେନସନ୍ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ସରକାରଙ୍କୁ ଚାପ ସୃଷ୍ଟି କରିବାକୁ ନୂତନ ପେନସନ୍ ଭୁକ୍ତ ସମସ୍ତ କର୍ମଚାରୀଙ୍କୁ ସଂଗଠିତ କରିବା ପାଇଁ ଆଗାମୀ ନିକଟରେ ବ୍ଲକ ସ୍ତରୀୟ ସମାବେଶ କରିବାକୁ ଆଜି ବୈଠକରେ ନିଷ୍ପତି ନିଆଯାଇଛି । ଏଥିରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପଂଚାୟତିରାଜ୍ ଆଦି ବିଭାଗର ପ୍ରତିନିଧି ମାନେ ଉପସ୍ଥିତ ଥିଲେ । ସଭାରେ ଖଡ଼ିଆଳ ଜୋନାଲ ସଦସ୍ୟ ବୈଷ୍ଣବ ମେହେରଙ୍କ ସହ ଖଗେଶ୍ୱର ନିଆଲ, ପ୍ରକାଶ ମେହେର, ସୂର୍ଯ୍ୟକାନ୍ତ ଭୋଇ, ଖିତିଶ୍ କୁମାର ପାତ୍ର, ଲଳିତ ସୁନାରୀ ପ୍ରମୁଖ ଯୋଗଦାନ କରି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ମଧୁବାବୁ ଓ ମଧୁମାଟି

ସୌମ୍ୟରଞ୍ଜନ ଭୂୟାଁ
ପୂରଣ, ସାଲେପୁର, କଟକ

କାଳିଆ ଘୋଡ଼ାରେ ଚଢ଼ିବି, ମଧୁବାବୁ ସଙ୍ଗେ ଲଢ଼ିବି । ଏହି ଲୋକକଥାଟି ମଧୁବାବୁଙ୍କ ଜୀବନୀଦର୍ଶନରେ ଅନୁପ୍ରାଣିତ ହେବାକୁ ପ୍ରତ୍ୟେକ ଓଡ଼ିଆମାନଙ୍କୁ ଆହ୍ୱାନ କରେ ଓ ଭବିଷ୍ୟତ ଗଢ଼ିବାରେ ପ୍ରେରଣା ଦିଏ।

ତୁମପରି ଛୋଟପିଲାଟିଏ,
ଗାଁ ଗହଳିର ଘଟସିଏ,
ଚେହେରାଟି ତାର ଡଉଲ ଡାଉଲ
ବୁଦ୍ଧିରେ ତାର ସରିକିଏ ?
ବଡ଼ ହେଲା ଦିନେ ସେହି ପିଲା
ମଧୁବାରିଷ୍ଟର ବୋଲାଇଲା
ଦେଶ ପାଇଁ କେତେକାମ କରି ସିଏ
କାଳେ କାଳେ ଯଶ ରଖିଗଲା।

ଏ ପଦ୍ୟାଂଶଟି ମନେପକେଇ ଦିଏ ମଧୁବାବୁଙ୍କ ଗାଁ ପ୍ରୀତି, ଗାଁ ମାଟିର ପାଣି ପବନ, ପିଲାଦିନ, ଦେଶ ଓ ଜାତିର ସୁରକ୍ଷାର ମନୋଭାବ। କେବଳ ମଧୁବାବୁ ମଧୁବାରିଷ୍ଟର, ଶତାବ୍ଦୀର ସୂର୍ଯ୍ୟ, ପଗଡ଼ି ପୁରୁଷ, କୂଳବୃଦ୍ଧ ପରି ଅନେକ ନାମରେ ସେ ପରିଚିତ। ଅବିଭକ୍ତ କଟକ ଜିଲ୍ଲାର, ସାଲେପୁର ଥାନା ଅର୍ନ୍ତଗତ, କଟକ-ଚନ୍ଦବାଲି ରାସ୍ତାଠାରୁ ମାତ୍ର ୩ କି.ମି ଦୂରରେ ଥିବା ପବିତ୍ର ସତ୍ୟଭାମାପୁର ଗ୍ରାମରେ ୧୮୪୮ ମସିହା ଏପ୍ରିଲ ୨୮ ତାରିଖ ଚୌଧୁରୀ ରଘୁନାଥ ଦାସ ଓ ମାତା ପାର୍ବତୀ ଦେବୀଙ୍କ କୋଳମଣ୍ଡନ କରି ଯିଏ ଧରାପୃଷ୍ଠରେ ଆବିର୍ଭାବ ହୋଇଥିଲେ ସେ ଥିଲେ ଗୋବିନ୍ଦ ବଲ୍ଲଭ ଦାସ, ପରବର୍ତ୍ତୀ ସମୟରେ ସେ ପରିଚିତ ହୋଇଥିଲେ ମଧୁସୂଦନ ଦାସ ଓ ପ୍ରତ୍ୟେକ ଓଡ଼ିଆଙ୍କ ଅତିପ୍ରିୟ ମଧୁବାବୁ।

ତୁଳସୀ ଦୁଇପତ୍ରରୁ ବାସିବା ପରି ପିଲାଦିନରୁ ଜଣାପଡ଼ିଥିଲା ଯେ ଗୋବିନ୍ଦ ବଲ୍ଲଭ ଉତ୍କଳର ଜଣେ ବିଚକ୍ଷଣ ଧିସମ୍ପର୍ଣ୍ଣ ମହାନାୟକ ସାଜିବେ ବୋଲି, ଯାହା ତାଙ୍କ ଜୀବନ ଦର୍ଶନରୁ ଜଣାପଡ଼େ ।ଏହିପରି ଏକ ଉଦାହରଣ ଦେବାକୁ ମୁଁ ଉଚିତ ମନେକରେ। ଛଅବର୍ଷ ବୟସରେ ତାଙ୍କ ମା' ପାର୍ବତୀ ଦେବୀ ପୁଅକୁ ଡାକି କହିଲେ "ବାପରେ ଗଲୁ ଆମ ପଡ଼ିଶା ଘରୁ ଟିକିଏ ନିଆଁ ଅଣିବୁ।" ମା'ଙ୍କ ର କଥା ସେତ କେବେ ଅମାନ୍ୟ କରନ୍ତି ନାହିଁ, ପାଖ ଓଡ଼ିଶା ଘରକୁ ଧାଇଁ ଯାଇ ଖଣ୍ଡେ ନିଆଁ ମାଗିଲେ। ଚୁଲିରେ ନିଆଁ ଡହ ଡହ, ଛୋଟ ପିଲାଟା କେମିତି ନେବ? ମାତ୍ର ହାରିବା ଯାହାର ଜାତକରେ ନାହିଁ ସେ କ'ଣ ମୁଣ୍ଡ ନୁଆଁଇବ? ଦୁଇହାତରେ ଆଞ୍ଜୁଳାଏ ବାଲି ନେଇ କହିଲେ ଏବେ ନିଆଁମୁଣ୍ଡାକୁ ଏହି ବାଲି ଉପରେ ରଖିଦିଅନ୍ତୁ କିଛି ହେବ ନାହିଁ। ଛୋଟ ପିଲାଟିର ଏ ବୁଦ୍ଧିଦେଖି ପଡ଼ିଶା ଘରର ଲୋକେ ସେଦିନ ଯେତିକି ଚକିତ ହେଲେ ସେତିକି ଆଶୀର୍ବାଦ ମଧ ଦେଲେ ଏ ବିଚକ୍ଷଣ ବୁଦ୍ଧି ଦେଖି ପଡ଼ିଶାଘରର ବୃଦ୍ଧଟିଏ ଆସି ପାର୍ବତୀ ଦେଇଙ୍କୁ କହିଲେ, "ମା' ! ତୋ ପୁଅଟି ଦିନେ ବଡ଼ ମଣିଷ ହେବ। ମଧୁବାବୁଙ୍କ ସାହସ ଓ ବିଚକ୍ଷଣତା ଏହିପରି ପିଲାଦିନରୁ ହିଁ ସେ ଦେଖାଇଥିଲେ। ଦଶହରା ଛୁଟିରେ ସାଙ୍ଗମାନଙ୍କୁ ଏକତ୍ରିତ କରି ଗାଁ ରାସ୍ତାକୁ ସମତୁଲ କରିବାପରେ ସେ ଅଞ୍ଚଳବାସୀ ତାଙ୍କୁ ସେଦିନ ଯେପରି ଅଜସ୍ର ଆଶୀର୍ବାଦ ଅଜାଡ଼ି ଦେଇଥିଲେ, ସେ ଦିନକୁ ଭୁଲିବାର ନାହିଁ। ସେ ଥିଲେ ଏକାଧାରରେ ଶିକ୍ଷକ, ସୁଦକ୍ଷ ଓକିଲ, ଅନୁବାଦକ, ଲେଖକ ଓ କର୍ମଯୋଗୀ, ୧୮୮୨ ଉତ୍କଳ ସଭାର ଗଠନ, ୧୮୮୫ ସମ୍ବଲପୁର କଚେରୀରୁ ଓଡ଼ିଶା ଭାଷା ବିଲୋପ ଷଡ଼ଯନ୍ତ୍ର ଓ ଏହାର ପ୍ରତିପାଦ, ୧୮୮୬ ଦ୍ୱିତୀୟ ଜାତୀୟ କଂଗ୍ରେସ ଅଧିବେଶନରେ ଯୋଗଦାନ, ୧୮୮୭ ଶ୍ରୀ ମନ୍ଦିର ମକଦ୍ଦମାର ସଂଚାଳନା, ୧୮୮୭ କଟକଠାରେ ପ୍ରଥମ ରଙ୍ଗମଞ୍ଚ ସ୍ଥାପନ, ଶାସ୍ତ୍ରୀୟ ଓ ଓଡ଼ିଶୀ ସଙ୍ଗୀତ ଆସରର ଅୟୋଜନ, ୧୮୮୮ ବଙ୍ଗଲାଟଙ୍କ ପାଖେ ଦେଶ ମିଶ୍ରଣର ଦାବି, ୧୮୯୭ ବିଲାତ ଯାତ୍ରା। ଲଣ୍ଡନରେ ଓଡ଼ିଶାର ସ୍ୱଦେଶୀ ଶିଳ୍ପ ପ୍ରଦର୍ଶନୀ ଏହିପରି ଉତ୍କଳ ପ୍ରଦେଶର ସୁନାମ ଓ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନରେ କରିବାର ଲକ୍ଷ୍ୟକୁ ସେ ଜୀବନର ବ୍ରତ ଭାବେ ବାଛି ନେଇଥିଲେ। କିନ୍ତୁ ଜୀବନ ବ୍ୟାପୀ ଅର୍ଥନୈତିକ, ରାଜନୈତିକ, ପ୍ରଶାସନିକ ଓ ସାମାଜିକ ବିପ୍ଲବର ସୁଫଳ ଦେଖିବାର ପରମ ସୌଭାଗ୍ୟ କିନ୍ତୁ ତାଙ୍କୁ ପ୍ରାପ୍ତ ହୋଇପାରିନଥିଲା। ତାଙ୍କ ମୃତ୍ୟୁର ଦୁଇବର୍ଷ ପରେ ଦେଶ ସ୍ୱାଧୀନ ହେବାର ବାରବର୍ଷ ପୂର୍ବରୁ ୧୯୩୬ ମସିହା ଏପ୍ରିଲ ୧ ତାରିଖରେ ଓଡ଼ିଶା ଏକ 'ସ୍ୱତନ୍ତ୍ର ପ୍ରଦେଶ' ରୂପେ ପ୍ରତିଷ୍ଠିତ ହୋଇପାରିଥିଲା। ଯାହା ଏବେ 'ଉତ୍କଳ ଦିବସ' ରୂପେ ପାଳିତ ହେଉଅଛି। ଯେପରି ଜଗତର ନାଥ ଶ୍ରୀଜଗନ୍ନାଥ ଓ ପୁରୀ ଧାମ ବିଶ୍ୱପ୍ରସିଦ୍ଧ। ସେହିପରି ପ୍ରତ୍ୟେକ ଓଡ଼ିଶା ବାସୀଙ୍କୁ ଲାଗି ମଧୁବାବୁ ଓ ସତ୍ୟଭାମାପୁର ମଧ ବିଶ୍ୱପ୍ରସିଦ୍ଧ। ମଧୁବାରିଷ୍ଟଙ୍କ ଏନ୍ତୁଡ଼ିଶାଳ ଆମଲାଗି କୌଣସି ଏକ ତୀର୍ଥସ୍ଥଳୀଠୁ କମ୍ ନୁହେଁ। ଏହିପରି ଏକ ଚମତ୍କାର ଅନୁଭୂତିକୁ ସାଉଁଟିଛି। ସାଲେପୁରିଆ ହିସାବରେ ସବୁବେଳେ ଆମେ ମଧୁବାବୁଙ୍କ ଲାଗି ଗର୍ବକରୁ। ମଧୁବାବୁ ପଢ଼ିଥିବା ମହାସିଂହପୁର ବିଦ୍ୟାଳୟ ନିକଟସ୍ଥ କିଶିନାପୁର ଗ୍ରାମର ପ୍ରସିଦ୍ଧ ଶୈବପୀଠ ଶ୍ରୀ ଶ୍ରୀ ଘଟେଶ୍ୱରଙ୍କ ପୀଠରେ 'ସଂପର୍କ ସାହିତ୍ୟ ସଂସଦ'ର ବାର୍ଷିକ ଉତ୍ସବରେ ସୁଦୂର ଭଦ୍ରକରୁ ଜଣେ କବି ଓ ଏକ ପତ୍ରିକାର ସଂପାଦକ ମହୋଦୟ ଅତିଥି ରୂପେ ଯୋଗଦେବାର ଥିଲା। କିନ୍ତୁ ଟେଲିଫୋନରେ କହିଥିଲେ ମୁଁ ଆଗେ ମଧୁବାବୁଙ୍କ ଏନ୍ତୁଡ଼ିଶାଳକୁ ଯିବାପରେ ଯାଇ ସାହିତ୍ୟ ଆସରକୁ ଯିବି। ମୁଁ ଓ ମୋ ସହ ଦୁଇଜଣ ଯୁବ ଲେଖକ ତାଙ୍କୁ ମଧୁବାବୁଙ୍କ ତୋରଣ (ସତ୍ୟଭାମାପୁର) ଠାରୁ ଏନ୍ତୁଡ଼ିଶାଳ ପର୍ଯ୍ୟନ୍ତ ପାଛୋଟି ଆଣିଲୁ। ଧୋବ ଫରଫର ପଞ୍ଜାବୀ ଓ ପାଇଜାମା ପିନ୍ଧିଥିବା ସଂପାଦକ ମହୋଦୟ ସେ ମାଟିକୁ ମୁଣ୍ଡଠୁଁ ଗୋଡ଼ ପର୍ଯ୍ୟନ୍ତ ବୋଳି ହୋଇଯିବା ଦେଖି ଯେତିକି ଅଭିଭୂତ ହେଲି ତା'ଠୁ ବେଶି ଖୁସିହେଲି ଆମେ ସେଇ ଅଞ୍ଚଳବାସୀ ହିସାବରେ। ମାଟି ସବୁକୁ ଦେହ ମୁଣ୍ଡ କାହିଁକି ବୋଳିହେଲେ ବୋଲି ପଚାରିବାରୁ ସେପଟୁ ଉତ୍ତର ଥିଲା ଏ ପବିତ୍ର ମାଟିକୁ ଆସିବାକୁ ଏତେ ସମୟଲାଗିଗଲା, ଯଦି ଜୀବନ କାଳ ମଧ୍ୟରେ ଏ ଜାଗା କୁ ଆସିପାରି ନଥାଆନ୍ତି ତାହେଲେ ଏକ ବଡ଼ ଅବଶୋଷ ରହିଯାଇଥାନ୍ତା। ଗଲାବେଳକୁ କିଛି ମାଟିବି ସାଙ୍ଗରେ ନେଇଗଲେ। ଏଥିରୁ ଜଣାପଡ଼େ ପ୍ରତି ଓଡ଼ିଆଙ୍କ ଭୂସ୍ୱର୍ଗରେ ଏ ସତ୍ୟଭାମାପୁର ରହି ଆସିଛି।






ଏବେ ସତ୍ୟଭାମାପୁର ଆଦର୍ଶ ଗ୍ରାମ ରୂପେ ପରିଚିତ। ମଧୁବାବୁଙ୍କ ଅମଳର ନୂଆଁଳିଆ ଚଳଘର (ଏନ୍ତୁଡ଼ିଶାଳ) ଏବେ ମଧ ଅନ୍ତେବାସୀଙ୍କ ଯତ୍ନରୁ ସୌନ୍ଦର୍ଯ୍ୟ ଦ୍ୱିଗୁଣିତ କରେ। (ରସକୁଣ୍ଡ) ନାମରେ ଥିବା ପୁଷ୍କରିଣୀ ଏବେ ପୁନରାଦ୍ଧାର କରାଯାଇଅଛି। ବହୁଦିନର ଦାବୀ ଫଳରେ ସଂଗ୍ରାହଳୟ ଓ ପାଠାଗାର ନିର୍ମାଣ କାର୍ଯ୍ୟ ଆପାତତଃ ଶେଷ। ଆଲୋକାକରଣ, ପାର୍କ ସହ କଲ୍ୟାଣ ମଣ୍ଡପ ମଧ ନିର୍ମିତ ହୋଇଅଛି। ସତ୍ୟଭାମାପୁରକୁ ୨୦୧୭ ମସିହାରେ ନୂତନଗ୍ରାମ ପଞ୍ଚାୟତରେ ମାନ୍ୟତା ମିଳିଛି, କିନ୍ତୁ ମଧୁବାବୁଙ୍କ ଚାଟଶାଳୀ ଯାହା ପରବର୍ତ୍ତୀ ସମୟରେ ୧୯୦୯ ମସିହାରେ ମହାସିଂହପୁର ହାଇସ୍କୁଲ ନାମରେ ନାମିତ ତାହାର ବିଶେଷ ଉନ୍ନତି ହୋଇପାରିନାହିଁ। ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଟ ଏ ପବିତ୍ର ପୀଠକୁ ଆକର୍ଷଣୀୟ ଓ ସ୍ମରଣୀୟ କରିବା ପାଇଁ କେତେକ କାର୍ଯ୍ୟ ହାତକୁ ନେଇଛନ୍ତି କିନ୍ତୁ ଏ ଦିଗରେ ଆହୁରି ଅନେକ କାର୍ଯ୍ୟ ବାକି ରହିଛି। ପରିଶେଷରେ ଏ ଯୁବପିଢ଼ି ହିଁ ଏ ସତ୍ୟଭାମାପୁରର ଭାଗ୍ୟବିଧାତା। ଅତ୍ୟାଧୁନିକ ପରିପାଟୀରେ ବିଭୋର ଯୁବ ସମାଜ ଏକ ଦିଗହରା ଜୀବନ ବିତାଉଛନ୍ତି। ସୋସିଆଲ ମିଡ଼ିଆରେ ଯୁବପିଢ଼ି ଏବେ ଉବୁଡୁବୁ। ମଧୁବାବୁଙ୍କ ଉତ୍ତରଦାୟାଦ ଭାବରେ ଜୀବନ ଜିଇବାକୁ ସେମାନେ କୁଣ୍ଠିତ।

ଜାତି ନନ୍ଦିଘୋଷ ଚଳିବ କି ଭାଇ
ସ୍ୱାର୍ଥକୁ ସାରଥି କଲେ
ଟାଣେ କିରେ ଗାଡ଼ି ଦାନାର ତୋବଡ଼ା
ଘୋଡ଼ା ମୁହେଁ ବନ୍ଧା ଥିଲେ।

ଏ ପଦ୍ୟାଂଶଟି ଆମକୁ ସୂଚେଇଦିଏ ଓଡ଼ିଆ ଜାତିକୁ ମଧୁବାବୁ କେତେ ଭଲପାଉଥିଲେ ସବୁ ସ୍ୱାର୍ଥକୁ ପଛରେ ପକାଇ ଏ ଜାତିକୁ ଆମେ ଟାଣି ନେବାନି ଯଦି ଆଉ କିଏ ନେବ ?

ସେହି ଅସାଧାରଣ ଯୁଗପୁରୁଷ, ଶତାବ୍ଦୀର ମହାନାୟକ, ପ୍ରଜ୍ଞା ପୁରୁଷଙ୍କ ପବିତ୍ରତମ ୧୭୪ତମ ଜୟନ୍ତୀ ଦିବସରେ ଏ ଜାତି ତାର ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଆମେ ଓଡ଼ିଆମାନେ ନିଜକୁ ଗୌରବାନ୍ୱିତ ମନେକରୁଛୁ। ହେ ଜାତିସ୍ମର, ଉତ୍କଳର କାଳଜୟୀ ପୁରୁଷତ୍ତମ ! ତୁମ ପାଦତଳେ କୋଟି କୋଟି ପ୍ରଣାମ ! !

# ଉତ୍କଳର ପ୍ରକୃତ ଗୌରବ ମଧୁବାବୁ



ଓଡ଼ିଶା ଭୂଖଣ୍ଡରେ ଯେଉଁ କେତେ ଜଣ ମହାନ ବ୍ୟକ୍ତିତ୍ୱର ଜନ୍ମ ହୋଇ ଓଡ଼ିଆ ଜାତିର ସ୍ୱାଭିମାନକୁ ଶୀର୍ଷରେ ପହଂଚାଇଛନ୍ତି, ସେମାନଙ୍କ ମଧ୍ୟରୁ ଉତ୍କଳ ଗୌରବ ମଧୁସୂଦନ ଦାସ ବିରଳ ପ୍ରତିଭାର ଅଧିକାରୀ । ୧୮୪୮ ମସିହା ଏପ୍ରିଲ ୨୮ ତାରିଖ କଟକ ଜିଲ୍ଲା ସତ୍ୟଭାମାପୁର ଗ୍ରାମରେ ଗୋଟିଏ ଜମିଦାର ପରିବାରରେ ଜନ୍ମଗ୍ରହଣ କରିଥିବା କାଳଜୟୀ ମଧୁବାବୁଙ୍କ ଆଜି ୧୭୪ତମ ଜନ୍ମଦିବସ । ମଧୁବାବୁଙ୍କ ଜନ୍ମିତ ନାମ ଗୋବିନ୍ଦ ବଲ୍ଲଭ ଦାସ ହୋଇଥିବା ବେଳେ ସେ ନିଜ ଗାଁ ଚାହାଳୀରୁ ପଢ଼ା ସାରି ହାଇସ୍କୁଲ ପାଠ ପଢ଼ିବା ପାଇଁ କଟକ ଆସିଥିଲେ । ଗଭର୍ଣ୍ଣମେଣ୍ଟ ଜିଲ୍ଲା ସ୍କୁଲରେ ମଧୁବାବୁ ନିଜର ହାଇସ୍କୁଲ ଶିକ୍ଷା ସାରି ଉଚ୍ଚ ଶିକ୍ଷା ନିମନ୍ତେ ୧୮୬୪ ମସିହାରେ ତତ୍କାଳୀନ କଲିକତା ବିଶ୍ୱଭାରତୀର ପ୍ରବେଶିକାରେ ଉତ୍ତୀର୍ଣ୍ଣ ହୋଇ ଥିଲେ ମଧ୍ୟ ଅର୍ଥ ସମସ୍ୟା ଯୋଗୁଁ କଲିକତା ଯାଇ ନପାରି କିଛିଦିନ ପାଇଁ ବାଲେଶ୍ୱର ଜିଲ୍ଲା ସ୍କୁଲରେ ଶିକ୍ଷକତା କରିଥିଲେ। ପରବର୍ତ୍ତୀ ସମୟରେ ଶିକ୍ଷକତା ଛାଡ଼ି ସେ କଲିକତା ଯାତ୍ରା କରିଥିଲେ । ଓଡ଼ିଆ ଭାଷାଭାଷୀ ଅଂଚଳକୁ ଏକତ୍ର କରି ଭାଷାଭିତ୍ତିକ ରାଜ୍ୟ ଭାବରେ ଓଡ଼ିଶାକୁ ସ୍ୱତଂତ୍ର ପ୍ରଦେଶ ଗଠନ କରିବାର ସ୍ୱପ୍ନ ଓ ଆଜୀବନ ସଂଗ୍ରାମ ଥିଲା ମଧୁବାବୁଙ୍କ ଜୀବନର ମହତ୍ତ୍ୱପୂର୍ଣ୍ଣ ପ୍ରସଙ୍ଗ । ଏଥିପାଇଁ ସେ ୧୯୦୩ ମସିହାରେ ଗଠନ କରିଥିଲେ ଉତ୍କଳ ସମ୍ମିଳନୀ' । ସମଗ୍ର ଓଡ଼ିଆ ଭାଷା-ଭାଷୀ ଅଂଚଳକୁ ଏକତ୍ର ଓ ଏକ ଶାସନାଧୀନ କରିବା ସହ ଓଡ଼ିଶାର ଶିଳ୍ପ, କଳା, କୃଷି ଓ ବାଣିଜ୍ୟ ଆଦିର ବିକାଶ ସାଧନା ଏବଂ ଭାଷା ଓ ସଂସ୍କୃତିର ସୁରକ୍ଷା ତଥା ଜାତୀୟତାବୋଧର ପ୍ରସାର ଥିଲା ମଧୁବାବୁଙ୍କ 'ଉତ୍କଳ ସମ୍ମିଳନୀ' ଗଠନର ମୂଳ ଓ ମୁଖ୍ୟ ଲକ୍ଷ୍ୟ । ସାମାଜିକ ଓ ଅର୍ଥନୈତିକ ପ୍ରଗତି ବିନା ରାଜନୈତିକ ପ୍ରଗତି ଯେ କଦାପି ସମ୍ଭବ ନୁହେଁ ସେ ଏକଥାକୁ ଗମ୍ଭୀରତାର ସହ ହୃଦୟଙ୍ଗମ କରି ପାରିଥିଲେ । ରାଜ୍ୟର ପ୍ରାୟ ସମସ୍ତେ କୃଷିକାର୍ଯ୍ୟ ଉପରେ ନିର୍ଭର କରୁଥିବାରୁ ମଧୁବାବୁ ସେତେ ବେଳେ ଜମିରେ କୃଷକର ମାଲିକାନା ଏବଂ କୃଷକର ଉନ୍ନତିକୁ ପ୍ରାଧାନ୍ୟ ଦେଇଥିଲେ । ସେହିଭଳି ସମାଜର ସର୍ବାଙ୍ଗିନ ବିକାଶ କରିବାକୁ ହେଲେ ସମାଜର ଅର୍ଦ୍ଧେକ ଅଂଶ ନାରୀ ମାନଙ୍କ ଉନ୍ନତି ନିହାତି ଦରକାର, ଆଉ ଏଥିପାଇଁ ଶିକ୍ଷା ହିଁ ଏକମାତ୍ର ମାଧ୍ୟମ ଭାବି ମଧୁବାବୁ ନାରୀ ଶିକ୍ଷା ସପକ୍ଷରେ ନିଜ ସ୍ୱର ଉତ୍ତୋଳନ କରିଥିଲେ । ଏତଦବ୍ୟତିତ ନାନା ଘାତପ୍ରତିଘାତ ମଧ୍ୟରେ ଓଡ଼ିଆ ଜାତି ଭିତରେ ବଳିଷ୍ଠ ଆତ୍ମପ୍ରତ୍ୟୟ ଜାଗ୍ରତ କରିବାରେ ଉତ୍କଳ ଗୌରବଙ୍କ ଉଦ୍ୟମର ପଟାନ୍ତର ନାହିଁ । ଯେଉଁଥି ପାଇଁ ମଧୁବାବୁ ଉତ୍କଳର ମୁକୁଟବିହୀନ ବାସ୍ତବ ସମ୍ରାଟ ଭାବରେ ସର୍ବଜନବିଦିତ । ଜଣେ ଦକ୍ଷ ଓ ବିଚକ୍ଷଣ ଓକିଲ ଭାବରେ ସେହି ସମୟର ଓଡ଼ିଶାର ବଡ଼ବଡ଼ ମୋକଦ୍ଦମାର ସଫଳ ପରିଚାଳନା ଏ ମାଟିକୁ ଶ୍ରୀମଣ୍ଡତ କରି ପାରିଥିଲା । ସେତେବେଳର ମାନସିଂହ ପାଟଣା ଡକାୟତିଘଟଣା, ଖଣ୍ଡପଡ଼ା ରାଜାଙ୍କ ମୋକଦ୍ଦମା, କେନ୍ଦୁଝର ମେଳି, ପୁରୀ ଜଗନ୍ନାଥ ମନ୍ଦିର ପରିଚାଳନା ଦାୟିତ୍ୱ ପ୍ରସଙ୍ଗ ଆଦି ବହୁ ଚର୍ଚ୍ଚିତ ମୋକଦ୍ଦମରେ ମଧୁବାବୁ ସଫଳତା ଲାଭ କରି ଲୋକପ୍ରିୟତା ଅର୍ଜନ କରିପାରି ଥିଲେ ।

ଓଡ଼ିଆ ଜାତିର ବିକାଶ ସକାଶେ ଓଡ଼ିଶାବାସୀଙ୍କୁ ଅନୁପ୍ରାଣିତ କରିବା ପାଇଁ ମଧୁବାବୁଙ୍କ ସାହିତ୍ୟ ସାଧନା ଜାତି ପାଇଁ ହିଁ ସଦା ଉତ୍ସର୍ଗୀକୃତ ରହିଛି । ମଧୁବାବୁ ଯଥାର୍ଥରେ କହୁଥିଲେ ଯେ ଓଡ଼ିଆ ଜାତି ହେଉଛି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ପରି ସର୍ବ ଶକ୍ତିଶାଳୀ ଓ ମହାନ। ଏହି ଜାତି ରୂପକ ନନ୍ଦିଘୋଷକୁ ଆଗକୁ ଆଗେଇ ନେବାକୁ ହେଲେ ସମସ୍ତେ ନିଃସ୍ୱାର୍ଥପର ଭାବରେ ଏକ ମନ ଏକ ପ୍ରାଣ ହୋଇ କାର୍ଯ୍ୟ କରିଚାଲିବା ଏକାନ୍ତ ଆବଶ୍ୟକ ।

ମଧୁବାବୁ ଓଡ଼ିଆ ଜାତୀୟତାର ପ୍ରମୁଖ ମଂତ୍ରଦାତା । ସେ କେବଳ ସ୍ୱତଂତ୍ର ଓଡ଼ିଶା ଗଠନର କର୍ଣ୍ଣଧାର ନୁହଁନ୍ତି, ଅଧିକନ୍ତୁ ଓଡ଼ିଶାର ଅବହେଳିତ, ନିଷ୍ପେସିତ ଜନତାଙ୍କ ଉନ୍ନତି ନିମନ୍ତେ ତାଙ୍କର ନିଷ୍ଠାପୂର୍ଣ୍ଣ କାର୍ଯ୍ୟଧାରା, ତ୍ୟାଗପୂର୍ଣ୍ଣ ଜୀବନ, ଅନ୍ତର୍ହୀତ ଜାତିପ୍ରୀତିକୁ ଏ ଜାତି କେବେ ଭୁଲିବାର ନୁହେଁ । ଉତ୍କଳର ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଅବହେଳିତ ଓଡ଼ିଆ ଜାତିକୁ ଉଦ୍ଧାର କରି ଏକ ସ୍ୱତନ୍ତ୍ର ପରିଚୟ ଦେଇଥିବା ମଧୁବାବୁ ହେଉଛନ୍ତି ବାସ୍ତବରେ ଉତ୍କଳର ଗୌରବ ।

ଆଲେଖ୍ୟ: ବୈଷ୍ଣବ ମେହେର
ସିନାପାଲି, ନୂଆପଡ଼ା

# ଉତ୍କଳ ଗୌରବ ମଧୁବାବୁ

ଉତ୍ଥାନ, ପତନ ଗୋଟିଏ ଜାତିର ଇତିହାସରେ କିଛି ନୂଆ କଥା ନୁହେଁ।ଇଂରେଜ ଶାସନ ଅମଳରେ ନିର୍ଯ୍ୟାତିତ ଓଡ଼ିଆ ଜାତି ମୁମୂର୍ଷ ଅବସ୍ଥାରେ ନିଜର ଅସ୍ତିତ୍ୱ ରକ୍ଷା ପାଇଁ ସଂଗ୍ରାମରତ ଥିବାବେଳେ କେତେଜଣ କ୍ଷଣଜନ୍ମା ବ୍ୟକ୍ତିବିଶେଷଙ୍କ ଆବିର୍ଭାବ ଜାତୀୟ ଜୀବନରେ ଆଶାର ସଂଚାର କରିଥିଲା।ଉତ୍କଳୀୟ ସଂସ୍କୃତିର ସୁରକ୍ଷା ତଥା ରାଜନୈତିକ, ସାମାଜିକ ଏବଂ ଅର୍ଥନୈତିକ କ୍ଷେତ୍ରରେ ଓଡ଼ିଶାକୁ ସର୍ବଭାରତୀୟ ସ୍ତରରେ ଏକ ସ୍ୱତନ୍ତ୍ର ସ୍ଥାନ ଦେବା ପାଇଁ ଯେଉଁ ଯୋଗଜନ୍ମା ନିଜର ଜୀବନକୁ ତିଳତିଳ କରି ଉତ୍ସର୍ଗ କରିଥିଲେ, ସେମାନଙ୍କ ମଧ୍ୟରୁ ଦେଶପ୍ରାଣ ଉତ୍କଳଗୌରବ ମଧୁସୂଦନ ଦାସ ଅନ୍ୟତମ।ଆମ ଓଡ଼ିଶା ର ପ୍ରଥମ ଓଡ଼ିଆ ବି.ଏ, ପ୍ରଥମ ଓଡ଼ିଆ ଏମ୍.ଏ, ପ୍ରଥମ ଓଡ଼ିଆ ଓକିଲ, ପ୍ରଥମ ଓଡ଼ିଆ ବିଲାତ ଯାତ୍ରୀ, ସ୍ୱାଧିନତା ସଂଗ୍ରାମୀ, ଯିଏକି ଓଡ଼ିଶାକୁ ନିଜର ପ୍ରାଣ ଦେଇ ଭଲ ପାଉଥିଲେ ଓ କାମ କରୁଥିଲେ ତଥା ଓଡ଼ିଆ ଜାତିର ଚ଼ିର ନମସ୍ୟ, ପ୍ରାତଃ ସ୍ମରଣୀୟ, ଚ଼ିର ବରଣୀୟ କୂଳବୃଦ୍ଧ ଉତ୍କଳଗୌରବ ମଧୁସୂଦନ ଦାସ।

ଉତ୍କଳଗୌରବ ମଧୁସୂଦନ ଦାସ କଟକ ଜିଲ୍ଲାର ସତ୍ୟଭାମାପୁରରେ ୨୮ ଅପ୍ରେଲ ୧୮୪୮ରେ ଜନ୍ମଗ୍ରହଣ କରିଥିଲେ ।ତାଙ୍କ ପିତାଙ୍କ ନାମ ଚୌଧୁରୀ ରଘୁନାଥ ଦାସ ଓ ମାତାଙ୍କ ନାମ ପାର୍ବତୀ ଦେବୀ।

ତାଙ୍କର ପାଠପଢ଼ା ଆରମ୍ଭ ହୋଇଥିଲା ସତ୍ୟଭାମାପୁରର ଗାଁ ଚାଟଶାଳୀରୁ ମାଟି ବଂଶ ଅବଧାନଙ୍କ ତତ୍ତ୍ୱାବଧାନରେ ।ଚାଟଶାଳୀ ପଢ଼ା ଶେଷ କରି ସେ କଟକ ଗଲେ ଓ ଇଂରାଜୀ ବିଦ୍ୟାଳୟରେ ନାମ ଲେଖାଇଲେ । ୧୮୬୪ରେ ମଧୁସୂଦନ ଅନ୍ୟ ଚାରିଜଣଙ୍କ ସହ କଟକ ସ୍କୁଲରୁ ଦ୍ୱିତୀୟ ଶ୍ରେଣୀରେ ଏଣ୍ଟ୍ରାନ୍ସ ପାସ କରିଥିଲେ (ଆଜି ଏହାକୁ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା କୁହାଯାଉଅଛି) । ଏହାପରେ ସେ ବାଲେଶ୍ୱରରେ କିରାଣି ଚାକିରିଟିଏ କଲେ । କିଛି ପଇସା ସଞ୍ଚୟ କରି ସେ ଉଚ୍ଚଶିକ୍ଷା ନିମିତ୍ତ ଚାନ୍ଦବାଲି ଦେଇ ଧୂଆଁକଳ ଚାଳିତ ନାଆରେ କଲିକତା ଯାତ୍ରା କଲେ।୧୮୭୦ରେ ସେ ବି.ଏ. ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ ।ସେତେବେଳେ କଲିକତା ବିଶ୍ୱବିଦ୍ୟାଳୟରେ ବି.ଏ. ପରୀକ୍ଷାର୍ଥୀମାନଙ୍କ ସଂସ୍କୃତ ପରୀକ୍ଷାର ଉତ୍ତର ନିଜ ମାତୃଭାଷାରେ ଲେଖିବା ନିୟମ ଥିଲା, କିନ୍ତୁ ପରୀକ୍ଷକ ବଙ୍ଗଳା ଛଡ଼ା ଅନ୍ୟ କୌଣସି ଭାଷା ଜାଣି ନଥିବାରୁ ବଙ୍ଗଳା ବ୍ୟତୀତ ଅନ୍ୟ କୌଣସି ଲିପିରେ ସଂସ୍କୃତ ପ୍ରଶ୍ନୋତ୍ତର ଲେଖିବାକୁ ଅନୁମତି ମିଳୁନଥିଲା । ମଧୁବାବୁ ନିଜ ମାତୃଭାଷା ଓଡ଼ିଆରେ ସଂସ୍କୃତର ଉତ୍ତର ଲେଖିବାପାଇଁ ଜିଦ ଧରି ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ସଦସ୍ୟମାନଙ୍କୁ ଜଣାଇଲେ । ସେଠାରୁ କୌଣସି ସୁଫଳ ନ ମିଳିବାରୁ ସେ ତତ୍କାଳୀନ ବଙ୍ଗ-ବିହାର-ଓଡ଼ିଶାର ଲ୍ୟୁଟନାଣ୍ଟ ଗଭର୍ଣ୍ଣର ସାର ଉଇଲିଅମ ଗ୍ରେଙ୍କ ନିକଟକୁ ଏକ ଟେଲିଗ୍ରାମ ପ୍ରେରଣ କରିବାପରେ ଗ୍ରେଙ୍କ ହସ୍ତକ୍ଷେପ ପରେ ସେ ଓଡ଼ିଆରେ ନିଜର ଉତ୍ତର ଲେଖିଥିଲେ ।ସେଠାରେ ମଧୁବାବୁ ଏମ୍.ଏ. ପାସ୍ କରିଥିଲେ। ତା'ପରେ ମଧୁବାବୁ କଲିକତା ବିଶ୍ୱବିଦ୍ୟାଳୟ ବି.ଏଲ୍. ପାସ କରି ସାରିଥିଲେ ।ଓକିଲ ହେବାପରେ ମଧୁବାବୁ ପ୍ରଥମେ ଚବିଶ ପ୍ରଗଣା ଅନ୍ତର୍ଗତ ଆଲିପୁର କୋର୍ଟରେ ଓକିଲାତି ଆରମ୍ଭ କରିଥିଲେ ।ସେଠାରେ ଥିବା ପ୍ରବାସୀ ଓଡ଼ିଆ ଶ୍ରମିକମାନଙ୍କ ଉନ୍ନତି ପଥରେ ମଧୁବାବୁ ଲାଗିପଡ଼ିଥିଲେ। ପରେ ସେ କଲିକତା ହାଇକୋର୍ଟରେ ବାରିଷ୍ଟର ଜେଟି ଉଡ୍ରଫଙ୍କ ସହଯୋଗୀ ଭାବେ ଓକିଲାତି କରିଥିଲେ । ୧୨ ସେପ୍ଟେମ୍ବର ୧୮୮୧ରେ କଲିକତାରୁ ଫେରି ସେ କଟକରେ ଓକିଲାତି କଲେ ।ବିଚ଼କ୍ଷଣ ବୁଦ୍ଧି ବଳରେ ସେ ଓକିଲାତି ରେ ବିଶେଷ ପାରଦର୍ଶୀତା ଅର୍ଜନ କରିପାପିଥିଲେ ଓ ମଧୁବାରିଷ୍ଟର ଭାବେ ପରିଚ଼ିତ ହୋଇଥିଲେ ।ତାଙ୍କର ଓକିଲାତି ଜୀବନକାଳରେ ସେ ବହୁ ଜନହିତକର କାର୍ଯ୍ୟ କରିଥିଲେ। ୬ ଜାନୁଆରୀ ୧୯୨୧ ମସିହାରେ ମଧୁବାବୁ ବିହାର ଓଡ଼ିଶାର ମନ୍ତ୍ରୀରୂପେ ନିଯୁକ୍ତି ପାଇଥିଲେ । ସେତେବେଳେ ମନ୍ତ୍ରୀମାନଙ୍କୁ ମାସିକ ବେତନ ମିଳୁଥିଲା । ଇଂରେଜ ସରକାରଙ୍କଠାରୁ ଦରମା ନେଇ କାମ କଲେ ଲୋକଙ୍କୁ ନିରପେକ୍ଷ ସେବା ଦେବା ସମ୍ଭବ ନୁହେଁ ବୋଲି ଯୁକ୍ତି କରି ସେ ଅବୈତନିକ ମନ୍ତ୍ରୀପଦ ପାଇଁ ପ୍ରସ୍ତାବ ରଖିଥିଲେ । ସରକାର ଏଥିରେ ରାଜି ନ ହେବାରୁ ୯ ମାର୍ଚ୍ଚ ୧୯୨୩ରେ ସେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ।

ଓଡ଼ିଶାରେ ଚ଼ମଡ଼ାଶିଳ୍ପର ବିକାଶ ନିମନ୍ତେ ଉତ୍କଳ ଟ୍ୟାନେରି ଏବଂ ଓ କଟକର ସୁନା-ରୂପାର ତାରକସି କାମ ପାଇଁ ସେ ଉତ୍କଳ ଆର୍ଟ ୱାର୍କସର ପ୍ରତିଷ୍ଠା କରିଥିଲେ।

ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧ ବେଳକୁ ଏକ ବିପର୍ଯ୍ୟନ୍ତ ଖଣ୍ଡିତ କଙ୍କାଳରେ ପରିଣତ ହୋଇସାରିଥିଲା ବାଣିଜ୍ୟ ସମୃଦ୍ଧ ବିଶାଳ ଓଡ଼ିଶା ।ଉତ୍କଳ ଜନନୀର ପୂର୍ଣ୍ଣାଙ୍ଗ ରୂପ ପ୍ରତିଷ୍ଠା ପାଇଁ ଜାତୀୟ ଆନ୍ଦୋଳନର ପ୍ରାଣପ୍ରତିଷ୍ଠାତା ମଧୁବାବୁଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା ଦୁର୍ବାର ଅଭିଯାନ ।ଉତ୍କଳୀୟ ମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ଗଢ଼ିଥିଲେ ଜାତୀୟ ମହାମଞ୍ଚ ଉତ୍କଳ ସମ୍ମିଳନୀ ।ଜାତୀୟତାର ମହାପ୍ରବାହ ସୃଷ୍ଟି କରିବାର ଆକାଂକ୍ଷା ନେଇ ଲେଖିଥିଲେ ପ୍ରାଣ ନିଗିଡ଼ା କବିତା ।ଜାତୀୟ ବିକାଶ, ଜାତୀୟ ସମସ୍ୟା, ଜାତୀୟ ଚ଼ରିତ୍ର, ଜାତୀୟ ଅସ୍ମିତା ଓ ଜାତୀୟ ସ୍ୱାଭିମାନ ସହିତ ପ୍ରତ୍ୟେକ ଓଡ଼ିଆଙ୍କୁ ଯୋଡ଼ିବାର ସଂକଳ୍ପ ନେଇ ସମ୍ମିଳନୀ ମଣ୍ଡପରୁ ଗାଇଥିଲେ 'ଏଇ ସମ୍ମିଳନୀ ଜାତିପ୍ରାଣ ସିନ୍ଧୁ କୋଟି ପ୍ରାଣ ବିନ୍ଦୁ ଧରେ, ତୋର ପ୍ରାଣ ବିନ୍ଦୁ ମିଶେଇ ଦେ ଭାଇ ଡେଇଁ ପଡ଼ି ସିନ୍ଧୁ ନୀରେ' ।

ଗଭୀର ଜାତୀୟତାବୋଧର ଉଦବେଳନ ନେଇ ଭାବିଲେ ମନେହୁଏ ଏହା କେବେବି ଜଣେ ସାଧାରଣ କବିର ଆହ୍ୱାନ ନୁହେଁ, ବରଂ ଜଣେ ମହାମାନ୍ତ୍ରିକ ସଞ୍ଜିବନୀ ମନ୍ତ୍ର, ଯେଉଁ ମନ୍ତ୍ର ର ଯାଦୁକରୀ ମାୟାରେ ଦିନେ ଚ଼େଇଁ ଉଠିଥିଲା ସମଗ୍ର ଓଡ଼ିଆ ଜାତି।



ତାଙ୍କରି ଲେଖନୀ ନିସୃତ କବିତା ଏବେ ବି ଓଡ଼ିଆଙ୍କ କାନରେ ଠାଇ ଠାଇ ହୋଇ ବାଜେ-
'ଉଠରେ ଉଠରେ ଉତ୍କଳ ସନ୍ତାନ
ଉଠିବୁ ତୁ କେତେ ଦିନେ
ପୂରୁବ ଗୌରବ ପୂରୁବ ସାହାସ
ପଢ଼ିବକି କେବେ ମନେ ?'

ସେ ଓଡ଼ିଆ ଓ ଇଂରାଜୀରେ ଅନେକ ଉପାଦେୟ ଲେଖା ଲେଖିଯାଇଛନ୍ତି । ତାଙ୍କର କେତୋଟି ଜଣାଶୁଣା ଲେଖା ହେଉଛି, 'ଉତ୍କଳ ସନ୍ତାନ', 'ଜାତି ଇତିହାସ', 'ଜ୍ଞାନୀର ଉକ୍ତି', 'ଜାତୀୟ ଗୀତିକା' । ସେ ମଧ ଓଡ଼ିଆ, ଇଂରାଜୀ ଓ ବଙ୍ଗଳାରେ ଜଣେ ସୁବକ୍ତା ଥିଲେ ।

ଏହି ମହାପୁରୁଷ, ଓଡ଼ିଆ ମାଟି ର ସ୍ୱାଭିମାନ କୂଳବୃଦ୍ଧ ଉତ୍କଳ ଗୌରବ ମଧୁସୂଦନ ଦାସ ୧୯୩୪ ମସିହା ଫେବୃଆରୀ ୪ ତାରିଖ ରେ ଓଡ଼ିଶା ବାସୀଙ୍କୁ ଶୋକସାଗରରେ ଭସାଇ ଚ଼ାଲିଗଲେ ।ଆଜି ତାଙ୍କର ଜୟନ୍ତୀ ଅବସରରେ ମୋର ଭୂମିଷ୍ଠ ପ୍ରଣାମ ଓ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ।

ଆଲେଖ୍ୟ: ବିଶ୍ୱବିଜୟୀ ଦାଶ
ବି.ଏସସି, ବି.ଇଡ଼(ସ୍ୱତନ୍ତ୍ର ଶିକ୍ଷା)
ଗମ୍ଭାରିମୁଣ୍ଡା, ବାଣପୁର, ଖୋର୍ଦ୍ଧା
ପିନ୍- ୭୫୨୦୩୫
ମୋବାଇଲ ନଂ- ୬୩୭୦୨୦୮୪୨୮

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଗ୍ରୀଷ୍ମ ଲହରୀ ଓ କଷ୍ଟ...

ଏବେ ସାରା ଓଡ଼ିଶାରେ କାହିଁକି, ତମାମ ଦେଶରେ ଗ୍ରୀଷ୍ମପ୍ରବାହ ଚାଲିଛି। ରାଜଧାନୀ ଭୁବନେଶ୍ୱର ସମେତ ବିଭିନ୍ନ ସହର ଓ ଗ୍ରାମାଞ୍ଚଳରେ ଜାରି ରହିଥିବା ଗ୍ରୀଷ୍ମଲହରୀରୁ ଆପାତତଃ ତ୍ରାହି ମିଳିବ ନାହିଁ । ଅଧିକାଂଶ ସ୍ଥାନରେ ତାପମାତ୍ରା ଏବେଠାରୁ ତିନି ଚାରି ଡିଗ୍ରୀ ବୃଦ୍ଧି ପାଇବାକୁ ଯାଉଛି । ସୋନପୁର ହେଉଛି ଦେଶର ଦ୍ୱିତୀୟ ସର୍ବୋଚ୍ଚ ଉତ୍ତପ୍ତ ସହର। ଏହି ଧାରା ଯଦି ଆଉ କିଛିଦିନ ଲାଗି ରହିବ, ଜୀବନଯାତ୍ରା ଦୁର୍ବିସହ ହୋଇପଡ଼ିବ । ତାତିରୁ ତ୍ରାହି ମିଳିବା ଆପାତତଃ ଆଶା କରିହେଉନାହିଁ । କାରଣ ବେଢ଼ି ଉପରେ କୋରଡ଼ା ଭଳି ହୋଇଛି ବିଜୁଳି କାଟ୍ । ଘନଘନ ବିଜୁଳି କାଟ୍ ଲୋକମାନଙ୍କର ଜୀବନଯାତ୍ରା ଅସହ୍ୟ କରିଦେଲାଣି । କୁହାଯାଉଛି, ଆସନ୍ତା ମେ ମାସ ପ୍ରଥମ ସପ୍ତାହ ଏହିଭଳି ଗ୍ରୀଷ୍ମପ୍ରବାହ ଲାଗିରହିବ। ସେ ପର୍ଯ୍ୟନ୍ତ ଯଦି ବିଜୁଳି କାଟ୍ ତାହା ଘୋଷିତ ହେଉ କି' ଅଘୋଷିତ ଯଦି ରୁହେ ଅବସ୍ଥା ଅସହ୍ୟ ହୋଇଯିବା ଥୟ । ଏହା ଭିତରେ ରାଜ୍ୟ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକି ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ତାହା ସହିତ ଉନ୍ନତ ମାନର କୋଇଲା ଯୋଗାଇଦେବା ସକାଶେ ମହାନଦୀ କୋଲ ଫିଲ୍ଡକୁ ନିର୍ଦ୍ଦେଶ ଦିଆଯାଇଛି । ସୁନ୍ଦରଗଡ଼ ଜିଲ୍ଲାରେ ଥିବା ଦର୍ଲିପାଲିର ଏନ୍‌ଟିପିସିରେ ହଠାତ୍ କୋଇଲା ସଂକଟ ହେତୁ ରାଜ୍ୟରେ ଆବଶ୍ୟକ ପଡୁଥିବା ବିଜୁଳି ୟୁନିଟ୍‌ର ଅଧା ଉପଲବ୍ଧ ହେବା ରାଜ୍ୟବାସୀଙ୍କୁ ଚିନ୍ତାରେ ପକାଇଦେଲା । ସେହି ପରିପ୍ରେକ୍ଷୀରେ ବିଦ୍ୟୁତ୍ ବିତରଣ ସଂସ୍ଥାକୁ ନିରବଚ୍ଛିନ୍ନ ଯୋଗାଣକୁ ସୁନିଶ୍ଚିତ କରିବା ସକାଶେ ପରାମର୍ଶ ପ୍ରଦାନ ବିଶେଷ ତାତ୍ପର୍ଯ୍ୟ ବହନ କରେ । କରୋନା ସଂକ୍ରମଣ ପାଇଁ ଦୁଇବର୍ଷ ହେଲା ପିଲାମାନେ ସ୍କୁଲକଲେଜ ବାରଣ୍ଡା ମାଡ଼ିନାହାନ୍ତି । ସେମାନଙ୍କର ପାଠପଢ଼ା ନେଇ ସରକାରଙ୍କ ଖରାଛଟି ନୀତିରେ ବହୁ ତ୍ରୁଟି ରହିଯାଉଛି । କର୍ତ୍ତୃପକ୍ଷ ଜାଣନ୍ତି, ପ୍ରଚଣ୍ଡ ଖରାରେ ସେମାନଙ୍କ ଖରାଛୁଟି ନୀତିରେ କେଉଁ ପରିବର୍ତ୍ତନ କରାଗଲେ ତାହା ସମସ୍ତଙ୍କ ପାଇଁ ଗ୍ରହଣଯୋଗ୍ୟ ହୋଇପାରିବ । ବିଜୁଳି ଯୋଗାଣ ପିଲାମାନଙ୍କ ପାଠପଢ଼ା ଠାରୁ ଆରମ୍ଭ କରି ଇଣ୍ଟରନେଟ୍ ପାଇଁ ପ୍ରଥମ ଆବଶ୍ୟକତାରେ ଯାଉଛି । ନିରବଚ୍ଛିନ୍ନ ବିଜୁଳି ଯୋଗାଣ ଦ୍ୱାରା ତାହା କେବଳ ସମ୍ଭବ । ତାହା ବ୍ୟତୀତ ବୃହତ୍ତର ଜନସ୍ୱାର୍ଥକୁ ଦୃଷ୍ଟିରେ ରଖି ସରକାର ନିୟମିତ ନିରନ୍ତର ବିଜୁଳି ଯୋଗାଣ ଏକାନ୍ତ ଆବଶ୍ୟକ । କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ କିଭଳି ଓ କେତେଦୂର କାର୍ଯ୍ୟକାରୀ ହେଉଛି ତାହା ଦେଖାଯିବା କଥା। ସେଥିପାଇଁ ଯଦି ଘନଘନ ବିଜୁଳି କାରେ ଅଭ୍ୟସ୍ତ ବିତରଣ କମ୍ପାନିଗୁଡ଼ିକ ଚାହିଁବେ, ସବୁ ସମୟରେ ବିଜୁଳି ଯୋଗାଣ କରିବାକୁ ଯେଭଳି ନିଷ୍ଠା ଦେଖାଇବେ, ତାହା ଉପରେ ପ୍ରାଥମିକତା ଦିଆଯିବ । ଖରାଦିନ ମାନେ ହିଁ ଜଳ କଷ୍ଟ । ଲୋକମାନେ ପିଇବା ପାଣି ଲାଗି କିଭଳି ତହଲ ବିକଳ ହେଉଛନ୍ତି, ତାହା ବର୍ଣ୍ଣନାର ବାହାରେ । ଜଳସ୍ରୋତ ସବୁ ଖରାଦିନେ ଶୁଖୁଯାଉଛି। ଲୋକମାନେ ହାଣ୍ଡି-ଗରା ଧରି ରାସ୍ତା ଅବରୋଧ କରୁଛନ୍ତି । ହେଲେ କିଛି ପ୍ରତିକାର ମିଳୁନାହିଁ । ଜନସ୍ୱାସ୍ଥ୍ୟ ବିଭାଗ ସବୁଦିନେ ସବୁ ସମୟରେ ପାଣି ଯୋଗାଇ ପାରୁନି । ଫଳରେ ଚୁଆ ଓ କୂଅପାଣି ଉପରେ ନିର୍ଭର କରିବାକୁ ପଡୁଛି ଲୋକମାନଙ୍କୁ । ଯେତିକି ପରିମାଣର ପିଇବା ପାଣି ଲୋକଙ୍କର ଆବଶ୍ୟକ, ସେତିକି ପରିମାଣରେ ଯୋଗାଇବା ସମ୍ଭବ ନହେବାରୁ ଜଳସଙ୍କଟ ସୃଷ୍ଟି ହେଉଛି । ରାଜ୍ୟବ୍ୟାପୀ ପ୍ରଚଣ୍ଡ ଗ୍ରୀଷ୍ମଲହରୀ, ଜଳକଷ୍ଟ ସହିତ ବିଜୁଳି ସଙ୍କଟ ଯେଉଁଭଳି ସମସ୍ୟା ଏକକାଳୀନ ସୃଷ୍ଟି କରିଛି, ତାହା ପ୍ରତିବର୍ଷର ସମସ୍ୟା। ବର୍ଷ ବର୍ଷ ଧରି ଏଭଳି ସମସ୍ୟା ଲାଗି ରହୁଥିବା ବେଳେ ଏହାର ନିରାକରଣ ପାଇଁ କ'ଣ ପାଇଁ ଦୂରଗାମୀ ସମାଧାନ ସୂତ୍ର ବାହାର କରାଯାଇପାରୁନାହିଁ, ତାହା ବହୁତ ବଡ଼ ପ୍ରଶ୍ନ । ତାହା ବ୍ୟତୀତ ପ୍ରତିବର୍ଷ ଆମ ପାଣିପାଗ ତଥା ଜଳବାୟୁ ବ୍ୟବସ୍ଥାରେ ପରିବର୍ତ୍ତନ ହେଉଛି ଆଉ ଏକ କାରଣ । ପୂର୍ବକାଳରେ ଏହି କଥା ନଥିଲା । ମାତ୍ରାଧିକ ତାପମାତ୍ରା କାହାରି ନିୟନ୍ତ୍ରଣରେ ନାହିଁ । ଜଳଛତ୍ର ଭଳି ବ୍ୟବସ୍ଥା ଲୋକ ଓ ପଶୁଧନଙ୍କ ତୃଷା ମେଣ୍ଟାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ । ବାହାଘର ବେଳେ ବାଇଗଣ ରୋଇବା ନ୍ୟାୟରେ ଆମେ ଚାଲିଛୁ । ତାହାକୁ ଚାହିଁ ଆମର ପ୍ରସ୍ତୁତି ରହୁନାହିଁ, ରହିବା ଯେତେ ସାଧାତୀତ ହେଲେ ସୁଦ୍ଧା ପରିବର୍ତ୍ତିତ ସ୍ଥିତିରେ ଅସମ୍ଭବ ନୁହେଁ । ବିଶ୍ୱ ତାପନ ବ୍ୟବସ୍ଥାରେ ସମସ୍ତେ ଅଧିକରୁ ଅଧିକ କଷ୍ଟ ସ୍ୱୀକାର ଲାଗି ଆମକୁ ପ୍ରସ୍ତୁତ ହେବାକୁ ପଡ଼ିବ ବୋଲି କହୁଛନ୍ତି ପାଣିପାଗ ବିଜ୍ଞାନୀ। ସେହି ଅନୁସାରେ ଆମକୁ କିଭଳି ଆଗ ଦିନକୁ ପ୍ରସ୍ତୁତ ରହିବାକୁ ହେବ, ତାହା ଅଗ୍ରପ୍ରଧାନ କଥା।

# ପାଠ ପଢ଼ିବି, ମଧୁବାବୁ ସଙ୍ଗେ ଲଢ଼ିବି



**ବିପିନ ବିହାରୀ ମହାନ୍ତି**



'ପାଠ ପଢ଼ିବି; ମଧୁବାବୁ ସଂଗେ ଲଢ଼ିବି ।' ପିଲାଦିନେ ପଢ଼ିଥିବା ଏହି ବାକ୍ୟଟି ଏବେ ଏକ ଆପ୍ତବାକ୍ୟ ଯାହାକି ବିଜ୍ଞ, ଗୁଣୀ ଏବଂ ଜଣେ କର୍ମବୀର ଅର୍ଥରେ ବ୍ୟବହୃତ ହୁଏ। ମଧୁବାବୁ ହେଉଛନ୍ତି ଓଡ଼ିଶାର ପ୍ରଥମ ବି.ଏ ବା ସ୍ନାତକ । ପ୍ରଥମ ଏମ୍.ଏ ବା ସ୍ନାତକୋତର ଏବଂ ଓଡ଼ିଆ ଭାଷାଭାଷୀ ପ୍ରଥମ ବାରିଷ୍ଟର । ସେ ସଂକ୍ଷେପରେ ମଧୁବାବୁ ବା ମଧୁ ବାରିଷ୍ଟର ଭାବେ ଜଣାଶୁଣା । ପରବର୍ତ୍ତୀ ପଦବୀ ଉତ୍କଳ ଗୌରବ କାରଣରୁ ଆମେ ତାଙ୍କୁ ସମ୍ବୋଧିତ କରୁ ଉତ୍କଳ ଗୌରବ ମଧୁସୂଦନ ।

ମଧୁବାବୁ ଠିକ୍ ପଢ଼ିଥିଲେ ଠିକ୍ ବୁଝିଥିଲେ ଏବଂ ସେହି ଅନୁସାରେ ନିଜକୁ ତୋଳି ପାରିଥିଲେ ଅଥଚ ଆମେ ଏବେ ତାଙ୍କଠୁ ଢ଼େର ଅଧିକ ପଢ଼ିଥିଲେ ବି ଆମେ ମଧୁବାବୁଙ୍କ ସମକକ୍ଷ ହୋଇପାରୁ ନାହୁଁ ଅର୍ଥାତ୍ ତାଙ୍କ ପରି ପଢ଼ିବା, ଲଢ଼ିବା ଏବଂ ଜୀବନ ସହିତ ଯୁଝିବାର ତାକତ ଓ ଆମର ନାହିଁ । ଏଣୁ ଯଥାର୍ଥରେ ଆମେ ତାଙ୍କ ଠୁ ଯେତେ ଅଧିକ ପଢ଼ିଲେ ବି, ତାଙ୍କ ପରି ଲଢ଼ିପାରିବୁ ନାହିଁ । ଆମର ସବୁରି ଶିକ୍ଷା ସତ୍ତ୍ୱେ ସେ ସୂର୍ଯ୍ୟ ହେଲେ ଆମେ ଡିବିରି ବତୀ ବା ଲଣ୍ଠନ ତୁଲ୍ୟ ।

ମଧୁସୂଦନ ଦାସ ୧୮୪୮ ମସିହା ଏପ୍ରିଲ ୨୮ ତାରିଖ ଦିନ କଟକ ଜିଲ୍ଲାର ସତ୍ୟଭାମାପୁରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଚୌଧୁରୀ ରଘୁନାଥ ଦାସ ଏବଂ ମାତାଙ୍କ ନାମ ପାର୍ବତୀ ଦେବୀ । ତାଙ୍କର ବାଲ୍ୟଶିକ୍ଷା ଗାଁ ଚାଟଶାଳୀ, ମହାସିଙ୍ଗପୁରରେ ଭର୍ଣ୍ଣାକୁଲାର ଏବଂ କଟରେ ଏନ୍‌ଟ୍ରାନ୍‌ସ ପଢ଼ା ସରିଲା ମାତ୍ରେ ୧୬ ବର୍ଷରେ ୧୮୬୪ମସିହାରେ, ୧୮୭୦ରେ ସେ ବି.ଏ ୧୮୭୬ରେ ଏମ୍.ଏ ଓ ଏହାପରେ ଲ' କରିଥିଲେ । ସେ କିଛିଦିନ ବାଲେଶ୍ୱରରେ ଶିକ୍ଷକତା ମଧ୍ୟ କରିଥିଲେ । କଲିକତାରେ ପଢ଼ିଲା ବେଳେ ସେ ଖ୍ରୀଷ୍ଟିୟାନ୍ ଧର୍ମ ଗ୍ରହଣ କରିଥିଲେ ଏବଂ ସୌଦାମିନୀ ନାମ୍ନୀ ଜଣେ ଖ୍ରୀଷ୍ଟିଆନ୍ ଯୁବତୀଙ୍କୁ ବିବାହ କରିଥିଲେ । ଏଥିରେ ଉତ୍ୟକ୍ତ ହୋଇ ପିତାଙ୍କ ତାଙ୍କୁ ତ୍ୟଜପୁତ୍ର କରିଥିଲେ । ଦୁଃଖ ଯେ, ସୌଦାମିନୀ ମଧ୍ୟ ତାଙ୍କର ସହଯାତ୍ରୀ ହୋଇ ବେଶୀଦିନ ରହିପାରିଲେ ନାହିଁ । ସେ ତାଙ୍କର ସ୍ମୃତିରେ ବଂଚିଲେ ଏବଂ ଦ୍ୱିତୀୟ ବିବାହ କଲେ ନାହିଁ । ଓକିଲାତି ପାସ୍ ପରେ ମଧୁବାବୁ ପ୍ରଥମେ କଲିକତା ଉଚ୍ଚନ୍ୟାୟାଳୟ ଏବଂ ପରେ ଆଲିପୁର ନ୍ୟାୟାଳୟରେ ଓକିଲାତି କଲେ । ସେତେବେଳେ କଲିକତାରେ ଥିଲେ ଏକମାତ୍ର ଓଡ଼ିଆ ଓକିଲ । ୧୮୮୧ ରୁ ସେ କଟକରେ ଓକିଲାତି କଲେ । ଜଣେ ଓଡ଼ିଆ ଓକିଲ ହେତୁ ସେ ଖୁବ୍ ଶୀଘ୍ର ଓଡ଼ିଶାରେ ତାଙ୍କ ପରିଚିତି ସୃଷ୍ଟି କଲେ । ସେ ଗରିବ ଲୋକଙ୍କ ପାଇଁ ମାଗଣା ଲଢୁଥିଲେ ଏବଂ ଧନୀ ଓ ଜମିଦାରଙ୍କ ଅତ୍ୟାଚାରରୁ ମୁକ୍ତ କରାଉଥିଲେ । କଟକରୁ ତାଙ୍କ କାର୍ଯ୍ୟାବଳୀ ପାଇଁ ଲୋକେ ତାଙ୍କୁ ମଧୁ ବାରିଷ୍ଟର ରୂପେ ନାମିତ କଲେ ।

ମଧୁବାବୁ ଖ୍ରୀଷ୍ଟିଆନ୍ ଥିଲେ ମଧ୍ୟ ଯେତେବେଳେ ଶ୍ରୀମନ୍ଦିର ଶାସନ ଇଂରେଜ ହାତକୁ ନେଲେ, ସେ ଲଢ଼ି ତାଙ୍କୁ ଏଥିରୁ ନିବୃତ କରାଇଲେ । ସେମିତି କେନ୍ଦୁଝରରେ ରାଜାଙ୍କୁ ତାଙ୍କ ରାଜଗାଦି ସରକାରଙ୍କ ହାତରୁ ଫେରାଇ ନେବାରେ ସାହାଯ୍ୟ କରିଥିଲେ ।

ତାଙ୍କ ଦ୍ୱାରା୧୯୦୩ରେ ଆହୂତ ହୋଇଥିଲା ଉତ୍କଳ ସମ୍ମିଳନୀ । ସମସ୍ତ ଓଡ଼ିଆ ଭାଷାଭାଷୀ ଲୋକଙ୍କୁ ଏକାଠି କରିବା ଥିଲା ତାଙ୍କ ଉଦ୍ଦେଶ୍ୟ । ତାଙ୍କରି ପ୍ରଚେଷ୍ଟାରେ ସମ୍ବଲପୁର କର୍ଜନଙ୍କ ସମୟରେ ଓଡ଼ିଶାରେ ମିଶିଲା ଏବଂ ମଧ୍ୟପ୍ରଦେଶ, ବଙ୍ଗଳା ଓ ମାନ୍ଦ୍ରାଜ ଅଧୀନରେ ଥିବା ଓଡ଼ିଆ ଅଂଚଳକୁ ଓଡ଼ିଶାରେ ମିଶାଇବା ପାଇଁ ସୁପାରିଶ ହେଲା । ୧୯୧୭ରେ ମଂଟେଗୁ ଚେମସଫୋର୍ଡ଼ଙ୍କୁ ପ୍ରଭାବିତ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ପ୍ରସ୍ତାବ ରଖାଗଲା । ୧୯୩୧ରେ ଓଡ଼ନେଲ୍ କମିଟି ପାଖରେ ମଧ୍ୟ ଏ ପ୍ରସ୍ତାବର ପୁନରାବୃତ୍ତି ହେଲା । ସେ ଯଥାକ୍ରମ ୧୯୧୩ ଓ ୧୯୧୮ରେ ଦୁଇଥର ଉତ୍କଳ ସମ୍ମିଳନୀର ସଭାପତି ଥିଲେ । ତାଙ୍କ ଓଜସ୍ୱିନୀ ଭାଷଣ ଓ ଜାତୀୟବାଦୀ କବିତା : ଉତ୍କଳ ସନ୍ତାନ, ସନ୍ତାନର ଉକ୍ତି, ଜାତି ଇତିହାସ ଏବଂ ଜନନୀର ଉକ୍ତି ଇତ୍ୟାଦି ଜନମାନସରେ ଓଡ଼ିଆ ପ୍ରୀତି ଜାଗ୍ରତ କରାଉଥିଲା ।

୨୦ ଜାନୁୟାରୀ ୧୯୧୩ରେ ବିହାର-ଓଡ଼ିଶା ବ୍ୟବସ୍ଥାପକ ସଭାରେ ସେ ସଦସ୍ୟ ଥିଲେ ଏବଂ ସେହି ବର୍ଷ ଭାରତର ବିଧାନ ପରିଷଦର ସେ ପ୍ରଥମ ଓଡ଼ିଆ ଭାବେ ମନୋନୀତ ହେଲେ । ୧୯୨୧ ଏପ୍ରିଲ ୨୨ରେ ବିହାର ଓଡ଼ିଶା ସରକାରଙ୍କର ସ୍ୱାୟତ ଶାସନର ସେ ମନ୍ତ୍ରୀ ହେଲେ । ସେ ହିଁ ଘୋଷଣା କରିଥିଲେ ଯେ, ଯେହେତୁ ମନ୍ତ୍ରୀମାନେ ଜନସାଧାରଣଙ୍କ ପ୍ରତିନିଧି, ସେମାନେ ଦରମା ନେବା ଅନୁଚିତ । ଏକଥା ଅନ୍ୟମାନେ ଗ୍ରହଣ ନ କରିବାରୁ ସେ ମନ୍ତ୍ର ପଦରୁ ଇସ୍ତଫା ଦେଇଥିଲେ ।

କୁହାଯାଏ ମଧୁବାବୁଙ୍କ ଜୀବନୀ ଉତ୍କଳର ଅର୍ଦ୍ଧଶତାବ୍ଦୀର ଇତିହାସ । ଓଡ଼ିଶାର କୃଷି, ଶିଳ୍ପ, ବାଣିଜ୍ୟ, ଶିକ୍ଷା ସଂସ୍କୃତି ଇତ୍ୟାଦି ସବୁରି କ୍ଷେତ୍ରରେ ଥିଲେ ସିଏ । କଟକ ଯୋଡ଼ା କାରଖାନା 'ଉତ୍କଳ ଟ୍ୟାନୋରୀ' ଓ ସୁନାରୂପା ତାରକସୀ କମାମ । 'ଆଟ ଓ୍ୱାର'ର ସେ ଥିଲେ ପ୍ରତିଷ୍ଠାତା । ଏଥିପାଇଁ ସେ ବହୁ କ୍ଷତି ସହିଥିଲେ । ତାଙ୍କ ଜମି ଓ ଘର ବିକିଥିଲେ । ଓଡ଼ିଆମାନଙ୍କ ସମ୍ମାନ ଓ ଉନ୍ନତି ପାଇଁ ତାଙ୍କର ମୂଳମନ୍ତ୍ର ଥିଲା- 'ଆଲୋ ସଖି, ଆପଣା ମହତ ଆପେ ରଖି ।' ଏପରି ଜଣେ ଯୋଗଜନ୍ମାଙ୍କର ମୃତ୍ୟୁ ହେଲା ୪ ଫେବୃୟାରୀ ୧୯୩୪ରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଠିକ୍ ଦୁଇବର୍ଷ ପୂର୍ବରୁ । ଓଡ଼ିଶା ପାଇଁ ଯେତେ ଯିଏ କାନ୍ଦିଛନ୍ତି ତାଙ୍କଠୁ ଅଧିକ କେହି କାନ୍ଦି ନାହାନ୍ତି । ତାଙ୍କ ପରି କେହି ଜଣେ ନାହିଁ ଯେ, ତାଙ୍କ ସହିତ ସମକକ୍ଷ ହେବ । ସେ ଯଥାର୍ଥରେ ଏ ଜାତିର ଗର୍ବ ଓ ଗୌରବ ଏବଂ ଆମ ଉତ୍କଳ ଗୌରବ ମଧୁସୂଦନ ।


♥ ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ,
ବିପିନ ବିହାରୀ ପାଠାଗାର,
ଜଟଣୀ
ମୋ: ୯୯୩୮୩୪୧୩୮


# ଓଡ଼ିଶାର ଭୌମିକ ସ୍ୱାଧୀନତା ସଂଗ୍ରାମୀ



**ମୀରା ବେଉରା**


ଏକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ କରିବା ପାଇଁ ଉନ୍ନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓଡ଼ିଶାର ଯେଉଁ ବରପୁତ୍ରମାନେ କେବଳ ସ୍ୱପ୍ନ ଦେଖୁନଥିଲେ ବରଂ ସ୍ୱାଧୀନତା ସଂଗ୍ରାମକୁ ଲମ୍ଫ ପ୍ରଦାନ କରି ଏ ମାଟିରେ ଓ ଏ ଜାତିର ସ୍ୱାଭିମାନ ପାଲଟି ଯାଇଥିଲେ ସେମାନଙ୍କ ମଧ୍ୟରେ ଶୀର୍ଷରେ ଥିଲେ କୂଳବୃଦ୍ଧ ଓଡ଼ିଆ ଜାତି ପ୍ରାଣ ପ୍ରତିଷ୍ଠାତା ମଧୁସୂଦନ ଦାସ। ଓଡ଼ିଶାର ପୁରପଲ୍ଲୀରେ ସେ ମଧୁବାରିଷ୍ଟର ଭାବରେ ବେଶ୍ ସୁପରିଚିତ। ସେତେବେଳେ ପ୍ରତ୍ୟେକ ଓଡ଼ିଆ ଶିଶୁର କଣ୍ଠରୁ ଏହି ଲୋକପ୍ରିୟ ଗୀତଟି ଭାସି ଆସୁଥିଲା।

'ପାଠ ପଢ଼ିବି ପାଠ ପଢ଼ିବି
କାଳିଆ ଘୋଡ଼ାରେ ଚଢ଼ିବି
ମଧୁବାବୁ ସଙ୍ଗେ ଲଢ଼ିବି।'

ପ୍ରତ୍ୟେକ ମା' ଏହି ଗୀତକୁ ତା'ର ଶିଶୁକୁ ଶୁଣାଇ ଦେଇ ତାକୁ ପ୍ରେରଣା ଦେଉଥାଏ ମାଧୁବାବୁଙ୍କ ପରି ଜଣେ ସଚ୍ଚୋଟ, ସ୍ୱାଭିମାନୀ, ନିଃସ୍ୱାର୍ଥପର, ପରୋପକାରୀ ଓଡ଼ିଆ ହେବା ପାଇଁ। ପ୍ରକୃତରେ ମଧୁବାବୁ ଥିଲେ ଏ ଓଡ଼ିଆ ଜାତିର ଚିରଅମ୍ଳାନ ପ୍ରତିଭା ସମ୍ପନ୍ନ ଯଶସ୍ୱୀ ସ୍ୱାଭିମାନୀ ଭୌମିକ ପୁରୁଷ। ଆଜିବି ଏ ଓଡ଼ିଆ ଜାତି ମଧୁବାବୁଙ୍କୁ ନେଇ ଅଜସ୍ର ଗର୍ବ ଆଉ ଅଭିମାନରେ ଫାଟିପଡ଼େ। ସେ ହିଁ ଥିଲେ ଏ ଉତ୍କଳ ମାଟିର ଯୋଗ୍ୟ ସନ୍ତାନ। ତାଙ୍କର ନିର୍ଭିକତା, ଉଦାରତା, ସ୍ପଷ୍ଟବାଦିତା ଓ କର୍ତ୍ତବ୍ୟପରାୟଣତା, ସାହସିକତା ତାଙ୍କୁ ଆଜି ଏ ଓଡ଼ିଆ ଜାତି ପାଖରେ ଅମର କରି ରଖିଛି। ଓକିଲାତିକୁ ପେଶା କରି ମଧୁବାବୁ ଚାହିଁଥିଲେ ଅଜସ୍ର ଟଙ୍କା ଉପାର୍ଜନ କରି ଆନନ୍ଦ ଭୋଗବିଳାସପୂର୍ଣ୍ଣ ଜୀବନଯାପନ କରି ମହାଆନନ୍ଦରେ ଆଜିର ଯୁବପିଢ଼ିପରି ବିଦେଶରେ ରହିପାରିଥାନ୍ତେ ମାତ୍ର ମଧୁବାବୁ ଥିଲେ ଏହାର ସମ୍ପୂର୍ଣ୍ଣ ବ୍ୟତିକ୍ରମ। ସେ ପ୍ରଜ୍ଞାପୁରୁଷ ଓଡ଼ିଆ ଜାତି ପାଇଁ, ଓଡ଼ିଆ ଭାଷାର ଉନ୍ନତି ପାଇଁ, ନାରୀଶିକ୍ଷାର ବିକାଶ ପାଇଁ ନିଜର ଉପାର୍ଜିତ ଅର୍ଥକୁ ସମ୍ପୂର୍ଣ୍ଣ ବ୍ୟୟ କରି ବରଂ ନିଶ୍ୱ ଦରିଦ୍ର ହେବା ପାଇଁ ଆଦୌ କୁଣ୍ଠାପ୍ରକାଶ କରିନଥିଲେ। ଏମିତି ବୀର ସ୍ୱାଭିମାନୀ, ନିର୍ଭୀକ, ଉଦାର ଚିନ୍ତାଧାରାର ବ୍ୟକ୍ତି ପ୍ରକୃତରେ କେବଳ ଓଡ଼ିଶାରେ କାହିଁକି, ସମଗ୍ର ଭାରତବର୍ଷରେ ମଧ ବିରଳ। ପ୍ରକୃତରେ ସେ ଥିଲେ ଏ ଓଡ଼ିଆ ଜାତିର ପଥପ୍ରଦର୍ଶକ ଓ ଚିର ସ୍ୱାଭିମାନ ଓ ସର୍ବୋପରୀ ଗର୍ବ ଓ ଗୌରବ। ଆମ ଓଡ଼ିଶାର ମହାନ ପରମ୍ପରା, ସଂସ୍କୃତି, ଐତିହ୍ୟ, କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ସାହିତ୍ୟ, ଦର୍ଶନ ତତ୍ତ୍ୱକୁ ଯଦି କିଏ ବିଶ୍ୱ ଦରବାରରେ ପହଞ୍ଚାଇଥିଲେ। ସେ ଥିଲେ ଏକମାତ୍ର ବୀରପୁରୁଷ ମଧୁବାବୁ। ଅନ୍ୟାୟ, ଅତ୍ୟାଚାର, ଇଂରେଜମାନଙ୍କ ଅହଂକାର ବିରୁଦ୍ଧରେ ଏ ଜାତି ସବୁବେଳେ ବିଦ୍ରୋହ କରିଛି, ବିପ୍ଳବ କରିଛି। କିନ୍ତୁ କେବେବି ମୁଣ୍ଡନୁଆଇଁ ନିଜ ସ୍ୱାଭିମାନକୁ ବଳି ପକାଇନାହିଁ। ବରଂ ଗର୍ବରେ କହେ ମୁଁ ଓଡ଼ିଆ। ମୋ ଭାଷା ଓଡ଼ିଆ ମୋ ଜାତି ଓଡ଼ିଆ।

ମଧୁବାବୁଙ୍କର ସେଇ ଗୋଟିଏ ଉକ୍ତି ମଧୁବାବୁଙ୍କର ଆଜି ବି ପ୍ରତ୍ୟେକ ଓଡ଼ିଆଙ୍କୁ ଚଳଚଞ୍ଚଳ କରି ଓଡ଼ିଶାକୁ ବିକାଶପଥରେ ଆଗେଇ ନେବା ପାଇଁ ପ୍ରେରଣା ଦିଏ। ସେ ଲେଖିଥିଲେ ତାଙ୍କ କବିତାରେ–

'ତୁ ପରା ବୋଲାଉ ଉତ୍କଳ ସନ୍ତାନ
ତେବେ କିଂପା ତୁହି ଭୀରୁ
ତୋହର ଜନନୀ ରୋଦନ କରିଲେ
କହିବାକୁ କିଂପା ଡରୁ ॥
ତୋ ପୂର୍ବ ପୁରୁଷେ ଜୟ କରିଥିଲେ
ଗଙ୍ଗାଠାରୁ ଗୋଦାବରୀ
ତାଙ୍କରି ଔରସେ ଜନ୍ମ ହୋଇ
କେଉଁ ଗୁଣ ତାଙ୍କୁ ସରି ॥



ମଧୁବାବୁ ୨୮ ଏପ୍ରିଲ ୧୮୪୮ ମସିହାରେ କଟକ ଜିଲ୍ଲାର ସତ୍ୟଭାମାପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ଇଂରାଜୀ ଶିକ୍ଷା ପ୍ରତି ତାଙ୍କର ପ୍ରବଳ ଅନୁରାଗ ଥିଲା। ପରେ ଖ୍ରୀଷ୍ଟଧର୍ମ ପ୍ରତି ଆକୃଷ୍ଟି ହୋଇ ଖ୍ରୀଷ୍ଟିୟାନ ହୋଇଯାଇଥିଲେ। ସେ ହିଁ ଥିଲେ ଏମ୍.ଏ. ଏବଂ ବି.ଏଲ୍ କରିଥିବା ପ୍ରଥମ ଓଡ଼ିଆ। ଓଡ଼ିଶାର ବିକାଶ ପାଇଁ ଏବଂ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ଯଦି କିଏ ନିଜକୁ ଉତ୍ସର୍ଗ କରି ଅପାର ଆନନ୍ଦ ଲାଭ କରିଥିଲେ, ସେ ହେଉଛନ୍ତି ମଧୁବାବୁ। ୧୮୭୮ରେ ସଚେତନ ନାଗରିକମାନେ ସେ ଦିନ ଉତ୍କଳସଭା ନାମକ ଏକ ଅଣରାଜନୈତିକ ସଂଗଠନ ଗଢ଼ିଥିଲେ। ଗୌରୀଶଙ୍କର ରାୟଙ୍କ ଦ୍ୱାରା ପ୍ରଭାବିତ ହୋଇ ମଧୁବାବୁ ମଧ ଏହାର ସଭ୍ୟ ହୋଇଥିଲେ। ୧୮୮୮ରେ ଭାରତୀୟ ଜାତୀୟ କଂଗ୍ରେସର ମାନ୍ଦ୍ରାଜ ଅଧିବେଶନରେ ମଧୁବାବୁ ଓ ଗୌରୀଶଙ୍କର ରାୟ ଓଡ଼ିଶାର ପ୍ରତିନିଧିତ୍ୱ କରିଥିଲେ। ୧୯୦୩ ମସିହାରେ ମଧୁବାବୁ ପ୍ରତିଷ୍ଠା କଲେ 'ଉତ୍କଳ ସମ୍ମିଳନୀ'। ପ୍ରଥମେ ଯେତେବେଳେ କଟକଠାରେ ପ୍ରଥମ ଅଧିବେଶନ ଆରମ୍ଭ ହୋଇଥିଲା। ଏହି ସମ୍ମିଳନୀରେ ଅଧକ୍ଷତା କରିଥିଲେ ମୟୁରଭଞ୍ଜର ମହାରାଜ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ। ଉତ୍କଳ ସମ୍ମିଳନୀର ଅଧିବେଶନଗୁଡ଼ିକରେ ଭାଷଣ ଦେଇ ମଧୁବାବୁ ଓଡ଼ିଆମାନଙ୍କୁ ସେଦିନ ସ୍ତମ୍ଭୀଭୂତ କରିଦେଇଥିଲେ। ସବୁ ଓଡ଼ିଆମାନେ ଏକତ୍ରୀତ ହୋଇ ଉତ୍କଳ ଜନନୀର ସେବାରେ ନିଜକୁ ନିୟୋଜିତ କରିବା ପାଇଁ ଆହ୍ୱାନ ଦେଇଥିଲେ ମଧୁବାବୁ। ୧୯୦୩ରେ ମାନ୍ଦ୍ରାଜ ଅଧିବେଶନରେ ଯେତେବେଳେ ଭାରତୀୟ ଜାତୀୟ କଂଗ୍ରେସ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀ କରଣକୁ ସମର୍ଥନ କରିନଥିଲା। ମଧୁବାବୁ ବାଧ ହୋଇ କଂଗ୍ରେସ ସହିତ ନିଜର ସମ୍ପର୍କ ଛିନ୍ନ କରିଥିଲେ। ୧୯୦୨ ମସିହାରେ 'ବଙ୍ଗ ଲେଜିସ୍‌ଲେଟିଭ୍ କାଉନସିଲ୍'ର ପ୍ରତିନିଧିଭାବେ ମଧୁବାବୁ ରେଭେନ୍ସା ମହାବିଦ୍ୟାଳୟର ଉନ୍ନତି ପାଇଁ ଅନୁଦାନ ଦେବାକୁ ସରକାରଙ୍କ ଉପରେ ଚାପ ପକାଉଥିଲେ। ୧୯୦୯ରେ ସେ ପୁନର୍ବାର କାଉନସିଲକୁ ନିର୍ବାଚିତ ହୋଇ ଓଡ଼ିଶାରେ ଏକ ଆଇନ୍ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ସେଠାରେ ସେ ଯୁକ୍ତି ମଧ ବାଢ଼ିଥିଲେ। ନାରୀ ଶିକ୍ଷାର ପ୍ରସାର ପାର୍ଇ ସେ ମହିଳା ଟ୍ରେନିଂ ସ୍କୁଲ ଖୋଲିବାକୁ ନିଜର ଦାବି ଉପାସ୍ଥାପନ କରିଥିଲେ। ୧୯୦୭ ମସିହାରେ ଓଡ଼ିଶାର ଏକମାତ୍ର ବାଳିକା ବିଦ୍ୟାଳୟ ବନ୍ଦ ହେବା ପରିବର୍ତ୍ତେ ତାଙ୍କର ପାଳିତ କନ୍ୟା ଶୈଳବାଳା ମୁଖ୍ୟ ଶିକ୍ଷୟିତ୍ରୀ ଭାବରେ ଏହାର ଦାୟିତ୍ୱ ନେଇ ଏହାକୁ ପ୍ରତିଷ୍ଠିତ କରିଥିଲେ ଭବିଷ୍ୟତରେ ଯାହା ଶୈଳବାଳା ମହାବିଦ୍ୟାଳୟ ରୂପେ ନାରୀଶିକ୍ଷାକୁ ପ୍ରସାରିତ କରିଥିଲେ।

ଓଡ଼ିଶାରେ ତାରକସୀ ଶିଳ୍ପର ବିକାଶ ପାଇଁ ସେ ଉଦ୍ୟମ କରିବା ସହ ଓଡ଼ିଶା ଆର୍ଟ ୱାୟରସ୍ ସ୍ଥାପନ କରିଥିଲେ। ଚମଡ଼ା ଶିଳ୍ପର ବିକାଶ ପାଇଁ ମଧ 'ଉତ୍କଳ ଟ୍ୟାନେରୀ' ନାମରେ ଯୋତା କାରଖାନା ପ୍ରତିଷ୍ଠା କରି ଓଡ଼ିଶାକୁ ବିଶ୍ୱଦରବାରରେ ପରିଚିତ କରାଇପାରିଥିଲେ। ତାଙ୍କରି ଉଦ୍ୟମରେ ତାଳଗୁଡ଼ କରଖାନା ମଧ ସ୍ଥାପିତ ହୋଇଥିଲା। ୧୯୧୭ରେ ଇଂରେଜ ସରକାର ପୁରୀ ଜଗନ୍ନାଥ ମନ୍ଦିରର ପରିଚାଳନା ଦାୟିତ୍ୱ ଯେତେବେଳେ ଡେପୁଟି ମାଜିଷ୍ଟ୍ରେଟ୍‌ଙ୍କୁ ନିଯୁକ୍ତି ଦେଇଥିଲେ। ମଧୁବାବୁ ଏହା ବିରୁଦ୍ଧରେ କଲିକତା ହାଇକୋର୍ଟରେ ଏକ ମୋକଦ୍ଦମା ଦାୟର କରି ପୁରୀ ଗଜପତି ମହାରାଜାଙ୍କୁ ଏହି ପରିଚାଳନା ଦାୟିତ୍ୱ ଦେବା ପାଇଁ ଯୁକ୍ତିବାଢ଼ି ସଫଳ ହୋଇଥିଲେ। ସେହିଦିନଠାରୁ ମଧୁବାବୁ ସବୁଠି ମଧୁବାରିଷ୍ଟର ରୂପେ ପରିଚିତ ହେଲେ। ମଧୁବାବୁ ଫେବୃଆରୀ ୪ ତାରିଖ ୧୯୩୪ ମସିହାରେ ମୃତ୍ୟୁବରଣ କଲେ, ଏହାର ମାତ୍ର ଦୁଇବର୍ଷପରେ ୧୯୩୬ ମସିହାରେ ତାଙ୍କରି ଅପ୍ରାଣ ଉଦ୍ୟମ ଯୋଗୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ସମ୍ଭବ ହୋଇଥିଲା। ପ୍ରଚଣ୍ଡ ସ୍ୱାଭିମାନୀ, ପ୍ରାଜ୍ଞ। ପୋଖତ ରାଜନୀତିଜ୍ଞ, ଶିଳ୍ପପତି, ସମାଜ ସଂସ୍କାରକ ରୂପେ ଆଜି ବି ଓଡ଼ିଶାର ଜନମାନସରେ ଏହି କିମ୍ବଦନ୍ତୀ ପୁରୁଷ ତଥା ଭୌମିକ ସ୍ୱାଧୀନତା ସଂଗ୍ରାମୀ, ଏ ଓଡ଼ିଆ ଜାତିର ସ୍ୱାଭିମାନ ଭାବେ ଉଦୀୟମାନ ହୋଇଛନ୍ତି। ହେ ମହାନ୍ ବରପୁତ୍ର ଶେଷରେ ବିନମ୍ର ନିବେଦନ ଏ ଓଡ଼ିଆ ଜାତିର ଘେନ ପ୍ରଣାମ।


♥ ରଘୁନାଥଜୀଉ ମହାବିଦ୍ୟାଳୟ, ଦେଉଳ ସାହି,
ତୁଳସୀପୁର, କଟକ
ମୋ: ୯୮୫୩୩୫୦୩୮୪





## ଫେରିଆସ

**ସୁଶାନ୍ତ ରଣା**



ଗୋଟିଏ ଦିନ
ଗୋଟେ ଯୁଗ ପରି ଲାଗେ
ଆଜି, ତୁମେ ନାହଁ ବୋଲି ।

ଜାଣିଛି ତୁମେ ଫେରିବ
ତଥାପି, ମନରେ ଅନେକ ପ୍ରଶ୍ନ ?
ମନକୁ ମୋ ପାରୁନି ବୁଝେଇ !

ତୁମେ ଯାଇ ନାହଁ ଯେ
ମୋ ସର୍ବସ୍ୱ ଯାଇଛ ନେଇ
ସବୁ ଥାଇ ଆଜି ନାହିଁ ପାଶେ କିଛି ।

ଘର ମୋର ଶୁନଶାନ୍ ନିଶବ୍ଦ
ସତେ ଯେମିତି କେହି ନାହିଁ ମୋର ।

ଆଖି ଥାଇ ମୁଁ ଯେ ଅନ୍ଧ ଆଜି
ଛଡ଼େଇ ନେଇଛ ମୋ ଠାରୁ
ଶୁଭମ୍ ଶୁଭଶ୍ରୀ ମୋ ଦୁଇ ଆଖି ।

ଜୀବନ ଥାଇ ମୁଁ ନିର୍ଜୀବ
ନେଇ ଯାଇଛ ମୋ ହୃଦୟ
ଆଜି ବଞ୍ଚିବାକୁ ଚାହେଁ
ଏ ସରଳ ମଣିଷ ଜୀବନ୍ ।

ଫେରିଆସ ସସ୍ମିତା ଫେରିଆସ
ମୋ କୁନାକୁନିଙ୍କୁ ସାଥେ ନେଇ
ମୁଁ ନିର୍ଜୀବ ପାଇଯିବି ଜୀବନ
ମୁଁ ଅନ୍ଧ, ପୁଣି ଦେଖିବି ସପନ
ଫେରିଆସ ତୁମେ ଫେରିଆସ ।


♥ ଗ୍ରା/ପୋ- ତେରେସିଂହା,
ଭା- ରିଷିଡ଼ା
ଜି- କଳାହାଣ୍ଡି- ୭୬୬୦୩୧
ମୋ. ୭୮୯୪୬୫୮୨୭୪


## ମୁଁ ନନ୍ଦଦାସ

**ରତ୍ନାକର ରାଉତ**

ମୁଁ ନନ୍ଦଦାସ ।
ଏ ମାଟିରେ ସଂଭୂତ,
ନିଖିଳ ବିଶ୍ୱ ବ୍ରହ୍ମାଣ୍ଡ ମୋ ବୃତ୍ତର ପିରଧି ।
ମୁଁ ଫକୀରମୋହନ ସେନାପତିଙ୍କ ଦାୟାଦ,
ସାରଳା ଦାସ ଓ ସଚ୍ଚି ରାଉତରାୟଙ୍କ
ଉତ୍ତର ପିଢ଼ି । ମୋତେ ତୁମେ
ତଉଲି ଦେବ ତୁମ ଦ୍ୱାରା ନିର୍ଣ୍ଣିତ
ମାନପତ୍ର, ଫଳକ, ଫୁଲମାଳ
ଓ ଉପଢୌକନରେ ! ଏ ତୁମର
ବୃଥା ଆସ୍ଫାଳନ ଓ ଅହମିକା ।

କେଉଁ ମାନଦଣ୍ଡରେ ମାପିବ ମୋତେ ତୁମେ,
କେଉଁ ନିକିତିରେ ନିର୍ଣ୍ଣୟ କରିବ
ମୋ ସୃଷ୍ଟିର ଓଜନ କେତେ ?

ମୋ ସର୍ଜନାର ସମୁଦ୍ରରେ ଅବଗାହନ କର ।
ସେ ପାରାବାରର ଅଥଳ ଐଶ୍ୱର୍ଯ୍ୟରେ
ତୁମ ନିକିତିର ସାମର୍ଥ୍ୟ କେତେ ଜାଣିବ ।
ଆକାଶର ବିସ୍ତୃତିକୁ ଆକଳନ କରିଛ କେବେ ?
ପାରିବ କେବେ ମାପି ତାର ଅନନ୍ତ ଅସୀମ ପରିସୀମା ?
ପରଖିଛ କେବେ ଗୋଟିଏ ସୂର୍ଯ୍ୟର ଔଜଲ୍ୟ ?
କୋଟି ସୂର୍ଯ୍ୟର ଆଭାରେ ଯେଉଁ ସୃଷ୍ଟି ସମ୍ଭାର
ସମୁଜ୍ଜ୍ୱଳ, ପାରିବ ତୁମେ ସେ ଅସାମାନ୍ୟ
ଶକ୍ତିର ଉତ୍ସକୁ ତଉଲି ?

ଭେଦିଛି କେବେ ତୁମ ଭିତରକୁ ଶଶିର ଶୀତଳତା,
ଜହ୍ନର କମନୀୟ ମୁଲାୟମ ସ୍ନିଗ୍ଧ ଜ୍ୟୋଛନାର
ଅମଳିନ ସ୍ପର୍ଶ ? ଯଦି ଭେଦିନି,
ଥରେ ଭିଜ ସେ ଅନାବିଳ ଦୁର୍ଲଭ ପରଶରେ ।
ଶତ ଚନ୍ଦ୍ରମାର ସୌନ୍ଦର୍ଯ୍ୟରେ ସୁଶୋଭିତ
ମୋର କାବ୍ୟ ବାରିଧିର ପ୍ରାଚୁର୍ଯ୍ୟ !

ମୁଁ ତ' ମୁଁ ନୁହେଁ । ମୁଁ କିଏ ଏଯାବତ ଜାଣିନି !
ମୁଁ କଣ ସବୁବେଳେ ନନ୍ଦଦାସ ?
ମୁଁ କଣ ତୁମେ ନୁହଁ ?
କିଏ ନନ୍ଦଦାସ, ସେ କିଏ, ଚିହ୍ନିଛ ତାକୁ ?
ନନ୍ଦଦାସ କଣ ସେ ନୁହେଁ,
ଯିଏ ଆସନ ପାତି ବସିଛି
ଆଜି ଦିଅଁ ହୋଇ ତୁମ ସଭିଙ୍କ ଭିତରେ ।
ତାକୁ ଜାଣ, ପଢ଼, ବୁଝ ।
ସେ ବିଶାଳ, ବିସ୍ତୃତ, ବିରାଟ ସତ୍ତା ଭିତରେ
ନିଜକୁ ଖୋଜ ହେ ମୂଢ଼ମତି !!

ଦେଖିବ ତୁମେ ସବୁ ତା' ଭିତରେ ଅଛ,
ସମୁଦ୍ର ପାଣିରେ ଲୁଣ ଭଳି,
ବାୟୁ ମଣ୍ଡଳରେ ବାୟୁ ଭଳି,
ଓ ଆକାଶର ଅଙ୍ଗନରେ ଭାସୁଥିବା
ସପ୍ତଖଣ୍ଡ ମେଘ ଦେହରେ ସୂକ୍ଷ୍ମ ଜଳକଣାଟିଏ ପରି ।

ଅରୂପର ଅଦୃଶ୍ୟ ଆଁ ଭିତର ଉହ୍ଲେଇରେ
ଛଟପଟ ହେଉଥିବା ତୁମେ ସବୁ ନଗଣ୍ୟ ପତଙ୍ଗ ।
କାହିଁକି ଏତେ ବଡ଼ପଣ, ଏତେ ବହପ ?
ପୁରସ୍କାରର ତରାଜୁରେ ତୁମେ ତଉଲିବ
ନନ୍ଦଦାସର ସର୍ଜନାର ସମ୍ଭାର ?
କେତେକେତେ ଜନ୍ମନେବାକୁ ପଡ଼ିବ ତୁମକୁ
ତାର କଳନା କରିପାରିବ ନାହିଁ ତୁମର ସୀମିତ ଧୀଶକ୍ତି ।

ଥରେ ଚେଷ୍ଟାକର ଅନୁଶୀଳନ କରିବାକୁ,
କାହିଁକି ମାତୃଗର୍ଭରୁ ଭୂପତିତ ହେଲା ବେଳକୁ
କୁଆଁ କୁଆଁ କାନ୍ଦରେ ଚକିତ କରଥିଲ
ତୁମ ଚଉପାଶର ପୃଥିବୀ ? ତୁମ କାନ୍ଦରେ
କାହିଁକି ହସର ଫୁଆରା ଖେଳି ଯାଇଥିଲା
ଜନନୀର ଅଧରରେ ଏବଂ ସମବେତ ସଂସାରୀ,
ସୋଦର, ଆତ୍ମୀୟ ବଂଧୁଙ୍କର ?
ତୁମେ ତୁହାଇ ତୁହାଇ କଇଁକଇଁ କାନ୍ଦୁଥିଲ କି' ନାହିଁ
ପଚାର ତୁମ ମାତା ପିତାଙ୍କୁ, ସେମାନେ କହିବେ ।

ଫେରିବା ବେଳେ ତୁମେ କାନ୍ଦିବକି ନାହିଁ ତୁମକୁ ଜଣା,
କିନ୍ତୁ କନ୍ଦେଇ ଫେରିଯିବ ତୁମ ଚତୁଃପାର୍ଶ୍ୱର ପୃଥିବୀକୁ,
ଯାହା ସଭିଙ୍କ ବିଦାୟ ପର୍ବରେ ତୁମେ ଏଯାବତ୍ ଦେଖୁଛ ।


ଯେଉଁଦିନ ଭେଦିବ ଏ ରହସ୍ୟର ରସଘନ ଗୂଢ଼ତତ୍ତ୍ୱ,
ସେହିଦିନ ବୁଝିବାକୁ ସକ୍ଷମ ହେବ କିୟଦଂଶ
ନନ୍ଦଦାସର ସର୍ଜନାର ମତଲବ କ'ଣ ?



ସେ କିଏ, କାହିଁକି ତାର ଏଠାରେ ଆବିର୍ଭାବ
ଓ ସୃଷ୍ଟିର ଚେତନାରେ ନିମଗ୍ନ
ଏବଂ ସାଜିଛି ସୃଜନର ରୂପକାର ?

ମନେରଖ, କେବେବି ବାହାସ୍ଫୋଟ
ମାରିବ ନାହିଁ ସର୍ଜନାକୁ ତୁମ ନିଜସ୍ୱ
ସକ୍ଷମତାରେ ଆକଳନ କରିବାକୁ,
ଯାହା ନିହାତି ମାମୁଲି ଓ ନଗଣ୍ୟ,
ଏପରିକି ଜ୍ଞାନ ସାଗରର ବେଳାଭୂମିରେ
ସାମାନ୍ୟ ଉପଲଖଣ୍ଡକୁ ବି' ସରି ନୁହେଁ ।


♥ ପ୍ଲଟ ନଂ-୭୬୭ (ପି)
ଜୟଦୁର୍ଗା ନଗର, ଲକ୍ଷ୍ମୀସାଗର
ଭୁବନେଶ୍ୱର-୬



## ଧାରାବାହିକ ପୌରାଣିକ ଉପନ୍ୟାସ

### ଭାଗ-୫୬

# ଦ୍ୱିତୀୟ ସୂର୍ଯ୍ୟ

ଡ. ସିନ୍ଧୁ ସେନ



**ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...**

ଉର୍ଦ୍ଧ୍ୱକୁ ଅନାଇଲି । ମୋ ଉପରେ ଖୋଲାଆକାଶ । ମୁଁ ବେଶ୍ ଦେଖିପାରୁଛି ଅସ୍ତମିତ ହେବାକୁ ଥିବା ସୂର୍ଯ୍ୟଦେବଙ୍କୁ । ଯାହାଙ୍କୁ ମୁଁ ସାରାଜୀବନ ଗୁରୁ ରୂପେ ପୂଜାକରି ଆସୁଥିଲି । ବହୁ ବିଳମ୍ବରେ ହେଲେ ମଧ ମୁଁ ଦିନେ ଜାଣିପାରିଥିଲି ମୁଁ କୌନ୍ତେୟ । ପୁଣି ସୂର୍ଯ୍ୟସନ୍ତାନ, ମୋର ଜନ୍ମଜାତ କବଚକୁଣ୍ଡ ମଧ ତାଙ୍କରି ଦୟାରୁ। ସେଦିନ ମୁଁ ନିଜକୁ ଭାଗ୍ୟବାନ ମନେ କରିଥିଲି । ସୂର୍ଯ୍ୟସମ ତେଜିୟାନ ହୋଇ ବଞ୍ଚି ରହିବାକୁ ଚାହିଁଥିଲି । କିନ୍ତୁ, ମୋର ଏମିତି କ'ଣ ଅପରାଧ ଥିଲା ଯେ, ମୋ ଉପରେ ସମସ୍ତଙ୍କର ଥିଲା ଏକ ଆଶ୍ଳେଷଭରା ଚାହାଁଣୀ । ସାରାଜୀବନ ମୁଁ କେବଳ ଅପମାନ, ଲାଞ୍ଛନା, ଭର୍ତ୍ସନାର ଜ୍ୱାଳାରେ ଦଗ୍ଧୀଭୂତ ହୋଇଥିଲି । ସୂତପୁତ୍ରର ପରିଚୟରେ ସାରାଜୀବନ ମୋର ବିତିଗଲା । ଅଥଚ ମୋ ଜନ୍ମରହସ୍ୟ ଅନେକେ ଜାଣିଥିଲେ । ମୋର ମାତା କୁନ୍ତୀଙ୍କ ବ୍ୟତୀତ ବାସୁଦେବ କୃଷ୍ଣ ଓ ପିତାମହ ଭୀଷ୍ମ ମଧ ଜାଣିଥିଲେ । ଅଥଚ ସର୍ବସାଧାରଣରେ ତାହାଥିଲା ଅଜ୍ଞାତ । ମୋ ମୃତ୍ୟୁ ଅନ୍ତେ ହୁଏତ ଅନେକେ ଆସିବେ । ଆସିବେ ମାତା କୁନ୍ତୀ ପୁଣି ପଞ୍ଚପାଣ୍ଡବ । ସେଦିନ ପାଣ୍ଡବ ଭାଇମାନଙ୍କ ପାଖରେ ଉଦ୍‌ଘାଟିତ ହୋଇଯିବ ମୋ ଜନ୍ମରହସ୍ୟ । ସେମାନେ ହୁଏତ ମୋ ପାଇଁ ଶୋକପ୍ରକଟ କରିବେ । ମୋର କିନ୍ତୁ ସେମାନଙ୍କ ପାଇଁ ଯେତେ ଦୁଃଖ ଆସୁନି, ଦୁଃଖ ଆସୁଛି ମିତ୍ର ଦୁର୍ଯ୍ୟୋଧନଙ୍କ ପାଇଁ । ମୁଁ ହିଁ ଥିଲି ତାଙ୍କର ବଳବୀର୍ଯ୍ୟ, ସାହସ ସବୁକିଛି । ମୋରି ଉପରେ ଭରସା ରଖି ସେ ବିଜୟଲାଭର ସ୍ୱପ୍ନ ଦେଖୁଥିଲେ। ଆଉ ମୁଁ ମିତ୍ରଦ୍ରୋହୀ ହେବିନାହିଁ ବୋଲି ଜାଣିଶୁଣି ଅଧର୍ମର ପକ୍ଷକୁ ସମର୍ଥନ କରିଥିଲି । ଅନେକ ଅନୀତି, ଅନ୍ୟାୟକୁ ପ୍ରଶ୍ରୟ ଦେଇଥିଲି । ଏବେ ସେସବୁ ଚିନ୍ତାକରି ଅନୁଶୋଚନା କରିବାର ସମୟ ନାହିଁ ।

ଯେତେ ଯେତେ ଉର୍ଦ୍ଧ୍ୱକୁ ଚାହିଁ ରହୁଛି । ସେତେ ବେଶି ସୂର୍ଯ୍ୟଦେବଙ୍କୁ ଦେଖିପାରୁଛି । ଏଇ ସୂର୍ଯ୍ୟଦେବ ମୋର ପିତା । ଯାହାଙ୍କଠାରେ ମୋର ଅନେକ ଅଭିଯୋଗ ରହିଛି । ଆଜି ଅନ୍ତିମ ମୁହୂର୍ତ୍ତରେ ଇଚ୍ଛା ହେଉଛି ସବୁ ଖୋଲି କହିଦେବି। ମାନୁଛି, ମୋ ଶରୀରର କବଚ କୁଣ୍ଡଳ ତୁମରି ଦାନରୁ । ମାତ୍ର ସେତକ ଦାନ କରି ଜନ୍ମରୁ ମୋ ସହ ପ୍ରତାରଣା କରିଛ ଆଦିତ୍ୟଦେବ । କବଚ କୁଣ୍ଡଳ ଅପେକ୍ଷା ଗୋଟିଏ ସନ୍ତାନ ପାଇଁ ତାର ପିତୃ ପରିଚୟର ଆବଶ୍ୟକତା ଯେ କେତେ ବେଶି ତାହା ମୁଁ ମର୍ମେମର୍ମେ ଉପଲବ୍ଧି କରିଛି । ଭାବିଥିଲ, ଶିଶୁଟି ହାତରେ କ୍ରୀଡ଼ନକ ଧରାଇବା ଭଳି ମୋତେ କବଚ କୁଣ୍ଡଳ ଦେଇଦେଲେ ମୁଁ ପରିତୃପ୍ତ ହୋଇଯିବି । ସୂତପୁତ୍ରର ପରିଚୟରେ ବଞ୍ଚି ଆସିଥିବା ସ୍ୱାଭିମାନୀ କର୍ଣ୍ଣର ଜନ୍ମରହସ୍ୟ ଚିରଦିନ ଗୋପନ ରହିଯିବ । ଗୋପନ ରହିଯିବ ଜନନୀ ପୃଥାଙ୍କ ସହ ତୁମର ମିଳନର ସ୍ମାରକୀ । କିନ୍ତୁ ସତ୍ୟ ଦିନେ ନା ଦିନେ ସ୍ୱୟଂପ୍ରକାଶ ହେବ।

ହେ ସୂର୍ଯ୍ୟଦେବ ! ସାରାଜୀବନ ତୁମେ ତୁମର ସନ୍ତାନ ପ୍ରତି କର୍ତ୍ତବ୍ୟ ଦାୟିତ୍ୱକୁ ଅଣଦେଖା କରି ଆସିଛ । ତଥାପି ମୁଁ ବଞ୍ଚି ରହିଥିଲି । ଏହି କଳିଯୁଗ ଲୋକମାନଙ୍କ ପାଖରେ ନିଜକୁ 'ଦ୍ୱିତୀୟସୂର୍ଯ୍ୟ' ରୂପେ ଉପସ୍ଥାପନ କରି ମୋ ଜୀବନର ଅନ୍ତର୍ଲିପିକୁ ଖୋଲିଦେଇ ଯାଉଛି । ଏହା ମଧ ସ୍ୱୀକାର କରୁଛି, ସମଗ୍ର ବିଶ୍ୱବ୍ରହ୍ମାଣ୍ଡ ଏକଇ ସୂର୍ଯ୍ୟର ଆଲୋକରେ ଆଲୋକିତ । ଏଠି ଦ୍ୱିତୀୟ ସୂର୍ଯ୍ୟର ସ୍ଥିତି ନାହିଁ । ଏ ଧରଣୀବକ୍ଷକୁ ଦ୍ୱିତୀୟ ସୂର୍ଯ୍ୟ ଆସିଥିଲା ତୁମରି ଅସୀମ କୃପାରୁ । ତା ଦେହରେ ଝଟକୁଥିଲା ତୁମରି ଜ୍ୟୋତି, ତୁମରି କନକରଶ୍ମି ତା ଉପରେ ଅଜାଡ଼ି ଦେଇଥିଲ । ସେ ଏବେ ଚାଲିଯାଉଛି । ଏ ମର୍ତ୍ତ୍ୟରେ ତାର କର୍ମ, କର୍ତ୍ତବ୍ୟ ଶେଷକରି ସେ ବିଦାୟ ନେଉଛି । ଜଗତ ବି ଦିନେ ଜାଣିବ, ଦ୍ୱିତୀୟ ସୂର୍ଯ୍ୟ କେବେ ଚିରସ୍ଥାୟୀ ନୁହେଁ । ଏକଇ ସୂର୍ଯ୍ୟଦେବ ସୃଷ୍ଟିର ପ୍ରାରମ୍ଭରୁ ରହିଛି, ରହିଥିବ ମଧ । କଳିଯୁଗର ମଣିଷମାନଙ୍କ ଠାରେ 'ଦ୍ୱିତୀୟସୂର୍ଯ୍ୟ'ର ମୃତ୍ୟୁ ହୋଇଯାଇପାରେ। ହେଲେ ଏକଥା ତ ସେମାନେ ସ୍ୱୀକାର କରିବେ, ଦ୍ୱିତୀୟସୂର୍ଯ୍ୟ ସେଇ ପ୍ରଥମ ସୂର୍ଯ୍ୟଙ୍କର ଔରସରୁ ଜାତ, ସୂର୍ଯ୍ୟସମ ତେଜଦୀପ୍ତ।

ମୋତେ ଏବେ ସୂର୍ଯ୍ୟଦେବଙ୍କ ଠାରୁ ବିଦାୟ ନେବାକୁ ପଡ଼ିବ । ଯେତେ ଯେତେ ତାଙ୍କୁ ଦେଖୁଛି, ସେତେ ବେଶି ଆକର୍ଷିତ ହୋଇଯାଉଛି ତାଙ୍କଠାରେ । ମୋର ଯେମିତି ମନେ ହେଉଥିଲା, ଅସ୍ତଗାମୀ ସୂର୍ଯ୍ୟଦେବ ତାଙ୍କ ଲୋହିତରଶ୍ମି ଟିକକ ମୋ ଉପରେ ବିଞ୍ଚି ଦେଉଛନ୍ତି । ବିଦାୟ ପୁତ୍ରକୁ ଶେଷବିଦାୟ ଜଣାଇ ସେ ଯେମିତି ମୋ ଗାଲରେ ଆଙ୍କି ଦେଉଥାନ୍ତି ସ୍ନେହାଶିଷ ଚୁମ୍ବନର ରେଖା । ଆଉ କହୁଥାନ୍ତି, 'ଦୁଃଖ କରନି ପୁତ୍ର, ତୁମ ଜନ୍ମର ଅଧ୍ୟାୟ ଆଦୌ କଳଙ୍କିତ ନୁହେଁ, ତୁମେ ସୂର୍ଯ୍ୟସନ୍ତାନ । ସୂର୍ଯ୍ୟସମ ତେଜିୟାନ୍ ହୋଇ ବୀରପରି ବିଦାୟ ନେଇଛ । ତୁମ ଉପରେ ମୋର ସଦାସର୍ବଦା ଆଶୀର୍ବାଦ ରହିଛି । ଯୁଗଯୁଗ ଧରି ତୁମ ନାମ ସହ ମୋ ନାମ ଯୋଡ଼ି ହୋଇ ଏକ ସ୍ୱର୍ଣ୍ଣାଭ ଇତିହାସ ସୃଷ୍ଟି କରିବ । ତୁମର ବୀରତ୍ୱ, ଯଶ, କୀର୍ତ୍ତିର ଗାଥା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଯିବ । କଳିଯୁଗର ମଣିଷମାନଙ୍କ ପାଖରେ ତୁମେ ଯେଉଁ ନାମରେ ନାମିତ ହୁଅନା କାହିଁକି, ତୁମ ନାମ ସହ ଯୋଡ଼ିହୋଇ ରହିଯିବ ମୋରି ନାମ । ତୁମେ ତେଣୁ କର୍ଣ୍ଣ ହୁଅ କି ବସୁଷେଣ ହୁଅ, କି ରାଧେୟ ହୁଅ । ତୁମ ଜୀବନର ଅନ୍ତର୍ଲିପିରେ ଲେଖା ହୋଇଯିବ ଆଉ ଏକ ନୂତନ ନାମଟିଏ । ଯାହା ମୋ ନାମ ସହ ଯୋଡ଼ି ହୋଇଯିବ । ତାହାହିଁ ଦ୍ୱିତୀୟ ସୂର୍ଯ୍ୟ ।


ଜୀବନର ଅନ୍ତିମ ଲଗ୍ନରେ ସୂର୍ଯ୍ୟଦେବଙ୍କୁ ଦେଖିଲେ ଅନେକକଥା ମନରେ ଉଙ୍କି ମାରୁଛି । ସେହି ଅସରନ୍ତି କଥାର କାହାଣୀ ଯାହା ସଂପୂର୍ଣ୍ଣ ବ୍ୟକ୍ତ କରିପାରୁନି । ତଥାପି ହାତଯୋଡ଼ି ତାଙ୍କ ଉଦ୍ଦେଶ୍ୟରେ କହିଲି ହେ ସୂର୍ଯ୍ୟଦେବ, ଆଜୀବନ ମୁଁ ତୁମକୁ ଅସମ୍ମାନ କରିନି । ପିତୃ ପରିଚୟର ସୌଭାଗ୍ୟ ନପାଇ ମଧ ମୋର ଇଷ୍ଟଦେବ ରୂପେ ତୁମକୁ ମାନିନେଇଛି ମୋ ଜୀବନର ସମସ୍ତ ଶ୍ରଦ୍ଧା, ଭକ୍ତି, ସମ୍ମାନ ତୁମଠାରେ ସମର୍ପି ଦେଇଛି । ଜୀବନର ଅନ୍ତିମ ଲଗ୍ନରେ ମଧ ଏ ହତଭାଗା କର୍ଣ୍ଣ ତୁମକୁ ପ୍ରଣାମ ଜଣାଉଛି, ଚିର ଲାଞ୍ଛିତ, ଅବହେଳିତ ସନ୍ତାନର ପ୍ରଣାମ ସ୍ୱୀକାର କର ।

ମନେ ପଡ଼ିଯାଉଥିଲା ବାସୁଦେବ କୃଷ୍ଣଙ୍କ କଥା, ଯୁଦ୍ଧପୂର୍ବରୁ ମୋ ଜନ୍ମର ରହସ୍ୟ ଖୋଲିଦେଇ ଯିଏ ମୋତେ ପାଣ୍ଡବପକ୍ଷ ସମର୍ଥନ କରିବାକୁ ଆହ୍ୱାନ ଦେଇଥିଲେ ଜାଣିଶୁଣି ମୁଁ ତାଙ୍କୁ ପ୍ରତ୍ୟାଖ୍ୟାନ କରିଥିଲି । ଏବେ ମୋତେ ବୀରଗତି ଦେବାରେ ମଧ ତାଙ୍କର ହାତ ରହିଛି । ସମଗ୍ର କୁରୁକ୍ଷେତ୍ର ଯୁଦ୍ଧ ତ ତାଙ୍କରି ଇଂଗିତରେ ପରିଚାଳିତ ହେଉଥିଲା । ଅର୍ଜୁନ ଥିଲେ ନିମିତ୍ତ ମାତ୍ର ।

ଆଖିଆଗରେ ନାଚି ଉଠୁଥିଲା ମାତା କୁନ୍ତୀଙ୍କର ଅଶ୍ରୁସିକ୍ତ ମୁଖମଣ୍ଡଳ । ସେ କ'ଣ ସତରେ ଆସିବେ ମୋତେ ଦେଖିବା ପାଇଁ । ସେ ଯେ ପାଣ୍ଡବ ଜନନୀ, ହସ୍ତିନାର କୁଳବଧୂ । ସେଦିନ ମୁଁ ତାଙ୍କୁ କମ୍ ଆଘାତ ଦେଇନି । ମାତ୍ର ତାଙ୍କୁ ଦେଇଥିବା ବଚନ ତ ରକ୍ଷାକରିଛି । ପଞ୍ଚପାଣ୍ଡବ ଜନନୀ ହୋଇ ସେ ଚିରଦିନ ରହିବେ। ଷଷ୍ଠପାଣ୍ଡବ ଆସିଥିଲା ଗୋପନରେ, ଚାଲିଗଲା ମଧ ଗୋପନରେ । ତାର ପ୍ରକୃତ ପରିଚୟ ରହିଗଲା ଅଜ୍ଞାତ ହୋଇ ।

ମୋ ଶରୀରରୁ ଅନବରତ ରକ୍ତକ୍ଷରଣ ହେଉଥିଲା । ସିକ୍ତ ହୋଇଯାଉଥିଲା କୁରୁକ୍ଷେତ୍ର ମାଟି । ଆହୁରି ନିଃଶେଷ ହୋଇଯାଉ ଏ ରକ୍ତ । ମୋ ଶରୀରର ରକ୍ତ ଯେ ମିତ୍ର ଦୁର୍ଯ୍ୟୋଧନଙ୍କର ଋଣର ରକ୍ତ । ଯେତେଯେତେ ଏ ରକ୍ତ କ୍ଷରିତ ହେବ ମୁଁ ସେତିକି ଋଣମୁକ୍ତ ହେଉଥିବି । ଜୀବନ ତମାମ୍ ସାଉଁଟିଥିବା ସମସ୍ତ ଅଭିଶାପ, ଲାଞ୍ଛନା, ଅପମାନ, ନିର୍ଯ୍ୟାତନାର ଉର୍ଦ୍ଧ୍ୱରେ ଏକ ଗଭୀର ଆତ୍ମତୃପ୍ତିରେ ପ୍ରଲୁପ୍ତ ହେଉଥିଲା ମୋ ମନ, ଆତ୍ମା, ଚିନ୍ତା ଓ ଚେତନା । ତଥାପି ମୁଁ ଆଶାବାଦୀ ହୋଇ ଉଠୁଥିଲି । ମୋର ରକ୍ତତର୍ପଣରେ ଏକ ନୂତନ ଯୁଗର ଅୟମାରମ୍ଭ ହେଲେ ମୁଁ ଆଶ୍ୱସ୍ତି ଲଭିବି ।

ମୋ ମନ ଦର୍ପଣରେ ପ୍ରତିବିମ୍ବିତ ହେଉଥିଲା ଅନେକ ମୁହଁ । ପରମମିତ୍ର ଦୁର୍ଯ୍ୟୋଧନ, ବନ୍ଧୁ ଅଶ୍ୱତ୍ଥାମା, ପିତାମହ ଭୀଷ୍ମ, ଯୁଧିଷ୍ଠିର, ଭୀମ, ଅର୍ଜୁନ, ନକୁଳ, ସହଦେବ, ସର୍ବୋପରି ବାସୁଦେବ କୃଷ୍ଣ । ମିତ୍ର ଦୁର୍ଯ୍ୟୋଧନ ପାଇଁ କ୍ଷୋଭ ଜାଗୁଥିଲା ମନରେ । ମୋ ଉପରେ ତାଙ୍କ ଅଖଣ୍ଡ ବିଶ୍ୱାସ ଓ ଭରସା ଥିଲା । ଆଜି ମୋର ଅନ୍ତିମ ମୁହୂର୍ତ୍ତରେ ତାଙ୍କର ମୁହଁଟି ମୋ ଆଖି ସାମନାକୁ ବାରମ୍ବାର ଆସୁଥିଲା । ଯିଏ ସମସ୍ତଙ୍କୁ ଆରକ୍ତ ଚକ୍ଷୁରେ, କ୍ରୋଧମିଶା ସ୍ୱରରେ ଆଦେଶ ଦେଉଥିଲେ କିନ୍ତୁ ମୋ ପାଖରେ ଥିଲେ ଏକ ଶୀତଳ ସ୍ରୋତଟିଏ । ସେ ସାମ୍ରାଜ୍ୟ ଲାଳସୀ ହେଲେ ମୁଁ ଥିଲି ଯୁଦ୍ଧଲାଳସୀ । ତେଣୁ ଆମେ ଦୁହେଁ ଥିଲୁ ପରସ୍ପର ପରିପୂରକ, ଏକାତ୍ମ ମଧ । ଜଣେ ଜଣକ ବିନା ବଞ୍ଚିରହିବା ସମ୍ଭବ ନଥିଲା । ଏବେ ମୋର ମୃତ୍ୟୁପରେ ମିତ୍ର ଦୁର୍ଯ୍ୟୋଧନ ମୋ ଶବାଧାର ପାଖକୁ ନିଶ୍ଚିତ ଆସିବେ, ମୋତେ କୋଳାଗ୍ରତ କରି ରୋଦନ କରିବେ, ତାଙ୍କଠାରୁ ମୁଁ ଅନେକ ପାଇଛି । ହେଲେ ସେସବୁର ପ୍ରତିଦାନରେ ତାଙ୍କୁ ବା କ'ଣ ଦେଇପାରିଲି ? ତାଙ୍କର ଅନୁକମ୍ପାରୁ ମୁଁ ଦାନ କରିବାର ସୁଯୋଗ ପାଇଛି । ଜଗତ ମୋତେ ମହାଦାନୀ ରୂପେ ସ୍ୱୀକାର କରିପାରେ । କାରଣ ଜୀବନରେ ମୁଁ ଅନେକ ଦାନ କରିଛି । ଏପରିକି ନିଜ ଜୀବନକୁ ବିପନ୍ନ କରି ଦାନ ଦେବାରେ କାର୍ପଣ୍ୟ କରିନାହିଁ। ମାତ୍ର ସେସବୁ ମଧ ସମ୍ଭବ ହୋଇଛି ଦୁର୍ଯ୍ୟୋଧନଙ୍କ ଦାନରେ । ରକ୍ତକ୍ଷରିତ କୁରୁକ୍ଷେତ୍ର ମାଟିରେ ଥାଇ ଦୁର୍ଯ୍ୟୋଧନଙ୍କୁ ହାତ ଯୋଡ଼ିଲି । ହେ ମୋର ପରମମିତ୍ର ଦୁର୍ଯ୍ୟୋଧନ, ତୁମେ ଅନ୍ୟମାନଙ୍କ ଆଖିରେ ଯାହା ବି ହୁଅନା କାହିଁକି ମୋ ଦୃଷ୍ଟିରେ ତୁମେ ଅନନ୍ୟ, ଅସାଧାରଣ । ଏହି ବିଦାୟ ମୁହୂର୍ତ୍ତରେ ମୋତେ କ୍ଷମା କରିଦିଅ। ତୁମକୁ ଦେଇଥିବା ପ୍ରତିଶ୍ରୁତି ମୁଁ ରଖିପାରିଲିନି। ମୋରି ବଳ, ସାହସ, ଶକ୍ତି ଉପରେ ଭରସା ରଖି ତୁମେ ଯୁଦ୍ଧଡାକରା ଦେଇଥିଲ । ପ୍ରଥମରୁ ଯୁଦ୍ଧରେ ଭାଗ ନେବାର ସୁଯୋଗ ପାଇ ନଥିଲେ ମଧ ଯେବେ ସୁଯୋଗ ଆସିଛି ପାରୁପର୍ଯ୍ୟନ୍ତ ଯୁଦ୍ଧ କରିଛି । ତୁମର ବିଜୟ ପାଇଁ ଆପ୍ରାଣ ଉଦ୍ୟମ କରିଛି । ମାତ୍ର ଯେଉଁଠି ଧର୍ମ, ଅଧର୍ମର, ନ୍ୟାୟ ଅନ୍ୟାୟ ମଧ୍ୟରେ ଯୁଦ୍ଧ ସଂଘଟିତ ହୁଏ ସେଠାରେ ବଳ, ଶକ୍ତି, ବୀରତ୍ୱର ମୂଲ୍ୟ କ'ଣ ? ଯୁଦ୍ଧ ଆରମ୍ଭରୁ ଏ ବିଜୟ ଯେ ଧର୍ମପକ୍ଷରେ ଏହା ଜାଣି ମଧ ମୁଁ ତୁମକୁ ଛାଡ଼ିଯାଇନି ମିତ୍ରଦ୍ରୋହୀ ହୋଇନି । ତୁମକୁ ଦେଇଥିବା ବଚନକୁ ସମ୍ମାନ ଜଣାଇ ତୁମପାଇଁ ମୋ ଦେହରେ ଶେଷ ରକ୍ତବିନ୍ଦୁ ଥିବାପର୍ଯ୍ୟନ୍ତ ଲଢ଼ିଛି । ଏବେ ମୋତେ ବିଦାୟ ଦିଅ ।



ମନେ ପଡ଼ିଯାଉଥିଲା ଗୁରୁପୁତ୍ର ବନ୍ଧୁ ଅଶ୍ୱତ୍ଥାମାଙ୍କ କଥା । ଯିଏ ମୋତେ ତତ୍ତ୍ୱଜ୍ଞାନର ଶିକ୍ଷା ଦେଉଥିଲେ । ମୋତେ ସୂତପୁତ୍ର ବୋଲି ଅବଜ୍ଞା ନକରି ନିଜ ହୃଦୟରେ ସ୍ଥାନ ଦେଇଥିଲେ। ମୋ ମୃତ୍ୟୁପରେ ସେ ନିଶ୍ଚିତ ଆସିବେ । ତେବେ, ଯିବାପୂର୍ବରୁ ତାଙ୍କ ସହ ବିତାଇଥିବା ସମୟ ଗୁଡ଼ିକ ବହୁତ ମନେପଡୁଛି । ନିରବରେ ତାଙ୍କଠାରୁ ବିଦାୟ ମାଗିନେଉଛି ।

ମନେ ପଡ଼ିଯାଉଥିଲା ପଞ୍ଚପାଣ୍ଡବଙ୍କ କଥା । ସେମାନେ ସମସ୍ତେ ଥିଲେ ମୋର ଅନୁଜ । ବହୁ ବିଳମ୍ବରେ ହେଲେ ମଧ ମୁଁ ଯେତେବେଳେ ଜାଣିଲି ମୁଁ କୌନ୍ତେୟ, ଜ୍ୟେଷ୍ଠପାଣ୍ଡବ । ସେହିଦିନ ଠାରୁ ତାଙ୍କପ୍ରତି ସ୍ନେହସିକ୍ତ ହୋଇ ପଡ଼ିଥିଲି । କିନ୍ତୁ ଦୁଃଖ ରହିଗଲା, ଜୀବିତ ଥିବା ପର୍ଯ୍ୟନ୍ତ ସେମାନଙ୍କ ନିକଟରେ ମୋ ପରିଚୟ ରହିଗଲା ଅଜ୍ଞାତ । ହୁଏତ କୁରୁକ୍ଷେତ୍ର ମାଟି ଉପରେ ମୋ ଜଡ଼ଶରୀରକୁ ଦେଖି ମୋ ଜନ୍ମରହସ୍ୟକୁ ଜାଣିପାରି ଅନେକ ଅନୁତାପ କରିବେ । କିନ୍ତୁ ଏତିକି କହିବି ସେମାନଙ୍କ ପାଖରେ ଧର୍ମଥିଲା, ନ୍ୟାୟ ଥିଲା । ପୁଣି ଥିଲେ ବାସୁଦେବ କୃଷ୍ଣ । ସାରାଜୀବନ ତାଙ୍କର ଶତ୍ରୁ ହୋଇ ରହିଗଲି । ଏବେ ଅନ୍ତିମ ମୁହୂର୍ତ୍ତରେ ଜ୍ୟେଷ୍ଠଭାବେ ଏତିକି କହିବି ଯେଉଁ ଧର୍ମଯୁଦ୍ଧରେ ସେମାନେ ବିଜୟୀ ହୋଇ ସାମ୍ରାଜ୍ୟ ହାସଲ କରିଛନ୍ତି, ତାହାର ସୁରକ୍ଷା କରନ୍ତୁ । ଆର୍ଯ୍ୟାବର୍ତ୍ତରେ ଧର୍ମରାଜ୍ୟ ପ୍ରତିଷ୍ଠା କରନ୍ତୁ ।

ଆଉ ପିତାମହ ଭୀଷ୍ମ । କୁରୁ ସିଂହାସନର ସୁରକ୍ଷାପାଇଁ ଅନେକ କିଛି କରିଛନ୍ତି । ଏବେବି ଯୁଦ୍ଧର ଅନ୍ତିମ ଦିନକୁ ପ୍ରତୀକ୍ଷା କରି ଶରଶଯ୍ୟାରେ ରହିଛନ୍ତି ଯୁଦ୍ଧଭୂମିରେ । ମୋର ସମସ୍ତ ପରିଚୟ ଜାଣି ମଧ ସାରାଜୀବନ ମୋତେ ସୂତପୁତ୍ର ବୋଲି ଅବଜ୍ଞା କରିଥିଲେ । ତଥାପି ସେ କୁରୁଶ୍ରେଷ୍ଠ । ମହାନ୍ ରାଜନୀତିଜ୍ଞ । ତାଙ୍କ ଉଦ୍ଦେଶ୍ୟରେ ହାତଯୋଡ଼ି ମନେମନେ ନିଃଶବ୍ଦରେ କହିଲି ହେ ପିତାମହ, ମୃତ୍ୟୁକୁ ଆଲିଙ୍ଗନ କରିବାକୁ ଯାଉଥିବା ଏ ହତଭାଗା କର୍ଣ୍ଣର ପ୍ରଣାମ ସ୍ୱୀକାର କରନ୍ତୁ । ମୋ ଆଡୁ ଆପଣଙ୍କୁ ଯଦି କିଛି ଅସମ୍ମାନ କରିଥାଏ ତେବେ କ୍ଷମା କରିଦିଅନ୍ତୁ ।

ଏମିତି ଗୋଟିଗୋଟି କରି ସମସ୍ତଙ୍କ ଉଦ୍ଦେଶ୍ୟରେ ନିରବରେ କ୍ଷମା ପ୍ରାର୍ଥନା କଲି । ମୋ ଆଖି ସାମନାରେ ଭାସି ଉଠୁଥିଲା ଆଉ ଦୁଇଟି ମୁହଁ । ଜଣେ ଅର୍ଜୁନ ଓ ଅନ୍ୟଜଣେ କୃଷ୍ଣ। ଅର୍ଜୁନ ମୋର ଅନୁଜ । ଅନୁଜ ହାତରେ ମୃତ୍ୟୁଲଭି ମୋର ତ ମହନୀୟତା ଆହୁରି ବଢ଼ିଗଲା । ତାଙ୍କ ଉଦ୍ଦେଶ୍ୟରେ ଏତିକି ତ ଶୁଭକାମନା କରିପାରିବି, ମହାକାଳର ବକ୍ଷରେ ତୁମ ବୀରତ୍ୱର ଆଲେଖ୍ୟ ଲେଖା ହୋଇ ରହିଯାଉ । ଭଲ ହୋଇଛି ମୋ ପରିଚୟ ତୁମ ନିକଟରେ ଥିଲା ଅଜ୍ଞାତ । ହେଲେ ମୋ ଉପରକୁ ତୁମେ ତୀରଚଳାଇ ପାରି ନଥାନ୍ତ । କୁନ୍ତୀମାତାଙ୍କୁ ମୁଁ ଦେଇଥିବା ବଚନ ରକ୍ଷାକରିଛି । ତୁମ ପାଞ୍ଚଭାଇ ଅକ୍ଷତ ଅବସ୍ଥାରେ ରହିଯାଇଛ । ଆଗାମୀ ଦିନରେ ତୁମେ ଆହୁରି ଯଶସ୍ୱୀ ହୁଅ । ତୁମ ହାତରେ ମୋର ବୀରଗତିରେ ମୁଁ ଆନନ୍ଦିତ । ବିଦାୟ ମୁହୂର୍ତ୍ତରେ ଅଗ୍ରଜର ଅଶେଷ ଶ୍ରଦ୍ଧା, ମମତା, ତୁମକୁ ଦେଇଯାଉଛି ।

ପରିଶେଷରେ ମୋ ମାନସପଟରେ ଉଙ୍କିମାରିଲା ସେଇ ଗୋଟିଏ ମୁହଁ । ଯାହାକୁ ମୁଁ ବାରମ୍ବାର ଦେଖି ମଧ କପଟୀ, ମାୟାବୀ ବୋଲି ଆକ୍ଷେପ କରିଥିଲି । ଏ ଶରୀରରୁ ଶେଷ ରକ୍ତବିନ୍ଦୁ କ୍ଷରିତ ହେବା ମୁହୂର୍ତ୍ତରେ ତାଙ୍କୁ ସ୍ମରଣ କଲି । ହେ ଦୟାମୟ ପରମେଶ୍ୱର । ଜଗତ ତୁମକୁ ଯେଉଁ ଦୃଷ୍ଟିରେ ଦେଖୁନା କାହିଁକି, ତୁମେ ହିଁ ଥିଲ ସମଗ୍ର ମହାଭାରତ ମହାସମରର କେନ୍ଦ୍ରବିନ୍ଦୁ। ତୁମ ପାଖରେ କିଛି ବି ଅଗୋଚର ନଥିଲା । ତୁମେ ହିଁ ଜାଣିଥିଲ ମୋର ଜନ୍ମରହସ୍ୟ। କୌନ୍ତେୟ ହୋଇ ମଧ ରାଧେୟ ପରିଚୟରେ ସାରାଜୀବନ ବଞ୍ଚି ରହିଥିଲି । ଚାହିଁଥିଲେ ସେଦିନ ମୁଁ ତୁମରି କଥାରେ ନିଜର ପୂର୍ବ ପରିଚୟ ଫେରାଇ ନେଇ ପୁନଶ୍ଚ ଜ୍ୟେଷ୍ଠପାଣ୍ଡବ ହୋଇପାରିଥାନ୍ତି । ମାତ୍ର କର୍ଣ୍ଣ ଦେହରେ ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ସେ କେବେ ତାର କର୍ତ୍ତବ୍ୟ ଓ ଧର୍ମପଥରୁ ବିଚ୍ୟୁତ ହେବନାହିଁ । ନିଜ ସ୍ୱାର୍ଥପାଇଁ ମିତ୍ରଦ୍ରୋହୀ ହୋଇପାରିନି । ଜାଣିଶୁଣି ଅଧର୍ମ, ଅସତ୍ୟ, ଅନ୍ୟାୟ ପକ୍ଷକୁ ସମର୍ଥନ କରିଥିଲି । ତାହା ମୁଁ ଠିକ୍ କରିଥିଲି କି ଭୁଲ୍ କରିଥିଲି ଜାଣେନା । ତେବେ, ମୃତ୍ୟୁ ପୂର୍ବରୁ ଏତିକି ତ କହିପାରିବି ମୁଁ କାହାରି ବିଶ୍ୱାସରେ ବିଷ ଦେଇନି । ବରଂ ନିଜକୁ ତିଳତିଳ କରି ଜାଳିଛି । ମୋର ସମସ୍ତ ଜୀବନର ଯନ୍ତ୍ରଣା, ସଂଘର୍ଷର କାହାଣୀ ଶୁଣି କେହି ଯଦି ଅପମାନ, ଲାଞ୍ଛନା, ନିର୍ଯ୍ୟାତନାର ଉର୍ଦ୍ଧ୍ୱକୁ ଉଠି ସୁଖମୟ ଜୀବନ ବିତାଇବାରେ ସଫଳ ହୁଅନ୍ତି ତେବେ, ମୋ ଆତ୍ମା ତୃପ୍ତ ହେବ । ତୁମ ଇଚ୍ଛାରେ ଏ ଭବସଂସାର ଆତଯାତ । ଏ ମହାସମର ତୁମେ ହିଁ ଆରମ୍ଭ କରିଥିଲ, ସମାପ୍ତି ମଧ କଲ ।

ହେ କେଶବ, ତୁମେ ଲୀଳାମୟ, ପୁଣି ପୁରୁଷୋତ୍ତମ, ତୁମ ସାନ୍ନିଧ ବିନା କେହି ବି ମୁକ୍ତିପାଇ ପାରିନାହାଁନ୍ତି । ତୁମଠାରୁ ମୁକ୍ତି ପାଇବା ପାଇଁ ମୋର ଯୋଗ୍ୟତା ଅଛି କି ନା ଜାଣେନା, ତେବେ ଏତିକି କହିବି ସବୁକିଛି ଯଦି ତୁମରି ଇଂଗିତରେ ହେଉଥିଲା, ତେବେ ମୋ ଜନ୍ମଠାରୁ ଆରମ୍ଭକରି ସମସ୍ତ କାର୍ଯ୍ୟକଳାପ ପଛରେ ଥିଲା ତୁମରି ହାତ । ତେଣୁ ଆଜି ଏ ଅନ୍ତିମ ମୁହୂର୍ତ୍ତରେ, ଚିର ଅବହେଳିତ କର୍ଣ୍ଣର ପ୍ରଣାମ ସ୍ୱୀକାର କର। ମୋକ୍ଷ ପ୍ରଦାନକରି ଅନୁଗୃହୀତ କର । କୁରୁକ୍ଷେତ୍ର ମାଟିପରେ ମୋର ଦୁର୍ବଳ ଆଖିପତା କ୍ରମଶଃ ମୁଦି ହୋଇ ଯାଉଥିଲା ।

ଓଃ କି ଶାନ୍ତି ! ଶାନ୍ତି........ ମହାନିଦ୍ରାରେ ମହାଶାନ୍ତି....... ପରମ ଶାନ୍ତି....... ।

- ସମାପ୍ତ -

+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨

## ନୀଳ ନକ୍ଷତ୍ରର ପରୀ

ସୁଷମା ପରିଡା




ତୁମେ ଜୈତ୍ରବନର ଶାଳଭଞ୍ଜିକା କି ମନ୍ଦିର ଗାତ୍ରର ନଟୀ
ଆୟତନୟନୀ ଉନ୍ନତବକ୍ଷା ଗୋ ବନହଂସୀ ସିଂହକଟୀ
ବ୍ରୀଡାନତ ତୁମ ନୟନ ଯୁଗଳ ଅୟୁତ ହୃଦୟ ମୋହେ
ଲାସ୍ୟମୟୀ ତୁମ ମୃଦୁମନ୍ଦ ହାସ୍ୟ ତୀକ୍ଷ୍ଣ ଛୁରୀକା ପ୍ରାୟେ ।

ନୀଳ ବସନରେ ନୀଳ ସାଗର ରୁ ଯେବେ ତୁମେ ଉଠି ଆସ
ନୀଳ କାମନାର ଅଜସ୍ର ଦଂଶନ ଦିଅଇ ଅନେକ ତ୍ରାସ
ବିନ୍ଦୁ ବିନ୍ଦୁ ଜଳ ଅଳକା ପନ୍ତିରୁ ଝରିପଡେ ଯେବେ ତୁମ
ମୋ ମନେ ଉଷ୍ଣତା ଭରିଦିଏ ଯେହ୍ନେ ଡହଡହ ଗୀରିଷମ ।

ବେଳାଭୂମି ପରେ ସପ୍ତମୀ ଜହ୍ନ ର ଶୀତଳ ଜ୍ୟୋସ୍ନା ତଳେ
ଯେବେ ଶୋଇଥାଅ ନିଶ୍ଚିନ୍ତ ରେ ତୁମେ ମଥା ରଖି ମୋର କୋଳେ
ଶୁଭ୍ର ଉର୍ମିମାଳା ସାଗର ବକ୍ଷରେ ହେଉଥାଏ ନୃତ୍ୟ ରତ
ମନେ ହୁଏ ମୋ'ର ମୁକୁଟ ବିହୀନ ସମ୍ରାଟ୍ ଟିଏ ମୁଁ ତ' ।

ଚହଲା ପାଣିର ଛିଟା ପଡି ଯେବେ ସପନଟି ମୋର ଭାଙ୍ଗେ
ଭଙ୍ଗା ବାଲିଘର ମୋ'ର ରିକ୍ତ କୋଳ ଆଜିର ସତ୍ୟଟି ଜାଗେ ।

♥ ଶାରଳା ଭବନ ପୋତାପୋଖରୀ ନୂଆବଜାର କଟକ
ମୋ: ୯୩୩୭୨୭୨୬୪୭



## ସମ୍ପର୍କର ରଙ୍ଗ

# ପିଲାଙ୍କର ବସ୍ତୁ ପ୍ରତି ମୋହ ବଢୁଛି

ଶ୍ୱେତା ରାଉତ୍

ଆମେ ଭାବିଥାନ୍ତି ବହୁତ ବଡ ବିଲ୍ଡିଂ, ସୁନ୍ଦର ଡିଜାଇନ୍ ଫର୍ଣ୍ଣିଚର, ଲଗଜରିୟସ୍ ସୋଫା ଆମକୁ ଏକ ସ୍ୱତନ୍ତ୍ର ଆନନ୍ଦ ଦିଏ। ଆମେ ଘରକୁ ସଜାଇବା, ଆରାମ ଓ ସୁବିଧାରେ ରହିବା ଉପରେ ଏତେ ଧ୍ୟାନ ଦିଅନ୍ତି ଯେ ଘରର ଉର୍ଜା ଉପରେ ଆଦୌ ଧ୍ୟାନ ଦେଇନଥାନ୍ତି। ଆମେ ଭାବନ୍ତି ଯେତେ ଅଧିକ ଇଣ୍ଟରିୟର ଡିଜାଇନ୍, ଫ୍ୟାସିଲିଟି ଓ ଯେତେ ବଡ ଘର ହେବ, ସେତେ ବେଶୀ ପରିବାର ଖୁସି ରହିବ, ସନ୍ତୁଷ୍ଟ ରହିବ, ଆନନ୍ଦ ଅନୁଭବ କରିବ। କିନ୍ତୁ ସତରେ କଣ ଏହା ସମ୍ଭବ ! ଯଦି ଅଧିକ ଧନୀ ହୋଇଥିଲେ, ଗାଡି-ଘୋଡା, ବ୍ୟାଙ୍କ ବାଲାନ୍ସ ଥିଲେ, ଆମୋଦ ଦାୟକ ଜୀବନ ବିତାଉଥିଲେ ପରିବାରରେ ସୁଖ, ଶାନ୍ତି, ସମୃଦ୍ଧି ମିଳିଯାଉଥାନ୍ତା, ତାହେଲେ ଧନୀ ପିଲାମାନେ ଅଧିକ ଉଶୃଙ୍ଖଳିତ ହେଉନଥାନ୍ତେ କିମ୍ବା ଆତ୍ମହତ୍ୟା କରୁନଥାନ୍ତେ, ଧନୀ ସ୍ୱାମୀର ସ୍ତ୍ରୀ, ଧନୀ ବାପର ଝିଅ ଅନ୍ୟ ପୁରୁଷ ସହିତ ଫେରାର୍ ହେଉନଥାନ୍ତେ, ଧନୀ ପୁଅର ବାପା ମାଆ ବୃଦ୍ଧାଶ୍ରମରେ ରହୁନଥାନ୍ତେ। ଘର, ଗାଡି, ଆସବାବ, ବ୍ୟାଙ୍କ ବାଲାନ୍ସ ଆମ ଆରାମ ପାଇଁ ପ୍ରଯୁଜ୍ୟ ହୋଇପାରେ, କିନ୍ତୁ ଆମ ମନ ଉପରେ ଏହାର କୌଣସି ପ୍ରଭାବ ପଡିନଥାଏ। ତେଣୁ ଆମକୁ ଧ୍ୟାନ ଦେବାର ଅଛି ଆମ ଘର ପାଇଁ ସବୁତ ଆମେ ଖଞ୍ଜିଦେଲେ, କିନ୍ତୁ ପରିବାରରେ କାହାର ମନ କେମିତି ଅଛି, କିଏ କେଉଁ ଦୁଃଖରେ, ଅଶାନ୍ତିରେ ଅଛି ତାହା ଜାଣିବା ଜରୁରୀ।

ପିଲାମାନଙ୍କୁ ସବୁବେଳେ ଆମେ କହିଥାନ୍ତି ବଡମାନଙ୍କୁ ସମ୍ମାନ କର, ସାନମାନଙ୍କୁ ସ୍ନେହ କର, ଭୁଲ୍ ବାଟରେ ଯାଅନାହିଁ ଇତ୍ୟାଦି। କଣ ଆମେ ସବୁବେଳେ ଏମିତି ପିଲାଙ୍କୁ କହିଲେ ପିଲାମାନେ ସୁଧୁରି ଯାଆନ୍ତି, ଭଲ ବ୍ୟବହାର ବା ସଂସ୍କାର ଶିଖି ଯାଆନ୍ତି ଆଦୌ ନୁହେଁ।

ପିଲାଙ୍କୁ କିଛି କହିବା ବା ଶିଖାଇବାର ଆବଶ୍ୟକତା ନାହିଁ। କେବଳ ଆମକୁ ଆମ ସଂସ୍କାର ପ୍ରତି ଧ୍ୟାନ ଦେବାର ଅଛି। ଆମେ ପରିବାର ପରିଜନଙ୍କ ସହିତ ଯେଭଳି ବ୍ୟବହାର କରୁଥିବା, ଯେଭଳି ଆଚରଣ ରଖିଥିବା, ଯେତେ ଧର୍ଯ୍ୟବାନ ହୋଇଥିବା, ଯେମିତି ଶ୍ରଦ୍ଧା ବାଣ୍ଟୁଥିବା, ପିଲାମାନେ ଆମକୁ ଦେଖି ଆପେ ଆପେ ଶିଖିଯିବେ। ପରିବାରରେ ଯଦି ସକରାତ୍ମକ ଉର୍ଜା ରହିଥାଏ, ତେବେ ପିଲା ମଧ ସେ ଉର୍ଜାରେ ପ୍ରତିପାଳିତ ହୋଇଥାଏ। ଯାହା ଫଳରେ ତା ଭିତରେ ବି ସକରାତ୍ମକ ବିଚାର ଆସେ। ଆଜିକାଲି ପିଲାମାନେ ସାମାନ୍ୟ ମୋବାଇଲଟିଏ ପାଇଁ ବାପା ମାଆଙ୍କ ସହିତ କଳି କରୁଛନ୍ତି, ଘରୁ ଚୋରି କରୁଛନ୍ତି, କାହାକୁ ହତ୍ୟା କରୁଛନ୍ତି ତ କେତେବେଳେ ନିଜେ ଆତ୍ମହତ୍ୟା କରିଦେଉଛନ୍ତି। ପିଲା ଭିତରେ ଏତେ ନକରାତ୍ମକ ଭାବନା, ଜିଦିଖୋର ସ୍ୱଭାବର କାରଣ ଆମମାନଙ୍କ ପରିବାରର ନକରାତ୍ମକ ଉର୍ଜା ନୁହେଁ ତ ? ଏଥିପ୍ରତି ସମସ୍ତେ ଧ୍ୟାନ ଦେବା ଉଚିତ। କୌଣସି ଏକ ବସ୍ତୁ (ଯେମିତି କି ମୋବାଇଲ) ପାଇଁ ଏତେ ମୋହ ଯେ ପିଲାମାନେ ଜୀବନର ମୋହ ତୁଟେଇ ଦେଉଛନ୍ତି, ସମ୍ପର୍କର ମୋହ ତୁଟେଇ ଦେଉଛନ୍ତି। ପିଲାମାନଙ୍କୁ ବସ୍ତୁ ପ୍ରତି ଏତେ ଭଲପାଇବା କିଏ ଶିଖେଇଲା ?

ନିଶ୍ଚୟ ବାପା ମାଆମାନେ ଛୋଟବେଳୁ ପିଲାଙ୍କୁ ଶ୍ରଦ୍ଧା ଆଦର ସ୍ଥାନରେ ମୋବାଇଲ ଧରେଇ ଦେଇ ଆଉ କାହା ସହ ମୋବାଇଲରେ ଗପୁଥିବେ, ସମୟ ଦେବା ସ୍ଥାନରେ ପିଲାଙ୍କୁ ଏକା ଛାଡି ଖଟି କି ପାର୍ଟିରେ ସମୟ ଦେଉଥିବେ। ପିଲାଟିଏ ଯେତେବେଳେ ତା ମନକଥା କହିବାକୁ ତା ବାପା ମାଆଙ୍କ ପାଖକୁ ଆସୁଥିବ, ନିଜ ବ୍ୟସ୍ତତା ଆଳରେ ପିଲାକୁ ଅଣଦେଖା (ଇଗ୍ନୋର)କରୁଥିବେ। ପିଲାମାନଙ୍କ ଆରାମ ପାଇଁ ଘରେ ଆପଣ ଯେତେ ଦାମିକା ଜିନିଷ ଖଞ୍ଜି ଦିଅନ୍ତୁ ନା କାହିଁକି ତାକୁ କେବେ ପିଲାର ଆନନ୍ଦ ଭାବି ଭ୍ରମରେ ରୁହନ୍ତୁ ନାହିଁ। ବସ୍ତୁ କେବେ ଆନନ୍ଦ ଦେଇପାରେନା, ଆରାମ ଦେଇପାରେ। ଯଦି ପିଲାଙ୍କୁ ସଂସ୍କାରୀ କରିବାର ଅଛି ପ୍ରଥମେ ପରିବାରରେ ସକରାତ୍ମକ ଉର୍ଜା, ସମୟ ଓ ଶ୍ରଦ୍ଧା ଦିଅନ୍ତୁ। ମନ ଓ ବିଚାର ଭଲ ରହିଲେ ଆମେ ଅଳ୍ପରେ ବି ଆନନ୍ଦ ନେଇପାରିବା, ଯେମିତି ପ୍ରସାଦ ଆମେ ଅଳ୍ପ ନିଅନ୍ତି କିନ୍ତୁ ତାର ଦିବ୍ୟ ଉର୍ଜା ଆମକୁ ଶାନ୍ତି ଓ ତୃପ୍ତି ଦେଇଥାଏ।



+ ରାଉତ୍ କମ୍ପ୍ଲେକ୍ସ,କଟକ ରୋଡ୍,ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ସାପ କାମୁଡ଼ା ଜନିତ ଧନଜୀବନହାନୀ ହ୍ରାସ ନିମନ୍ତେ ଗବେଷଣା କରିବ ଏମ୍ସ ଭୁବନେଶ୍ୱର

ଭୁବନେଶ୍ୱର,୨୭/୦୪ (ନି.ପ୍ର): ଓଡ଼ିଶାରେ ବର୍ଷକୁ ପ୍ରାୟ ୮ଶହରୁ ଊର୍ଦ୍ଧ୍ୱ ସାପ କାମୁଡ଼ାଜନିତ ମୃତ୍ୟୁ ଘଟୁଛି । ଏଣୁ ରାଜ୍ୟରେ ସର୍ପ ଦଂଶନ ଏବଂ ଏନେଇ ହେଉଥିବା ଧନଜୀବନ ହାନୀକୁ ହ୍ରାସ କରିବା ନିମନ୍ତେ ଏମ୍ସ ଭୁବନେଶ୍ୱର ପକ୍ଷରୁ ଏକ ଅନୁଧ୍ୟାନମୂଳକ ଗବେଷଣା ହାତକୁ ନିଆଯାଇଛି । ଏମ୍ସର ଫରେନସିକ୍ ମେଡିସିନ୍ ଏବଂ ଟକ୍ସିକୋଲୋଜି ବିଭାଗ ପକ୍ଷରୁ ଏହି ଗବେଷଣା ଖୁବ୍ ଶୀଘ୍ର ଆରମ୍ଭ ହେବ । ପ୍ରାରମ୍ଭିକ ପର୍ଯ୍ୟାୟରେ ଏହା ପାଇଲଟ୍ ପ୍ରକଳ୍ପ ଭାବେ ଭୁବନେଶ୍ୱର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଂଚଳରେ କାର୍ଯ୍ୟକାରୀ ହେବ । ପ୍ରାୟ ୪୦୦ ପରିବାରକୁ ଏହି ଗବେଷଣାମୂଳକ ଅଧ୍ୟୟନରେ ସାମିଲ କରାଯିବ । ପରବର୍ତ୍ତୀ ସମୟରେ ଏହା ସମଗ୍ର ରାଜ୍ୟରେ କରାଯିବାକୁ ଯୋଜନା ରହିଥିବା ଏମ୍ସ ଭୁବନେଶ୍ୱର ଫରେନସିକ୍ ମେଡିସିନ୍ ଏବଂ ଟକ୍ସିକୋଲୋଜି ବିଭାଗର ଅତିରିକ୍ତ ପ୍ରଫେସର ତଥା ଏହି ଗବେଷଣାର ମୁଖ୍ୟ ଅନୁସନ୍ଧାନକାରୀ ଡ. ସୁଦିପ୍ତ ରଞ୍ଜନ ସିଂ ପ୍ରକାଶ କରିଛନ୍ତି।

ସାପ କାମୁଡ଼ିବାକୁ ରୋକିବା ଉପରେ ଜ୍ଞାନ, ମନୋଭାବ ଏବଂ ଅଭ୍ୟାସ (କେଏପି)କୁ ନେଇ ଏହି ଅଧ୍ୟୟନ ଆଗକୁ ବଢ଼ିବ । ଯେଉଁ ଘରୁ ସାପ ଉଦ୍ଧାର ହୋଇଛି, ଉକ୍ତ ପରିବାରର ସଦସ୍ୟଙ୍କ ମଧ୍ୟରେ ସାପ କାମୁଡ଼ିବା ପରେ ପ୍ରାଥମିକ ଚିକିତ୍ସା, ଏହାକୁ ରୋକିବା ଉପରେ ଜ୍ଞାନ, ମନୋଭାବ ଏବଂ ଏନେଇ ରହିଥିବା ପାରମ୍ପରିକ ଅଭ୍ୟାସ ସମ୍ପର୍କରେ ଲୋକମାନଙ୍କ ନିକଟରୁ ତଥ୍ୟ ସଂଗ୍ରହ କରାଯିବ । ସ୍ନେକ୍ ହେଲ୍ପଲାଇନ୍ ର ସ୍ୱେଚ୍ଛାସେବୀମାନେ ସାପ ଉଦ୍ଧାର କରୁଥିବା ପରିବାରର ସଦସ୍ୟଙ୍କ ନିକଟରୁ ବିଭିନ୍ନ ତଥ୍ୟ ସଂଗ୍ରହ କରିବେ । କେଉଁ କେଉଁ ପ୍ରତିଷେଧକ ନେଲେ ସାପ ଘରକୁ ପଶିପାରିବ ନାହିଁ, ଉପଯୁକ୍ତ ପ୍ରାଥମିକ ଚିକିତ୍ସା ପଦ୍ଧତି, ପ୍ରଚଳିତ ଗୁଣିଗାରେଡ଼ି ଭଳି ପୁରାତନ ପରମ୍ପରା, ସାପ କାମୁଡ଼ିବା ପରେ ମାନସିକସ୍ତରରେ ଆଚରଣ ଏବଂ ଘରୋଇ ପରିସରରେ ସାପର ଅନୁପ୍ରବେଶ, ପ୍ରଜନନ ଏବଂ କାମୁଡ଼ିବା ପାଇଁ ପ୍ରତିଷେଧକ ଅଭ୍ୟାସ ବିଷୟରେ ଅଧ୍ୟୟନ ଗୋଷ୍ଠୀ ମଧ୍ୟରେ ସଚେତନତା ସୃଷ୍ଟିରେ ମଧ୍ୟ ଏହି ଗବେଷଣା କାର୍ଯ୍ୟ କରିବ । ପ୍ରଶ୍ନଗୁଡ଼ିକ ଉଭୟ ଓଡ଼ିଆ ଏବଂ ଇଂରାଜୀ ଭାଷାରେ ଉପଲବ୍ଧ ହେବ । ଏହି ଅଧ୍ୟୟନ ପାଇଁ ସ୍ନେକ୍ ହେଲ୍ପଲାଇନର ୧୦ ଜଣ ସ୍ୱେଚ୍ଛାସେବୀଙ୍କୁ ଗତକାଲି ନମୁନା ସଂଗ୍ରହର ପଦ୍ଧତି ବିଷୟରେ ଫୋରେନସିକ୍ ମେଡିସିନ୍ ଏବଂ ଟକ୍ସିକୋଲୋଜି ବିଭାଗର ବିଶେଷଜ୍ଞମାନେ ତାଲିମ ଦେଇଥିଲେ । ବିଭାଗ ପକ୍ଷରୁ ପ୍ରସ୍ତୁତ ବିଭିନ୍ନ ପ୍ରଶ୍ନର ତଥ୍ୟ ସଂଗ୍ରହ ପରେ ଅନୁସନ୍ଧାନକାରୀମାନେ ସାପ ଏବଂ ସାପ କାମୁଡ଼ା ବିଷୟରେ ଜନସାଧାରଣଙ୍କ ଜ୍ଞାନର ଉନ୍ନତି ପାଇଁ ସଚେତନତାମୂଳକ ଲିଫଲେଟ୍ ମଧ୍ୟ ବଂଟାଯିବ । ସ୍ନେକ୍ ହେଲ୍ପଲାଇନର ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ଏହି ଅଧ୍ୟୟନ ପାଇଁ ସଂଯୋଜକ ଭାବେ କାର୍ଯ୍ୟ କରିବେ । ବିଭାଗୀୟ ମୁଖ୍ୟ ଡ. ମନୋଜ କୁମାର ମହାନ୍ତି ଏହି ଗବେଷଣାର ସହ ଅନୁସନ୍ଧାନକାରୀ ଭାବେ ଦାୟିତ୍ୱ ନିର୍ବାହ କରିବେ ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ(ଡବ୍ଲ୍ୟୁଏଚଓ) ଅନୁସାରେ ସର୍ପ ଦଂଶନ ଏକ ଅବହେଳିତ ଟ୍ରପିକାଲ୍ ରୋଗ । ଦିନକୁ ଦିନ ଏନେଇ ମୃତ୍ୟୁସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଯଦିଓ ସାପ କାମୁଡ଼ା ପାଇଁ ନିର୍ଦ୍ଦିଷ୍ଟ ଚିକିତ୍ସାର ଉପଲବ୍ଧତା ଅଛି, ତଥାପି ଅଧିକାଂଶ ଲୋକ ପାରମ୍ପାରିକ ଚିକିତ୍ସା ପଦ୍ଧତି ଯେପରିକି ଝଡ଼ାଫୁଙ୍କା ଆଦିର ସାହାଯ୍ୟ ନିଅନ୍ତି ଏବଂ ଡାକ୍ତରଖାନାକୁ ବିଳମ୍ବରେ ଆସୁଥିବା ଅଧ୍ୟୟନର ଅନୁସନ୍ଧାନକାରୀ ଡ. ସୁଦିପ୍ତ ସିଂ ପ୍ରକାଶ କରିଛନ୍ତି । ଯାହାଫଳରେ ଜୀବନହାନୀର ଯଥେଷ୍ଟ ଆଶଙ୍କା ରହିଛି । ଏଣୁ ଏନେଇ ରାଜ୍ୟରେ ଯଥେଷ୍ଟ ସଚେତନତା ସୃଷ୍ଟି ଏବଂ କ୍ଷୟକ୍ଷତିକୁ ହ୍ରାସ କରିବା ନିମନ୍ତେ ଏହି ଅଧ୍ୟୟନର ପରିକଳ୍ପନା କରାଯାଇଛି । ଉଲ୍ଲେଖଯୋଗ୍ୟଯେ ସ୍ନେକ୍ ହେଲ୍ପଲାଇନ ସହିତ ମିଳିତ ଭାବରେ ଏମ୍ସ ଭୁବନେଶ୍ୱର ସାପ କାମୁଡ଼ାରେ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଏକ ମୋବାଇଲ୍ ଆପ୍ଲିକେସନ୍ ଏବଂ ୱେବସାଇଟ୍ ବିକଶିତ କରିଛି ।

## ରୂପାନ୍ତର ଶୃଙ୍ଖଳାର ପ୍ରଥମ ବୈଠକ

# ୨୦୨୪ ସୁଦ୍ଧା କାର୍ଯ୍ୟକାରୀ ହେବ ୧୫ଟି ପ୍ରମୁଖ ଜଳସେଚନ ପ୍ରକଳ୍ପ

ଭୁବନେଶ୍ୱର,୨୭/୦୪ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆଜି ରାଜ୍ୟ ସରକାରଙ୍କ ରୂପାନ୍ତର ଶୃଙ୍ଖଳାର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜଳସଂପଦ ବିଭାଗ ପକ୍ଷରୁ ଅତିରିକ୍ତ ମୁଖ୍ୟ ସଚିବ ଶ୍ରୀମତୀ ଅନୁ ଗର୍ଗ ବିଭାଗର ଟ୍ରାନ୍ସଫରମେସନାଲ ଇନିସିଏଟିଭ୍ ସଂପର୍କରେ ଏକ ଉପସ୍ଥାପନା ରଖିଥିଲେ । ଏହି ଉପସ୍ଥାପନା ଅନୁଯାୟୀ ୨୦୨୪ ସୁଦ୍ଧା ରାଜ୍ୟରେ ୧୫ଟି ପ୍ରମୁଖ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଛି । ଏଥିମଧ୍ୟରୁ ଚଳିତ ବର୍ଷ ୪ଟି, ୨୦୨୩ରେ ୪ଟି ଏବଂ ୨୦୨୪ରେ ୭ଟି ପ୍ରକଳ୍ପ କାର୍ଯ୍ୟକାରୀ ହେବ । ଏହିସବୁ ପ୍ରକଳ୍ପରେ ପ୍ରଯୁକ୍ତି ବିଦ୍ୟା, ଟିମ୍ ୱାର୍କ, ଦାୟିତ୍ୱବାନ ପୁନର୍ବାସ ନୀତି, ଶ୍ରମିକ କଲ୍ୟାଣ ଆଦିର ସଫଳ ପ୍ରୟୋଗ କରାଯାଇଛି । ଏହାଦ୍ୱାରା ଓଡିଶାର ଜଳସଂପଦ କ୍ଷେତ୍ରରେ ଏକ ରୂପାନ୍ତର ଆସିପାରିବ । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଜଳସେଚନ ପ୍ରକଳ୍ପ ଗୁଡିକର କାର୍ଯ୍ୟକାରିତା କ୍ଷେତ୍ରରେ ୫-ଟି କାର୍ଯ୍ୟକ୍ରମର ସଫଳ ପ୍ରୟୋଗ କରି ବହୁ ଦିନର ପ୍ରକଳ୍ପ ଗୁଡିକୁ ସଂପୂର୍ଣ୍ଣ କରିବା ପାଇଁ ପଦକ୍ଷେପ ନେଇଥିବାରୁ ଜଳସଂପଦ ବିଭାଗର ପ୍ରଶଂସା କରିଥିଲେ ଏବଂ ବିଭାଗୀୟ ଯନ୍ତ୍ରୀ ମାନଙ୍କୁ ଧନ୍ୟବାଦ ଜଣାଇଥିଲେ .ଅନ୍ୟସବୁ ବିଭାଗ ଏହିପରି ଅଭିନବ ପ୍ରୟୋଗରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ବଲାଙ୍ଗୀର, କେନ୍ଦୁଝର ଓ ମୟୁରଭଂଜ ଆଦି ଜିଲ୍ଲାର ଜିଲ୍ଲାପାଳ ମାନେ ସେଠାରେ ଚାଲିଥିବା ଜଳସେଚନ ପ୍ରକଳ୍ପ ଗୁଡିକରେ ବିସ୍ଥାପନ ପ୍ରକ୍ରିୟାକୁ କିପରି ତ୍ୱରାନ୍ୱିତ କରାଯାଇଛି, ସେ ସଂପର୍କରେ ସୂଚନା ଦେଇଥିଲେ । ଆଲୋଚନା ପର୍ଯ୍ୟାଲୋଚନା, ସମ୍ବେଦନଶୀଳ ବ୍ୟବସ୍ଥା ଓ ଲୋକଙ୍କ ଭିତରେ ଭରସା ସୃଷ୍ଟି କରିଆରେ ବିସ୍ଥାପନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିଛି ବୋଲି ସେମାନେ ମତବ୍ୟକ୍ତ କରିଥିଲେ । ଦେଓ ପ୍ରକଳ୍ପ, ଲୋୟର ସୁକତେଲ ପ୍ରକଳ୍ପ, ସୁବର୍ଣ୍ଣରେଖା, କାନୁପୁର, ଛେଳିଗଡ, ରେଙ୍ଗାଲି ଦକ୍ଷିଣ କେନାଲ, ରେଙ୍ଗାଲି ବାମ କେନାଲ ଏବଂ ଆହୁରି ଅନେକ ପ୍ରକଳ୍ପର ଅଗ୍ରଗତି ସଂପର୍କରେ ସୂଚନା ଦିଆଯାଇଥିଲା । ପ୍ରଯୁକ୍ତି ବିଦ୍ୟାର ବ୍ୟାପକ ପ୍ରୟୋଗ ଯଥା – ଭୂତଳ ପାଇପ ଲାଇନ ବ୍ୟବସ୍ଥାର ପ୍ରୟୋଗ, ଜିଓ ସିନ୍ଥେଟିକ୍ ମ୍ୟାଟ୍ରେସ୍ ଲାଇନିଂ, ସ୍କାଡା, ସ୍ୱୟଂକ୍ରିୟ ଜଳପରିଚାଳନା ଆଦି ବିଭିନ୍ନ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ସଂପର୍କରେ ସୂଚନା ଦିଆଯାଇଥିଲା । ଇଂଜିନିୟରିଂ ଜ୍ଞାନକୌଶଳ ବ୍ୟତୀତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ସର୍ବନିମ୍ନ ସ୍ତର ପର୍ଯ୍ୟନ୍ତ ତୁରନ୍ତ ନିଷ୍ପତି ଓ ଟିମ୍ ୱାର୍କ, ଦାୟିତ୍ୱବାନ ପୁନର୍ବାସ, ସମ୍ବେଦନଶୀଳ ଯୋଗାଯୋଗ ସଂପର୍କରେ ଉପସ୍ଥାପନା ରଖାଯାଇଥିଲା । ମୁଖ୍ୟମନ୍ତ୍ରୀଙ୍କ ସଚିବ (୫-ଟି)ଭି.କେ. ପାଣ୍ଡିଆନ କହିଲେ ଯେ ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ଜଳସେଚନ ପ୍ରକଳ୍ପଗୁଡିକ ଯେଭଳି ଭାବରେ ଅଗ୍ରଗତି କରୁଛି, ଆଗାମୀ ୨-୩ ବର୍ଷ ମଧ୍ୟରେ ଏହା ଏକ ଶସ୍ୟଶ୍ୟାମଳା ଜିଲ୍ଲା ଭାବରେ ପ୍ରସିଦ୍ଧି ଅର୍ଜନ କରିବ । ଯାଜପୁର ଜିଲ୍ଲାରେ ୫-ଟି ସ୍କୁଲ ରୂପାନ୍ତରର ସହଯୋଗ ନେଇ ସ୍କୁଲ ଗୁଡିକରେ ମିଶନ ଶକ୍ତିର ମହିଳା ମାନଙ୍କୁ ଅଭିନବ ଉପାୟରେ କଂପ୍ୟୁଟର ଶିକ୍ଷା ପ୍ରଦାନ ସଂପର୍କରେ ଏକ ଭିଡିଓ ଚିତ୍ର ପ୍ରଦର୍ଶନ କରାଯାଇଥିଲା । ଏହାଦ୍ୱାରା ମିଶନ ଶକ୍ତିର ମହିଳା ମାନେ ଡିଜିଟାଲ ଶିକ୍ଷା ପାଇପାରୁଛନ୍ତି । ବୈଠକରେ ଏହି ଅଭିନବ କାର୍ଯ୍ୟକ୍ରମର ପ୍ରଶଂସା କରାଯାଇଥିଲା ।

ବୈଠକରେ ଅର୍ଥମନ୍ତ୍ରୀ, ରାଜସ୍ୱ ମନ୍ତ୍ରୀ, ନଗର ଉନ୍ନୟନ ଓ ଗୃହନିର୍ମାଣ ମନ୍ତ୍ରୀ, ଶକ୍ତି ମନ୍ତ୍ରୀ, ଜଳସଂପଦ ମନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । ଉନ୍ନୟନ କମିଶନର ଓ ବିଭିନ୍ନ ବିଭାଗର ପ୍ରମୁଖ ସଚିବ ଓ ସଚିବ ମାନେ ଉପସ୍ଥିତ ଥିଲେ ।

# ଆଦିବାସୀ ମେଳାରେ ମନ ମୋହୁଛି ଜନଜାତିଙ୍କ ନୃତ୍ୟ

ଭୁବନେଶ୍ୱର,୨୭/୦୪ (ନି.ପ୍ର): ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଅପ୍ରେଲ ୨୩ ତାରିଖଠାରୁ ଆରମ୍ଭ ହୋଇଥିବା ଆଦିବାସୀ ମେଳା ଓ ଜାତୀୟ ଜନଜାତି କଳାବସ୍ତୁ ପ୍ରଦର୍ଶନୀ ଆଜି ଚତୁର୍ଥ ଦିବସରେ ପହଂଚିଛି । ପ୍ରତ୍ୟହ ସନ୍ଧ୍ୟାରେ ସୁଦୃଶ୍ୟ ରଙ୍ଗମଂଚରେ ଜନଜାତିଙ୍କର ନୃତ୍ୟ ପ୍ରଦର୍ଶନ ଦର୍ଶକମାନଙ୍କୁ ବିମୋହିତ କରୁଛି ।

ଆଜି ସନ୍ଧ୍ୟାରେ କୁଚିଣ୍ଡା ଅଂଚଳରୁ ଆସିଥିବା କିସାନ୍ ମାନଙ୍କର ନୃତ୍ୟ ଅତ୍ୟନ୍ତ ଚିତାକର୍ଷକ ଥିଲା । ପଶ୍ଚିମ ଓଡ଼ିଶାର ଲୋକଧାରା ସହ ଏମାନଙ୍କ ନୃତ୍ୟର ସାମଞ୍ଜସ୍ୟ ଖୁବ୍ ଆମୋଦପ୍ରଦ ଥିଲା । ସେହିପରି ଫୁଲବାଣୀ ଅଞ୍ଚଳର କନ୍ଧମାନଙ୍କର ଧାଙ୍ଗିଡ଼ୀ ନାଚରେ ଦର୍ଶକ ଖୁବ୍ ଆମୋଦିତ ହୋଇଥିଲେ । ସୁନ୍ଦରଗଡ଼ର ଓରାମ୍ ଜନଜାତିମାନଙ୍କର କରମା ନାଚରେ ମାଦଳର ମାଦକତା ନୃତ୍ୟ ପରିସରକୁ ଜଙ୍ଗଲର ଭ୍ରମ ସୃଷ୍ଟି କରିଥିଲା । ସେହିପରି ମୁଣ୍ଡା ଜନଜାତି ଝିଅମାନଙ୍କର ନୃତ୍ୟରେ ଦର୍ଶକ ଯେପରି ଝୁମି ଉଠିଥିଲେ, କନ୍ଧମାନଙ୍କର ଶିଙ୍ଗ ନୃତ୍ୟରେ ଆଦିମତାକୁ ପରଖିଥିଲେ । କିସାନମାନଙ୍କ କରମା ନାଚ ସେହିପରି ପ୍ରାଚୀନ ଓ ନୂତନତାର ଏକ ସଂଗମ ହିସାବରେ ଦର୍ଶକମାନଙ୍କୁ ଭିନ୍ନସ୍ୱାଦ ଆଣି ଦେଇଥିଲା ।

ନୃତ୍ୟ ପରିକ୍ରମା ସହ ଉତ୍‌ଫୁଲ୍ଲିତ ଦର୍ଶକ ମେଳାରୁ କିଣାକିଣିର ମଜା ନେଇଥିଲେ ଏବଂ ମେଳା ବୁଲିବାର ଅବସରରେ ବିଭିନ୍ନ ଜନଜାତିଙ୍କ ସଂସ୍କୃତି ସହିତ ପରିଚିତ ହେବାର ସୁଯୋଗ ପାଇଥିଲେ । ମେଳାରେ ଗତକାଲି ସୁଦ୍ଧା ପ୍ରାୟ ଏକ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର କାରବାର ହୋଇଥିବାର ମେଳା କର୍ତ୍ତୃପକ୍ଷଙ୍କ ସୌଜନ୍ୟରୁ ପ୍ରକାଶ ।

# ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟରେ ଆସନ୍ତା ଶିକ୍ଷାବର୍ଷରୁ ଆରମ୍ଭ ହେବ ପାଠପଢ଼ା

ଭୁବନେଶ୍ୱର,୨୭/୦୪ (ନି.ପ୍ର): ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ତମାଣ୍ଡୋସ୍ଥିତ ସରକାରୀ ଶାରୀରିକ ଶିକ୍ଷା ମହାବିଦ୍ୟାଳୟର ନୂତନ କୋଠା ପରିଦର୍ଶନ କରିଛନ୍ତି । ମଙ୍ଗଳବାର ପୂର୍ବାହ୍ନରେ ମନ୍ତ୍ରୀ ଶ୍ରୀ ବେହେରା ମହାବିଦ୍ୟାଳୟର ନୂତନ କୋଠାର ଏକାଡେମୀ ବ୍ଲକ, ପୁରୁଷ ଓ ମହିଳା ହଷ୍ଟେଲ ନିର୍ମାଣ ଏବଂ ବିଭିନ୍ନ ଆନୁସଙ୍ଗିକ କାର୍ଯ୍ୟସ୍ଥଳ ବୁଲି ଦେଖିବା ସହ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ ।

ଏହି ଶାରୀରିକ ଶିକ୍ଷାବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ଲକ୍ଷ୍ୟ ରଖି ତମାଣ୍ଡୋ ଠାରେ ଉନ୍ନତ ଭିତିଭୂମି ଥାଇ ମହାବିଦ୍ୟାଳୟ ନିର୍ମାଣ ଦ୍ରୁତ ଗତିରେ ଆଗେଇ ଚାଲିଛି । ଜମି ଚିହ୍ନଟ ଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ କ୍ରୀଡ଼ାମନ୍ତ୍ରୀ ଶ୍ରୀ ବେହେରା ଅନେକ ବାର ଗସ୍ତ କରି ନିର୍ମାଣ କାର୍ଯ୍ୟକୁ ତଦାରଖ କରିବା ସହ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିଛନ୍ତି । ନୂତନ ମହାବିଦ୍ୟାଳୟର କୋଠା ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ଥିବାବେଳେ ବାକିଥିବା କାର୍ଯ୍ୟ ଶୀଘ୍ର ସମାପ୍ତ କରିବା ଉପରେ ମନ୍ତ୍ରୀ ଠିକା ସଂସ୍ଥା ତଥା ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଫଳରେ ଆସନ୍ତା ଶିକ୍ଷା ବର୍ଷରୁ ନୂତନ କୋଠାରେ ପାଠପଢ଼ା ଆରମ୍ଭ ନେଇ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି ତାହା ପୂରଣ ହୋଇପାରିବ । ମନ୍ତ୍ରୀଙ୍କ ଏହି ଗସ୍ତ ସମୟରେ କ୍ରୀଡ଼ା ଓ ଯୁବସେବା ବିଭାଗ, ପୂର୍ତ୍ତ ଏବଂ ନିର୍ମାଣ ଦାୟିତ୍ୱ ନେଇଥିବା ସଂସ୍ଥାର ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଭାରତୀୟ ଇତିହାସ ସଂକଳନ ସମିତି ପକ୍ଷରୁ ଆଜାଦୀ କା ଅମୃତ ମହୋତ୍ସବ ପାଳିତ

ଭୁବନେଶ୍ୱର,୨୭/୦୪ (ନି.ପ୍ର): ଗତ ରବିବାର ଦିନ ଭାରତୀୟ ଇତିହାସ ସଂକଳନ ସମିତି, ଓଡ଼ିଶା ଓ ମହର୍ଷି କଲେଜ ଅଫ୍ ନେଚୁରାଲ୍ ଲ ମିଳିତ ସହଯୋଗ ତଥା ଭାରତୀୟ ଇତିହାସ ଅନୁସନ୍ଧାନ ପରିଷଦ, ନୂଆଦିଲ୍ଲୀ ସହାୟତାରେ ଆଜାଦୀ କା ଅମୃତ ମହୋତ୍ସବ ପାଳିତ ହୋଇଯାଇଛି । ଏହି ମହୋତ୍ସବକୁ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଡଃ. ବ୍ୟୋମକେଶ ତ୍ରିପାଠୀ, ପ୍ରଫେସର ଡଃ. ହରିହର ପଣ୍ଡା ପ୍ରାକ୍ତନ ଇତିହାସ ବିଭାଗ ମୁଖ୍ୟ,ଡଃ ନଳିନୀ ପ୍ରଭାମହାପାତ୍ର, ଅଧ୍ୟକ୍ଷା ଓ ଡଃ ଅଶୋକ କୁମାର ଦାଶ ମହର୍ଷି କଲେଜ, ପ୍ରାନ୍ତ ସଂଘଚାଳକ ସମୀର କୁମାର ମହାନ୍ତି, ,ଅଧ୍ୟକ୍ଷ ଭାରତୀୟ ଇତିହାସ ସଂକଳନ ସମିତି ବିକ୍ରମ କେଶରୀ ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ । ମୁଖ୍ୟ ଅତିଥି ପ୍ର. ବ୍ୟୋମକେଶ ତ୍ରିପାଠୀ ତାଙ୍କର ସାରଗର୍ଭକ ଅଭିଭାଷଣରେ କହିଥିଲେ ଇତିହାସର ଅଧ୍ୟାପକମାନଙ୍କର ଇତିହାସ ପ୍ରକାଶିତ ପ୍ରବନ୍ଧମାନ ସମାଜର ଚିରସ୍ଥାୟୀ ମାର୍ଗଦର୍ଶକ । ଏଠାରେ ଉପସ୍ଥିତସମସ୍ତ ଯୁବ ଓ ବରିଷ୍ଠ ଐତିହାସିକ ମାନେ ଏ ଦିଗରେ ନିରନ୍ତର ପ୍ରୟାସ କରିବା ଦରକାର । ପ୍ର:ଡଃ: ହରିହର ପଣ୍ଡା ଭାରତର ସ୍ୱାଧୀନତା ସଂଗ୍ରାମର ଅନାଲୋଚିତ ଇତିହାସ ତଥା ଅନାଲୋଚିତ ସଂଗ୍ରାମୀ ମାନଙ୍କୁ ଇତିହାସ ପୃଷ୍ଠାରେ ସ୍ଥାନିତ କରିବା, ବର୍ତ୍ତମାନର ଇତିହାସକାର ମାନଙ୍କର ପ୍ରଥମ ଦାୟିତ୍ୱ ହେବା ଉଚିତ୍ । ଭାରତ ସରକାରଙ୍କର ଆଜାଦୀ ବା ଅମୃତ ମହୋତ୍ସବ ଅଭିଯାନରେ ଆମ୍ଭମାନଙ୍କର ବିଶେଷ ଯୋଗଦାନ ତଥା ଓଡ଼ିଶାର ଜୟୀରାଜଗୁରୁ, ବାଜି ରାଉତଙ୍କୁ ସର୍ବଭାରତୀୟ ସ୍ତରରେ ଯଥେଷ୍ଟ ସମ୍ମାନିତ କରିବା ପାଇଁ ପ୍ରୟାସ ହେବା ଉଚିତ୍ । ଅନ୍ୟମାନଙ୍କ ମଧ୍ୟରେ ପ୍ର. ନାରାୟଣ ରାଓ, ଉପାଧ୍ୟକ୍ଷ ଅଖିଳ ଭାରତୀୟ ଇତିହାସ, ଯୋଜନା, ନୂଆଦିଲ୍ଲୀ କମଳେଶ ଦାଶ, କ୍ଷେତ୍ରିୟ ସଙ୍ଗଠନ ମନ୍ତ୍ରୀ ପ୍ରମୁଖ ମାର୍ଗଦର୍ଶନ କରିଥିଲେ । ଏହି ଅବସରରେ ବିଗତ ସଙ୍ଗୋଷ୍ଠୀ ପୁରାଣ ଅନ୍ତର୍ଗତ ଇତିହାସର ପୁସ୍ତକ ଲୋକାର୍ପିତ ହେବାସହ ଇଂ. ନିରାକାର ମହାଳିକ ଓ ବନବିହାରୀ ନାୟକଙ୍କୁ ତାଙ୍କର ସାରସ୍ୱତ ସାଧନା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୧୦ ଜଣ କରୋନା ପଜିଟିଭ ଚିହ୍ନଟ: ଜଣେ ୧୮ ବର୍ଷରୁ କମ୍ ବର୍ଗର

ଭୁବନେଶ୍ୱର,୨୭/୦୪ (ନି.ପ୍ର): ଗତକାଲି ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୧୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୬ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୪ ଜଣ ସ୍ଥାନୀୟ ସଂକ୍ରମଣରୁ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରୁ ମାତ୍ର ଜଣେ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ରାଜ୍ୟର ୪ଟି ଜିଲ୍ଲାରୁ ୧୦ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨୬ଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ । ଆଜି ବାଲେଶ୍ୱର ଓ ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୩ ଜଣ ଲେଖାଏଁ କରୋନା ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୩ ଜଣ, ବଲାଙ୍ଗୀର ଜିଲ୍ଲାରୁ ୨ଜଣ, ଖୋର୍ଦ୍ଧା ଜିଲ୍ଲାରୁ ୩ ଜଣ ଓ ସୁନ୍ଦରଗଡ଼ ଜିଲ୍ଲାରୁ ୨ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏପର୍ଯ୍ୟନ୍ତ ରାଜ୍ୟରେ ୧୨, ୮୮, ୦୧୭ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୨, ୭୮, ୭୬୦ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୮୦ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି ।

# ନବନିର୍ବାଚିତ ପୌରାଧ୍ୟକ୍ଷ ଏବଂ ଏନଏସି ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

ଭୁବନେଶ୍ୱର,୨୭/୦୪ (ନି.ପ୍ର): "ଆମ ଉପରେ ଆସ୍ଥା ପ୍ରକଟ କରି ଲୋକମାନେ ଗୁରୁ ଦାୟୀତ୍ୱ ଅର୍ପଣ କରିଛନ୍ତି । ତାଙ୍କ ଆଶା ଓ ଆକାଂକ୍ଷାକୁ ପୂରଣ କରିବା ପାଇଁ ଆମକୁ ମିଳିଥିବା ସୁଯୋଗକୁ ସଦ୍‌ବ୍ୟବହାର କରି ଆସ୍ଥାଭାଜନ ହେବା । ମୋଦି ସରକାରଙ୍କ ମୁଳମନ୍ତ୍ର "ସବକା ସାଥ, ସବକା ବିକାଶ, ସବକା ବିଶ୍ୱାସ, ସବକା ପ୍ରୟାସ"କୁ ଆଧାର କରି ଲୋକଙ୍କ ମୌଳିକ ସମସ୍ୟାର ସମାଧାନ ଏବଂ ସ୍ଥାନୀୟ ଅଂଚଳର ସାମୁହିକ ବିକାଶ ଆମର ମୁଳ ଲକ୍ଷ୍ୟ ।" ଲୋକଙ୍କ ପାଖକୁ ଯାଆନ୍ତୁ ଏବଂ ମୁଳ ସମସ୍ୟାକୁ ଚିହ୍ନଟ କରି ସମାଧାନ ପାଇଁ କାର୍ଯ୍ୟ କରିବାକୁ ରାଜ୍ୟ ସଭାପତି ସମୀର ମହାନ୍ତି ସମସ୍ତ ନବନିର୍ବାଚିତ ପୌରାଧ୍ୟକ୍ଷ ଏବଂ ଏନଏସି ଅଧ୍ୟକ୍ଷଙ୍କୁ ଆହ୍ୱାନ ଦେଇଛନ୍ତି । ମଙ୍ଗଳବାର ବିଜେପି ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ନବନିର୍ବାଚିତ ପୌରାଧ୍ୟକ୍ଷ ଏବଂ ଏନଏସି ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗ ଦେଇ ଶ୍ରୀ ମହାନ୍ତି କହିଛନ୍ତି ଯେ, ମୋଦି ସରକାର ଶାସନ କ୍ଷମତାକୁ ଆସିବା ପରେ ସହରାଂଚଳ ବିକାଶ ପାଇଁ ପର୍ଯ୍ୟାପ୍ତ ପରିମାଣର ଆର୍ଥିକ ଅନୁଦାନ ପ୍ରଦାନ କରିଛନ୍ତି । କେନ୍ଦ୍ରୀୟ ଯୋଜନାର ସଫଳ ରୁପାୟନ ଏବଂ କେନ୍ଦ୍ରୀୟ ଆର୍ଥିକ ଅନୁଦାନର ସଠିକ ବ୍ୟବହାର କରି ଲୋକଙ୍କ ଆବଶ୍ୟକତାକୁ ପୁରଣ କରିବା ପାଇଁ ଶ୍ରୀ ମହାନ୍ତି ପରାମର୍ଶ ଦେଇଛନ୍ତି । ଏହି ଅବସରରେ ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ରାଜ୍ୟ ଉପସଭାନେତ୍ରୀ ଅନିତା ଶୁଭଦର୍ଶିନୀ, ରାଜ୍ୟ ସାଧାରଣ ସଂପାଦକ ଗୋଲକ ମହାପାତ୍ର, ରାଜ୍ୟ ମୁଖପାତ୍ର ଠାକୁର ରଣଜିତ୍ ଦାସ, ରାଜ୍ୟ ଗଣମାଧ୍ୟମ ମୁଖ୍ୟ ଦିଲୀପ ମଲ୍ଲିକ ଓ ସହମୁଖ୍ୟ ସୁଜିତ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି ବୈଠକରେ ଟିଟିଲାଗଡ ଏନଏସି ଅଧ୍ୟକ୍ଷା ମମତା ଦେବୀ ଜୈନ; ସୋରୋ ପୌରାଧ୍ୟକ୍ଷ ମାଧବ ଧଡା; କୋଦଳା ଏନଏସି ଅଧ୍ୟକ୍ଷ ସୂର୍ଯ୍ୟନାରାୟଣ ନାୟକ; ଛତ୍ରପୁର ଏନଏସି ଅଧ୍ୟକ୍ଷା ସର୍ମିଷ୍ଠା ପ୍ରଧାନ; ରମ୍ଭା ଏନଏସି ଅଧ୍ୟକ୍ଷା ମାନସୀ ସ୍ୱାଇଁ; ଧର୍ମଗଡ ଏନଏସି ଅଧ୍ୟକ୍ଷ ଅଶୋକ ମହାନ୍ତି; ଜୁନାଗଡ ଏନଏସି ଅଧ୍ୟକ୍ଷ ମୁକେଶ ଅଗ୍ରୱାଲ; କେନ୍ଦୁଝରଗଡ ପୌରାଧ୍ୟକ୍ଷା ନିକୁ ସାହୁ; ବାଲିମେଳା ଏନଏସି ଅଧ୍ୟକ୍ଷ ପ୍ରଦୀପ ନାଏକ; ଉଦଳା ଏନଏସି ଅଧ୍ୟକ୍ଷା ପ୍ରମିଳା ପଣ୍ଡା; ନବରଙ୍ଗପୁର ପୌରାଧ୍ୟକ୍ଷ କୁନୁ ନାୟକ; ଖରିଆରରୋଡ ଏନଏସି ଅଧ୍ୟକ୍ଷା ସୋନିଆ ଗୋଲ୍ଡି ଅଗ୍ରୱାଲ; ସୁନ୍ଦରଗଡ ପୌରାଧ୍ୟକ୍ଷା ତନୟା ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ମଧୁବାବୁଙ୍କୁ ଭାରତରତ୍ନ ଦାବିରେ ସତ୍ୟଭାମାପୁର ଏନ୍ତୁଡ଼ିଶାଳରୁ ଦସ୍ତଖତ ସଂଗ୍ରହ ଅଭିଯାନ

ଭୁବନେଶ୍ୱର,୨୭/୦୪ (ନି.ପ୍ର): ଓଡ଼ିଶାର ପ୍ରଥମ ଆଇନ୍‌ଜୀବୀ, ବାରିଷ୍ଟର ତଥା ଓଡ଼ିଶାର ନିର୍ମାତା ଉତ୍କଳ ଗୌରବ ମଧୁସୂଦନ ଦାସ ଦାସଙ୍କୁ ମରଣୋତ୍ତର ଭାରତରତ୍ନ ଦାବିରେ ସତ୍ୟଭାମାପୁର ଏନ୍ତିଡ଼ିଶାଳରୁ ଦସ୍ତଖତ ସଂଗ୍ରହ କରାଯାଇଥିଲା । ପ୍ରଥମେ ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ କରାଯିବା ପରେ ଏହି ଅଭିଯାନ ଆରମ୍ଭ ହୋଇଥିଲା । ଅଲ ଲୟର୍ସ ଗ୍ରୁପ୍ ଓଡ଼ିଶା ପକ୍ଷରୁ ଏହି କାର୍ଯ୍ୟକ୍ରମରେ କଟକ ଜିଲ୍ଲାର ବହୁ ଆଇନଜୀବୀ, ଗଣମାଧ୍ୟମ ପ୍ରତିନିଧି ସାମିଲ ହୋଇଥିଲେ । ଏଥିରେ ଦସ୍ତଖତ ସଂଗ୍ରହ ଅଭିଯାନର ଅବାହକ ଲିଙ୍ଗରାଜ ସାହୁ, ହାଇକୋର୍ଟର ଆଇନଜୀବୀ ସରୋଜ ସାହୁ, ବାଳକୃଷ୍ଣ ରାଉତ, ଭାରତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶଥାଉକି, ମଧୁବାବୁଙ୍କୁ ଭାରତରତ୍ନ ଦାବିରେ ୯ଟି ରାଜ୍ୟରୁ ଦସ୍ତଖତ ସଂଗ୍ରହ କରାଯାଇଛି । ପଶ୍ଚିମବଙ୍ଗ, ଆଣ୍ଡାମାନ, ମହାରାଷ୍ଟ୍ର, କର୍ଣ୍ଣାଟକ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ପଞ୍ଜାବ, ହରିୟାନା ଆଦି ରାଜ୍ୟରୁ ଦସ୍ତଖତ ଅଭିଯାନ କରାଯାଇଛି । ରାଜ୍ୟର ସମସ୍ତ ଆଇନଜୀବୀ ଏହି ଅଭିଯାନକୁ ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି । ସେହିପରି ସରକାର ଏହି ସତ୍ୟଭାମାପୁର ପୀଠକୁ ଜାତୀୟ ସ୍ମାରକୀ କରି ଏହାର ଅଧିକ ବିକାଶ କରିବା, କୋର୍ଟ ନିକଟ ରାସ୍ତାଗୁଡ଼ିକ ମଧୁବାବୁଙ୍କ ନାମରେ କରିବାକୁ ଦାବି କରାଯାଇଛି ।

# ମୋ ସ୍ୱପ୍ନର ଘର : ରିଅଲ ଇଷ୍ଟେଟ୍ ହେବ ୬୫ ହଜାର କୋଟିର ବଜାର

ଭୁବନେଶ୍ୱର,୨୭/୦୪ (ନି.ପ୍ର): ଭାରତର ରିଅଲ ଇଷ୍ଟେଟ୍ ବଜାର ଆହୁରି ବିଶାଳ ହେବ । ୨୦୨୪ ସୁଦ୍ଧା ଏହାର ଆକାର ୬୫ ହଜାର କୋଟି ଟଙ୍କାରୁ ଅଧିକ ହୋଇଯିବ । ୨୦୨୦ରେ ମହାମାରୀ ବ୍ୟାପିବା ସତ୍ତ୍ୱେ ଏହି ବଜାରର ଆକାର ବଢ଼ିଛି । ୨୦୧୯ରେ ରିଅଲ ଇଷ୍ଟେଟ୍ ବଜାର ପରିମାଣ ୧୨ ହଜାର କୋଟି ଟଙ୍କା ଥିଲା । ଇତିମଧ୍ୟରେ ସେଥିରେ ବହୁଗୁଣା ବୃଦ୍ଧି ଘଟିଛି । ୨୦୨୫ ସୁଦ୍ଧା ଦେଶର ମୋଟ ଘରୋଇ ଉତ୍ପାଦ (ଜିଡିପି)କୁ ଏହି କ୍ଷେତ୍ରର ଅବଦାନ ୧୩ ପ୍ରତିଶତରେ ପହଞ୍ଚିବ ବୋଲି କ୍ରିସିଲ୍ ଆକଳନ କରିଛି ।



କୋଭିଡ୍ ମହାମାରୀର ପ୍ରକୋପ ସତ୍ତ୍ୱେ ୨୦୨୨ରେ ରିଅଲ ଇଷ୍ଟେଟ୍ ଶିଳ୍ପରେ ଉତ୍ସାହ ଜାରି ରହିବ । ଗୃହ ନିର୍ମାଣର ସବୁ କ୍ଷେତ୍ରରେ ଚାହିଦା ତ୍ୱରାନ୍ୱିତ ହେବ । କମର୍ସିଆଲ୍ ଘରଗୁଡ଼ିକର ଚାହିଦା ମଧ୍ୟ ବଢ଼ିବ । ବିଶେ ?ଷ କରି ବିଭିନ୍ନ ପ୍ରକାର ପ୍ରଯୁକ୍ତିର ସୁବିଧା ଥିବା ଅଫିସ ଘରଗୁଡ଼ିକୁ ନେବା ଲାଗି ସଂସ୍ଥାଗୁଡ଼ିକ ଆଗ୍ରହ ପ୍ରକାଶ କରିବେ । ତାହାକୁ ଦୃଷ୍ଟିରେ ରଖି ରିଅଲ ଇଷ୍ଟେଟ୍ ଡେଭେଲପରମାନେ ପ୍ରଯୁକ୍ତି ଓ ଡିଜିଟାଲ୍ ବ୍ୟବସ୍ଥାରେ ଅଧିକ ନିବେଶ କରୁଛନ୍ତି । ସମ୍ଭାବ୍ୟ ଗ୍ରାହକଙ୍କୁ ସେବିଷୟରେ ସଚେତନ କରିବା ଲାଗି ଡିଜିଟାଲ୍ ଦୁନିଆରେ ତାହାର ପ୍ରଚାର ମଧ୍ୟ କରୁଛନ୍ତି । କେବଳ ଆବାସିକ କ୍ଷେତ୍ର ନୁହେଁ ରିଟେଲ୍ ଶିଳ୍ପରେ ହେଉଥିବା ହଲଚଲ ଯୋଗୁଁ ମଧ୍ୟ ରିଅଲ ଇଷ୍ଟେଟ୍ ଶିଳ୍ପ ଲାଭବାନ ହେବ । ୨୦୨୧ରୁ ୨୦୨୩ ମଧ୍ୟରେ ରିଟେଲ ଶିଳ୍ପ ୯ ପ୍ରତିଶତ ହାରରେ ଆଗକୁ ବଢ଼ିବା ବୋଲି ଆକଳନ କରାଯାଇଛି । ୨୦୨୬ ସୁଦ୍ଧା ଏହି ବଜାର ୧୪,୦୦୦ କୋଟି ଡଲାରରେ ପରିଣତ ହେବ । ନୂଆ ଷ୍ଟୋର ଓ ସୋ'ରୁମ୍ ଖୋଲିବା ଲାଗି ଅଧିକ ଘର ଦରକାର ପଡ଼ିବ । ତାହା ରିଅଲ ଇଷ୍ଟେଟ୍ ଶିଳ୍ପ ପାଇଁ ଅଧିକ ସୁଯୋଗ ସୃଷ୍ଟି କରିବ ।

୨୦୨୨-୨୩ ଆର୍ଥିକ ବର୍ଷଟି ରିଅଲ ଇଷ୍ଟେଟ୍ ଶିଳ୍ପ ପାଇଁ ବହୁତ ଭଲ ସାବ୍ୟସ୍ତ ହେବ ବୋଲି ଆକଳନ କରାଯାଇଛି । ନାଇଟ୍ ଆଣ୍ଡ୍ ଫ୍ରାଙ୍କ ରିପୋର୍ଟ ଅନୁଯାୟୀ, ୨୦୨୧-୨୨ ଆର୍ଥିକ ବର୍ଷର ଶେଷ ତ୍ରୈମାସିକରେ ଦେଶର ୮ଟି ପ୍ରମୁଖ ସହଜରରେ ୭୮,୬୦୦ଟି ରିଅଲ ଇଷ୍ଟେଟ୍ ସମ୍ପତ୍ତି ବିକ୍ରି ହୋଇଛି ଯାହା ଗତ ଚାରି ବର୍ଷ ଭିତରେ ସର୍ବାଧିକ । ବର୍ଷ ପରେ ବର୍ଷ ଅନୁସାରେ ଏହି ସମୟରେ ୯% ଅଧିକ ଘର ବିକ୍ରି ହୋଇଛି । ଦିଲ୍ଲୀ ଏନ୍‌ସିଆରରେ ବିକ୍ରିରେ ୧୨୩% ଭଳି ବଡ଼ ଧରଣର ବୃଦ୍ଧି ଘଟିଛି । ଏହା ବ୍ୟତୀତ, ବେଙ୍ଗାଲୁରୁ, ଅହମ୍ମଦାବାଦ ଓ ହାଇଦ୍ରାବାଦରେ ମଧ୍ୟ ବିକ୍ରିରେ ଉଲ୍ଲେଖନୀୟ ବୃଦ୍ଧି ହୋଇଛି । ରିଅଲ ଇଷ୍ଟେଟ୍ ବ୍ୟବସାୟୀମାନେ କହୁଛନ୍ତି ଯେ ଲୋକଙ୍କ ଜୀବନରେ ନିଜ ଘର କେତେ ଜରୁରୀ ତାହା କରୋନା ମହାମାରୀ ଜଣାଇ ଦେଇଛି । ପ୍ରତିଟି ଲୋକ ନିଜ ସାମର୍ଥ୍ୟ ଅନୁସାରେ ଘର ଖଣ୍ଡିଏ ପାଇବାକୁ ଉଦ୍ୟମ କରୁଛନ୍ତି । ଛୋଟ ଘରେ ରହୁଥିବା ଲୋକମାନେ ବଡ଼ ଘର କିଣିବାକୁ ଚାହୁଁଛନ୍ତି । ଅନ୍ୟ ପକ୍ଷରେ ଦ୍ରୁତ ସହରୀକରଣ ମଧ୍ୟ ଘର ଚାହିଦା ବଢ଼ାଇବାରେ ସହାୟକ ହୋଇଛି । ଅଫିସ ଲିଜ୍ ବ୍ୟବସ୍ଥାରେ ମଧ୍ୟ ଦ୍ରୁତ ସୁଧାର ହେବାରେ ଲାଗିଛି ।

# ବଲାଙ୍ଗୀରରେ ମହିଳାଙ୍କ ଦ୍ୱାରା ପରିଚାଳିତ ପାନ୍ଥଶାଳା ପରିଦର୍ଶନ କଲେ ପଶ୍ଚିମ ଓଡିଶା ପରିଷଦ ଅଧ୍ୟକ୍ଷ

ବଲାଙ୍ଗୀର/ଭୁବନେଶ୍ୱର,୨୭/୦୪ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଉପଦେଷ୍ଟା ତଥା ପଶ୍ଚିମ ଓଡିଶା ବିକାଶ ପରିଷଦର ଅଧ୍ୟକ୍ଷ ଅସିତ୍ ତ୍ରିପାଠୀ ଦୁଇଦିନିଆ ବଲାଙ୍ଗୀର ଗସ୍ତ କ୍ରମରେ ପଶ୍ଚିମ ଓଡିଶାର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ହରିଶଙ୍କର ପୀଠ ଯାଇ ମିଶନଶକ୍ତି ଦ୍ୱାରା ପରିଚାଳିତ ପାନ୍ଥଶାଳା ଓ ସେଠାରେ ରହିଥିବା ବ୍ୟବସ୍ଥା ସଂପର୍କରେ ବ୍ଲକସ୍ତରୀୟ ସ୍ୱୟଂ ସହାୟିକା ଗୋଷ୍ଠୀ ମହାସଂଘର କର୍ମକର୍ତାମାନଙ୍କ ସହିତ ଆଲୋଚନା କରିଥିଲେ । ବ୍ୟବସ୍ଥା ସଂପର୍କରେ ଅନୁଧ୍ୟାନ କରି ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ପାନ୍ଥଶାଳାରେ ନିୟୋଜିତ ମହିଳା ସ୍ୱୟଂସହାୟିକା ସଦସ୍ୟାମାନେ ତାଲିମ ପ୍ରାପ୍ତ। ସେମାନଙ୍କର ଆତିଥ୍ୟ ମଧ ଉତମ। ସ୍ଥାନୀୟ ବ୍ଲକ ପ୍ରଶାସନ ତରଫରୁ ଏହି ପାନ୍ଥନିବାସର ପରିଚାଳନା ପାଇଁ ଆବଶ୍ୟକୀୟ ଭିତିଭୂମି ଓ ସରଞ୍ଜାମ ନିମନ୍ତେ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ସ୍ଥାନୀୟ ସ୍ୱୟଂ ସହାୟିକା ଗୋଷ୍ଠୀ ମହିଳାମାନଙ୍କୁ ଏହି ପରିଚାଳନା ଦାୟିତ୍ୱ ଦିଆଯାଇଥିବାରୁ ଏହା ସେମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ ଓ ସଶକ୍ତ କରିବାରେ ସହାୟକ ହେବ ବୋଲି ପଶ୍ଚିମ ଓଡିଶା ଅଧ୍ୟକ୍ଷ ଶ୍ରୀ ତ୍ରିପାଠୀ ଆଶା ପ୍ରକାଶ କରିଛନ୍ତି। ହରିଶଙ୍କର ପର୍ଯ୍ୟଟନ ଦୃଷ୍ଟିରୁ ଓଡିଶାର ଏକ ପ୍ରସିଦ୍ଧ, ମନୋରମ ଏବଂ ଆକର୍ଷଣୀୟ ସ୍ଥଳ। ବର୍ଷର ଅଧିକାଂଶ ସମୟରେ ଏଠାକୁ ବହୁ ସଂଖ୍ୟାରେ ଭକ୍ତ, ପର୍ଯ୍ୟଟକ, ପ୍ରକୃତିପ୍ରେମୀ ଓ ବଣଭୋଜି ପାଇଁ ଲୋକମାନେ ଆସିଥାନ୍ତି । ପାନ୍ଥଶାଳାରେ ରହିଥିବା ସୁବିଧା ସେମାନଙ୍କ ଆବଶ୍ୟକତା ପୂରଣ କରିବାରେ ସହାୟକ ହେଉଛି। ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନଙ୍କ ଦ୍ୱାରା ପରିଚାଳିତ ଏହି ପାନ୍ଥଶାଳାର ପରିଚାଳନା ପ୍ରକୃତରେ ପର୍ଯ୍ୟଟନ, ପର୍ଯ୍ୟଟକ ଓ ମହିଳା ସଶକ୍ତିକରଣ ପାଇଁ ଏକ ସୁବ୍ୟବସ୍ଥିତ ଓ ସନ୍ତୋଷଜନକ ବ୍ୟବସ୍ଥା ବୋଲି ଶ୍ରୀ ତ୍ରିପାଠୀ କହିଥିଲେ। ଏହି ଗସ୍ତ ସମୟରେ ଶ୍ରୀ ତ୍ରିପାଠୀ ବଲାଙ୍ଗୀର ଆଜି କେତେକ କୃଷି-ବାଣିଜ୍ୟିକ ଫାର୍ମ ପରିଦର୍ଶନ, ନୂଆ ଓମଫେଡ୍ ପାର୍ଲର ଉଦ୍ଘାଟନ, ଗାନ୍ଧି ଷ୍ଟାଡିୟମଠାରେ ନୂଆ ଗ୍ୟାଲେରୀର ଭିତିପ୍ରସ୍ତର ସ୍ଥାପନ ଆଦି କରିବାର କାର୍ଯ୍ୟକ୍ରମ ରହିଛି । କ୍ଷେତ୍ର ପରିଦର୍ଶନ କରି ଭିତିଭୂମି ଓ ଆନୁଷଙ୍ଗିକ ସୁବିଧା ଅନୁଧ୍ୟାନ ପରେ ଶ୍ରୀ ତ୍ରିପାଠୀ ସ୍ଥାନୀୟ ଉଦ୍ୟୋଗୀମାନଙ୍କ ସହିତ ବାଣିଜ୍ୟିକ ଫାର୍ମ, ମତ୍ସ୍ୟ ଚାଷ କ୍ଷେତ୍ରରେ ଖାଦ୍ୟ ପ୍ରକ୍ରିୟାକରଣ, ଉଦ୍ୟାନ କୃଷି , ଗୋପାଳନ ଓ ଅର୍ଥକାରୀ ଫସଲ କରିବା ପାଇଁ ପ୍ରୋତ୍ସାହିତ କରିବା ସଂପର୍କରେ ଆଲୋଚନା କରିବେ ।

# ୧୦୦ ଗ୍ରାମ ବ୍ରାଉନ୍‌ସୁଗାର ଜବତ

ଜଳେଶ୍ୱର, ୨୭/୦୪ (ନି.ପ୍ର): ଦୁଇବର୍ଷ ତଳେ ଏକ ଅଡିଓ ଭାଇରାଲ ମାମଲାରେ ତତ୍କାଳୀନ ବାଲେଶ୍ୱର ଜିଲାର ଜଳେଶ୍ୱର ଆଇଆଇସି ଧନେଶ୍ୱର ସାହୁ ଅନ୍ୟକୁ ଧମକ୍ ଦେବା ଓ କେତେକ ଦୁର୍ନିତିରେ ସଂପୃକ୍ତ ଥିବା ପ୍ରମାଣ ଆପାତତଃ ମିଳିବାପରେ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିଲା । ଅଦ୍ୟାବଧି ପୁଲିସ୍ ଆଖିରେ ଧୂଳି ଦେଇ ସେ ଆତ୍ମଗୋପନ କରିଥିବା ବେଳେ ଜଳେଶ୍ୱର ପୁଲିସ୍ ସେହି ଘଟଣାର ମୁଖ୍ୟ କୁହାଯାଉଥିବା ସେକ୍ ପୁସୁ ଓରଫ ହସିରୁଦ୍ଦିନ ଠାରୁ ୧୦୦ ଗ୍ରାମ ବ୍ରାଉନ୍ ସୁଗର ଜବତ୍ ଅଭିଯୋଗରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ବାଂଲାଦେଶରୁ କୋଲକତା, ବର୍ଦ୍ଧମାନ, ମୁର୍ଷିଦାବାଦ, ଖଡଗପୁର ଦେଇ ଚୋରା ବ୍ରାଉନ୍‌ସୁଗର ଓଡିଶାର ଜଳେଶ୍ୱରକୁ ପ୍ରବେଶ କରେ । ସେଠାରୁ ଓଡିଶାର ବିଭିନ୍ନ ଅଂଚଳକୁ ବିଭିନ୍ନ ରାସ୍ତାରେ ବ୍ରାଉନ୍ ସୁଗର ଚୋରା କାରବାର ହୋଇ ଆସୁଛି । କିନ୍ତୁ ଇତିମଧ୍ୟେ ପୁଲିସ୍, ଅବକାରୀ ବିଭାଗ ଓ ଏସ୍‌ଟିଏଫ ବିଭିନ୍ନ ସ୍ଥାନରୁ ବ୍ରାଉନ୍ ସୁଗର ସହିତ ସଂପୃକ୍ତ ବ୍ୟକ୍ତିଙ୍କୁ ଗିରଫ ଓ ଜବତ୍ କରୁଥିଲେ ମଧ୍ୟ ଏହା କମିବାର ନାମ ଧରୁନାହିଁ । ଏପରି ଘଟଣା ସହିତ ଜଳେଶ୍ୱରର ଜଣେ ପୂର୍ବତନ ଆଇଆଇସି ସମ୍ପର୍କ ରକ୍ଷା କରି କାର୍ ଜବତ୍ କରିବା,ଦୁର୍ନିତ ଉପାୟରେ ଅର୍ଥ ରୋଜଗାର କରିବା, ଆଳୁ, କଦଳୀ ଓ ମାଛ ଗାଡିରେ ବ୍ରାଉନ୍‌ସୁଗର ଚାଲାଣ ହୋଇ ଆସୁଥିବା ର ଅଡିଓ ଭାଇରାଲ ହୋଇଥିଲା । ପୁଲିସ୍ -ଦଲାଲ ଓ ଅଭିଯୁକ୍ତ ମଧ୍ୟରେ ହେଉଥିବା ଡିଲ ଘଟଣାର ସମସ୍ତ ତଥ୍ୟ ସେକ୍ ପୁସୁ ଓରଫ ହାସିରୁଦ୍ଦିନ ଭାଇରାଲ କରିଥିଲା । ପୁଲିସ୍ ଉପରେ କାର୍ଯ୍ୟାନୁଷ୍ଠାନ ହୋଇ ନଥିବାରୁ ଏବେ ପୁସୁକୁ ଗିରଫ ନେଇ ବହୁକଥା ଶୁଣିବାକୁ ମିଳୁଛି । ୩ଦିନ ପୂର୍ବେ ପୁସୁକୁ ସୁବର୍ଣ୍ଣରେଖା ନଦୀକୂଳ ଶାସନବାର୍ଡରୁ ୧୦୦ ଗ୍ରାମ ବାଉନ୍‌ସୁଗର ସହିତ ଗିରଫ କରାଯାଇ ଆଜି କୋର୍ଟଚାଲାଣ କରାଯାଇଥିବାରୁ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି । ଏ ସମ୍ପର୍କରେ ପୁଲିସ୍ ମୁହଁ ଫିଟାଉ ନ ଥିବା ବେଳେ ପୁଲିସ୍ ଗୁଇନ୍ଦା ସଂସ୍ଥା (ଡିଆଇବି) ଏ କଥାକୁ ଏଡାଇ ଯାଇଛନ୍ତି । କୌଣସି ତଥ୍ୟ ପୁଲିସ୍ ନ ଜଣାଇବା, ଡିଆଇବ୍ ଅପରାଧ ସଂପର୍କରେ କୌଣସି ତଥ୍ୟ ସାମ୍ବାଦିକଙ୍କୁ ନ ଦେବା ଯୋଗୁଁ ଗୋଳିଆ ପାଣି ଅପରାଧି ଓ ପୁଲିସ୍‌କୁ ସୁହାଉଛି ବୋଲି ଚାରିଆଡେ ଚର୍ଚ୍ଚ ଯୋର ଧରିଛି । ଜବତ୍ ବ୍ରାଉନ୍ ସୁଗର ମୂଲ୍ୟ ୧୦ ଲକ୍ଷ ହେବ ବୋଲି କୁହାଯାଉଛି । ଅନ୍ୟପକ୍ଷରେ ଯଦି ଧନେଶ୍ୱର ସାହୁଙ୍କ ସମ୍ପର୍କରେ ପୁସୁକୁ ଗିରଫ କରାଯାଇଥାଏ ତେବେ ଏ ସମ୍ପର୍କରେ ରାଜ୍ୟ ପ୍ରଶାସନ ତଦନ୍ତ କରିବା ଉଚିତ୍ ବୋଲି ସାଧାରଣରେ ମତପ୍ରକାଶ ପାଇଛି । ଅନ୍ୟଥା ପୁଲିସ୍ ଓ ଅପରାଧିର ମଧୁଚନ୍ଦ୍ରିକା ଦିନକୁ ଦିନ ଉତ୍କଟ ହେବ ବୋଲି ଅନୁମାନ କରାଯାଉଛି ।

## ନିଖିରେଶ୍ୱର ନୀଳ ପୋଖରୀରେ ବୁଡିଯାଇଥିବା ୧୦ ବର୍ଷୀୟ ଭକ୍ତଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ

ବାଲିଆପାଳ, ୨୭/୦୪ (ନି.ପ୍ର): ବାଲିଆପାଳବ୍ଲକ ଅନ୍ତର୍ଗତ ନିଖିରେଶ୍ୱର ଶୈବ ପୀଠରେ ଗତ ୧୨ ତାରିଖ ନୀଳପର୍ବ ଦିନ ନୀଳ ପୋଖରୀରେ ବୁଡି ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ୧୦ ବର୍ଷୀୟ ଭକ୍ତଙ୍କର ଆଜି ଦେହାନ୍ତ ହୋଇଯାଇଛି ।ମୃତ ବାଳକ ଜଳଙ୍କ ହେଲେ ପାଳ ବେଗୁନିଆ ଗ୍ରାମର ସୁବଳ ଦଳାଇଙ୍କ ପୁଅ ସ୍ୱାଧୀନ । ସ୍ୱାଧୀନ ନିଜର ବାପା ମା ସହିତ ନିଜର ମାନସିକ ପୂରଣ ପାଇଁ ନିଖିରେଶ୍ୱର ଶୈବ ପୀଠରେ ବ୍ରତ ଧାରଣ କରିଥିଲା । ବ୍ରତାଧାରିଙ୍କ ଭଳି ନୀଳ ପୋଖରୀରେ ସ୍ନାନ କରୁଥିବା ବେଳେ ସେ ବୁଡିଯାଇଥିଲା । ଅନ୍ୟ ଭକ୍ତମାନେ ସ୍ୱାଧୀନ କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ,ପରେ ଭୁବନେଶ୍ୱର ଆପୋଲୋ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ତେବେ ଆଜି ସ୍ୱାଧୀନ ର ମୃତ୍ୟୁ ହୋଇଯାଇଛି । ଏହି ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି ।

## ଶେଷରେ ରାଇବଣିଆ ଆଇଆଇସିଙ୍କ ବଦଳି

ଜଳେଶ୍ୱର, ୨୭/୦୪ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ଥାନାର ଆଇଆଇସି ପ୍ରଫୁଲ୍ଲ ମଲ୍ଲିକଙ୍କ ବଦଳି ହୋଇଥିବା ଜଣାଯାଇଛି । ଶ୍ରୀ ମଲ୍ଲିକ ନିଯୁକ୍ତି ପରଠାରୁ ବିବାଦ ଭିତରକୁ ଠେଲି ହୋଇଯାଇଥିଲେ । ଆଦିବାସୀ ଅଧୁସୀତ ତଥା ଅପରାଧ ପ୍ରବଣ ରାଇବଣିଆ ଅଂଚଳରେ ବିଭିନ୍ନ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବାରୁ ସେ ବିବାଦମଧ୍ୟକୁ ଠେଲି ହୋଇ ଯାଇଥିଲେ । ପ୍ରକାଶଯୋଗ୍ୟ ରାଇବଣିଆ ଥାନା ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀରୁ ବ୍ୟାପକ ବାଲି , ଚୋରା ମାଟି, ମୋରମ୍, କାଠ ଇତ୍ୟାଦି ପଶ୍ଚିମବଂଗକୁ ଚାଲାଣ ହୋଇ ଆସୁଥିବା ବେଳେ ଶ୍ରୀ ମଲ୍ଲିକ କେତେକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ । ଏପରିକି ଥାନା ନିକଟରେ ଏକ ସାଧାରଣ କାର୍ଯ୍ୟକ୍ରମରେ ମାଇକ୍ ବଜାଇବାକୁ କେନ୍ଦ୍ର କରି ସ୍ଥାନୀୟ ଅଂଚଳବାସୀଙ୍କ ସହିତ ଉପୁଜିଥିବା ବିବାଦରେ ଛନ୍ଦି ହୋଇପଡିଥିଲେ । ଅନ୍ୟପକ୍ଷରେ ଥାନା ମଧ୍ୟରେ ମୋବାଇଲ ବ୍ୟବହାରକୁ ଅନୁମତି ନଦେବାରୁ ଲୋକେ କ୍ଷୁବ୍ଧ ହୋଇପଡିଥିଲେ । ଫଳରେ ପ୍ରଫୁଲ୍ଲ ମଲ୍ଲିକଙ୍କୁ ରୂପସା ଥାନାରେ ଗୋବିନ୍ଦ ବେହେରାଙ୍କୁ ରାଇବଣିଆ ଆଇଆଇସି ଭାବେ ନିଯୁକ୍ତି ଦିଆଯାଇଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଭୁବନେଶ୍ୱରରେ ବିଶାଳ ପାଇକ....

ପ୍ରଥମ ସ୍ୱାଧୀନତା ସଂଗ୍ରାମ ପାଇକ ବିଦ୍ରୋହ ବ୍ରିଟିଶମାନଙ୍କ ବିରୁଦ୍ଧରେ ଆରମ୍ଭ ହୋଇଥିଲା ଓଡ଼ିଶାର ଖୋର୍ଦ୍ଧା ମାଟିରୁ। ତେଣୁ ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ପାଇକ ବିଦ୍ରୋହର ଦୁଇଶହ ବର୍ଷ ପୂର୍ତି ଉତ୍ସବ ଦିଲ୍ଲୀର ବିଜ୍ଞାନ ଭବନରେ ପାଳନ ଅବସରରେ ମତବ୍ୟକ୍ତ କରିଥିଲେ। କିନ୍ତୁ ବର୍ତମାନ ଏହାକୁ ଅସ୍ୱୀକାର କରାଯିବା ଓଡ଼ିଶାର ଜନସାଧାରଣଙ୍କ ସ୍ୱାଭିମାନ ପ୍ରତି ଏହା ଏକ ବିଶେଷ କୁଠାରଘାତ। ସେମାନେ ଦାବି କରିଛନ୍ତି ପାଇକ ବିଦ୍ରୋହକୁ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମର ମାନ୍ୟତା ପ୍ରଦାନ କରିବା ସହିତ ଓଡ଼ିଶାରେ ପାଇକ ରେଜିମେଣ୍ଟ ଗଠନ କରାଯାଉ। ଯାହାଦ୍ୱାରା ଓଡ଼ିଶା ଯୁବକମାନଙ୍କର ବେକାରୀ ସମସ୍ୟାର ସମାଧାନ ହେବା ସହ ସେମାନେ ଦେଶମାତୃକାର ସେବା ପାଇଁ ସୈନ୍ୟବାହିନୀରେ ଯୋଗ ଦେଇପାରିବେ,ଏହା ଆମର ହକ୍ ଦାବି। ଯେପର୍ଯ୍ୟନ୍ତ ଆମର ଦାବି ପୂରଣ ନହୋଇଛି, ପର୍ଯ୍ୟାୟକ୍ରମେ ଏହିଭଳି ଆନ୍ଦୋଳନ ଆଗାମୀ ଦିନରେ ଭୟଙ୍କର ଭାବେ କରାଯିବ ବୋଲି ସେମାନେ ଦୃଢ ଚେତାବନୀ ଦେଇଛନ୍ତି। ପ୍ରୟୋଜନ ହେଲେ ଏହି ଦାବି ପୂରଣ ପାଇଁ ଦିଲ୍ଲୀର ରାମଲୀଳା ମୈଦାନ, ଲାଲକିଲ୍ଲା ଆଦିରେ ହଜାର ହଜାର ପାଇକ ଯାଇ ବିପ୍ଳବ କରିବା ସହିତ ସମସ୍ତ ଐତିହାସିକ ତଥ୍ୟ ସହ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ଏଥିରେ ବିଧାୟକ ସୁରେଶ କୁମାର ରାଉତରାୟ ଯୋଗଦେଇ କହିଲେ ଯେ, ଏହିସବୁ ଦାବି ସହ ରାଜ୍ୟ ସରକାର ଯଥାଶୀଘ୍ର ବରୁଣେଇ ଠାରେ ରାଷ୍ଟ୍ରପତି ଶିଳାନ୍ୟାସ କରିଥିବା ସ୍ଥାନକୁ ବିନା ମୂଲ୍ୟରେ ଯୋଗାଇ ଦିଅନ୍ତୁ। ଯାହାଦ୍ୱାରା ଯଥାଶୀଘ୍ର ପାଇକ ସ୍ମୃତି ସ୍ମାରକୀ ନିର୍ମାଣ ହୋଇପାରିବ। ଏହି ସମାବେଶ ପାଇଁ ପୁରୀରୁ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ଆଣି ଆସିଥିଲେ ବିଶିଷ୍ଟ ସଂଗଠକ ଓ ଗୀତିକାର ବଦ୍ରୀନାରାୟଣ ମିଶ୍ର।

## କୋଭିଡ ବିପଦ ଟଳି ନଥିବା....

ମଧ୍ୟରେ ରହିଛି। କିଛି ମାସ ତଳେ କୋଭିଡ ଆମକୁ ଅନେକ କିଛି ଶିଖାଇଛି। ଆମେ ଆତଙ୍କିତ ହୋଇ ନଥିଲୁ ଓ ଲଢ଼େଇ କରିଛୁ। ଆମେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଅକ୍ସିଜେନ ସପ୍ଲାଏକୁ ତ୍ୱରାନ୍ୱିତ କରିପାରିଛୁ। କରୋନାର ତୃତୀୟ ୱେଭ ବେଳେ କୌଣସି ରାଜ୍ୟର ସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଇ ନଥିଲା। ଆମ ଟିକାକରଣ କାର୍ଯ୍ୟକ୍ରମ ମଧ ଆମକୁ ଅନେକ ସହଯୋଗ କରିଛି। ଏଯାଏ ୯୬% ଲୋକ କରୋନାର ଟିକାର ପ୍ରଥମ ଡୋଜ୍ ନେଇ ସାରିଥିବା ବେଳେ ୧୫ ବର୍ଷରୁ ଅଧିକ ବୟସ୍କଙ୍କ ମଧ୍ୟରୁ ୮୫% ହିତାଧିକାରୀ ଦୁଇଟି ଯାକ ଡୋଜ୍ ନେଇଛନ୍ତି। ଆମକୁ ଏକାଠି ହୋଇ ବେଶ ସକ୍ରିୟ ଭାବେ କରୋନା ସହ ଲଢ଼େଇ କରିବାକୁ ପଡ଼ିବ। ଟେଷ୍ଟିଂ ଓ ଟ୍ରାକିଂକୁ ଗୁରୁତ୍ୱ ଦେବାକୁ ହେବ। ସମସ୍ତ ବହୁବିଧ ରୋଗୀଙ୍କ ଆରଟିପିସିଆର ଟେଷ୍ଟ ଓ ସମସ୍ତ ପଜିଟିଭ ନମୁନାକୁ ଜେନୋମ ସିକ୍ୱେନ୍ସିଂ କରିବାକୁ ପଡ଼ିବ। ଦେଶର ସମସ୍ତ ମେଡିକାଲ କଲେଜ ଓ ଜିଲ୍ଲା ହସ୍ପିଟାଲ ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ମଧ ମୋଦି ପରାମର୍ଶ ଦେଇଛନ୍ତି।

## କାରଣ ଦର୍ଶାଅ ନୋଟିସ୍‌ର....

ପୁରୁଣା କଥା ଦୋହରାଇଛନ୍ତି। ଏ ଦୁହେଁ ବି ପିସିସି ସଭାପତି ନେଇ ନବୀନଙ୍କ କଥା କହିଥିଲେ। ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଲାନି। ଆମେ ଦିନକୁ ୧୮ ଘଂଟା କାମ କରୁଛୁ। ଅନ୍ୟ ବିଧାୟକ ତାରା, ସାଲୁଜା ବହୁ ବିଶୃଙ୍ଖଳିତ ମନ୍ତବ୍ୟ ଦେଇଛନ୍ତି। ସେମାନଙ୍କ ପାଇଁ ଶୃଙ୍ଖଳା କମିଟି ନାହିଁ କି ବୋଲି ପ୍ରଶ୍ନ କରିଛନ୍ତି । ମୋ ଉପରେ କାର୍ଯ୍ୟାନୁଷ୍ଠାନ ହେଲେ ଖାତିର ନାହିଁ ବୋଲି କହିଛନ୍ତି ସୁରେଶ ରାଉତରାୟ। ସୂଚନାଯୋଗ୍ୟ, କଂଗ୍ରେସର ବରିଷ୍ଠ ନେତା ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିଲା। ସୁର ରାଉତରାୟଙ୍କୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଚିଠି ଲେଖିଥିଲେ। ନିକଟରେ କଂଗ୍ରେସ ସଭାପତି କିଏ ହେବ ତାହା ନବୀନ ପଟ୍ଟନାୟକ ନିଷ୍ପତି ନିଅନ୍ତି ବୋଲି ସୁର ରାଉତରାୟ ଗଣମାଧ୍ୟମରେ କହିଥିଲେ। ସେହି ସେହି ବୟାନ ଉପରେ ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିଲା।

## କେବଳ ପ୍ରଥମ ସିଟିଂରେ....

ଯାହା ଭିତରୁ ୨୧ଟି ଥାନାକୁ ନୋଡାଲ ସେଂଟର କରାଯାଇଛି। ୬୫ଟି ଫ୍ଲାଇଂ ସ୍କ୍ୱାର୍ଡ ପରୀକ୍ଷା ଉପରେ ନଜର ରଖିବାକୁ ମୁତୟନ ହେବେ। ଖରାକୁ ଦେଖି ମଧ୍ୟମା ଓ ଓପନ ସ୍କୁଲ ପରୀକ୍ଷା ସୂଚୀରେ ସାମାନ୍ୟ ପରିବର୍ତନ କରାଯାଇଛି। ମେ ୨ ଓ ୪ ତାରିଖରେ ହେବାକୁ ଥିବା ମଧ୍ୟମା ସେକେଣ୍ଡ ସିଟିଂ ପରୀକ୍ଷା ୯ ଓ ୧୦ ତାରିଖ ପ୍ରଥମ ସିଟିଂରେ ହେବ। ସେହିପରି ଓପନ ସ୍କୁଲର ୩ଟି ସେକେଣ୍ଡ ସିଟିଂ ପରୀକ୍ଷା ଆସନ୍ତା ମାସ ୮, ୯ ଓ ୧୦ ତାରିଖ ପ୍ରଥମ ସିଟିଂରେ ହେବ। ତେବେ ହାଇସ୍କୁଲ ସାର୍ଟିଫିକେଟ ବା ମାଟ୍ରିକ ପରୀକ୍ଷା ସୂଚୀରେ ପରିବର୍ତନ ହୋଇନି।

## ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀଙ୍କ ତାଲିମ କାର୍ଯ୍ୟକ୍ରମ ଉଦ୍‌ଯାପିତ

ଭୁବନେଶ୍ୱର, ୨୭/୦୪ (ନି.ପ୍ର): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ନିମନ୍ତେ କ୍ଷେତ୍ରୀୟ ଅଧିକାରୀମାନେ ସମାଜର ସ୍ୱର୍ଶକାତର ଓ ସମସ୍ୟାସଂକୁଳ ଲୋକମାନଙ୍କ କାର୍ଯ୍ୟ କରିବାକୁ ବିଭାଗୀୟ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପରାମର୍ଶ ଦେଇଛନ୍ତି । ବିଭାଗ ପକ୍ଷରୁ ନବନିଯୁକ୍ତ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀମାନଙ୍କ ତାଲିମ କାର୍ଯ୍ୟକ୍ରମର ଉଦ୍‌ଯାପନ ଦିବସରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପଣ୍ଡା ଅଧିକାରୀବୃନ୍ଦ 'ମୋ ସରକାର' ଓ ୫-'ଟି' ଅନ୍ତର୍ଗତ ନୀତି ପାଳନ କରିବାକୁ କହିଛନ୍ତି । ସ୍ଥାନୀୟ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ପଣ୍ଡା ବିଭାଗର କାର୍ଯ୍ୟ ରୂପାୟନରେ ସ୍ୱଚ୍ଛତା, ପ୍ରତିବଦ୍ଧତା ଓ ସମୟାନୁବର୍ତିତା ଅବଲମ୍ବନ କରିବା ଓ ବୟସ୍କ ନାଗରିକ, କିନ୍ନର, ସାମାଜିକ ସୁରକ୍ଷା ହିତାଧିକାରୀ ତଥା ଭିନ୍ନକ୍ଷମମାନଙ୍କ ସମସ୍ୟାର ସମାଧାନ ଦିଗରେ ନିଷ୍ଠା ପ୍ରତିପାଦନ କରିବାକୁ ଉଲ୍ଲେଖ କରିଛନ୍ତି । ବିଭାଗର ସଚିବ ଭାସ୍କର ଜ୍ୟୋତି ଶର୍ମା। ନବନିଯୁକ୍ତ ଅଧିକାରୀମାନଙ୍କୁ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା, ଶୃଙ୍ଖଳାର ସହିତ ବିବିଧ ଆହ୍ୱାନଗୁଡ଼ିକର ସାମ୍ନା କରିବା ପାଇଁ ପରାମର୍ଶ ଦେଇଥିବାବେଳେ ବିଭାଗୀୟ ନିର୍ଦ୍ଦେଶିକା ଶ୍ରୀମତୀ ବ୍ରତତୀ ହରିଚନ୍ଦନ ବିଭାଗର କଲ୍ୟାଣକାରୀ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ଦିଗରେ ନୂତନ ଅଧିକାରୀମାନେ ସଂକଳ୍ପବଦ୍ଧ ଉଦ୍ୟମ ଜାରି ରଖିବେ ବୋଲି ଆଶା ପ୍ରକାଶ କରିବା ସହିତ ଏପରି ତାଲିମ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । କାର୍ଯ୍ୟକ୍ରମରେ ଏକାଡେମୀର ଅତିରିକ୍ତ କମିଶନର ଡ. ହିମାଂଶୁ ଭୂଷଣ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ ଓ ଯୁଗ୍ମ କମିଶନର ଡ. ପ୍ରଦୀପ କୁମାର ନାୟକ ତାଲିମ କାର୍ଯ୍ୟକ୍ରମର ଉପାଦାନଗୁଡ଼ିକ ଉପରେ ଆଲୋକପାତ କରିଥିଲେ ।

# ଆଶାୟୀ ସ୍ୱତନ୍ତ୍ର ଶିକ୍ଷକ ସଂଘ ବୈଠକ

ଖୋର୍ଦ୍ଧା,୨୭/୦୪ (ନି.ପ୍ର): ଦିବ୍ୟାଙ୍ଗଙ୍କ ଶିକ୍ଷା ପାଇଁ ଚେଷ୍ଟିତ ଓଡ଼ିଶା ସ୍ପେସିଆଲ୍ ଏଜୁକେଟର ଫେଡ଼େରେସନ ଫର୍ ଦିବ୍ୟାଙ୍ଗ ଖୋର୍ଦ୍ଧା ଜିଲ୍ଲାର ବୈଠକ ଆଜି ମା' ବରୁଣେଇ ଙ୍କ ପୀଠରେ ଆଶାୟୀ ସ୍ୱତନ୍ତ୍ର ଶିକ୍ଷକ ଓ ଶିକ୍ଷୟତ୍ରୀ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା ।ଏହି ବୈଠକରେ ରାଜ୍ୟ ଉପସଭାପତି ଶ୍ରୀ ରୌପ୍ୟରଞ୍ଜନ ସାମନ୍ତରାୟଙ୍କ ଉପସ୍ଥିତିରେ ଜିଲ୍ଲା ସଭାନେତ୍ରୀ ଏଲୋରା ପ୍ରିୟଦର୍ଶିନୀ, ଉପସଭାପତି ଦେବାଶିଷ ପତି, ସମ୍ପାଦିକା ଶୁଭ୍ରାଙ୍ଗୀ ପ୍ରିୟବାଦିନୀ, ସଂଯୋଜକ ବିଶ୍ୱବିଜୟୀ ଦାଶ, ସହ ସଂଯୋଜକ ସୁଶିଲ କୁମାର ସାହୁ, ଯୁଗ୍ମ ସମ୍ପାଦକ ଅଶ୍ୱିନୀ ମୁଦୁଲି, ଆଇଟି ସେଲ ସଂଯୋଜକ ପ୍ରିୟଙ୍କା



ପ୍ରିୟଦର୍ଶିନୀ ଙ୍କୁ ମନୋନୀତ କରାଗଲା ।ଜିଲ୍ଲା ର ଆଶାୟୀ ସ୍ୱତନ୍ତ୍ର ଶିକ୍ଷକ ଶିକ୍ଷୟତ୍ରୀ ମାନେ ସଂଘ ର ସଦସ୍ୟତା ଗ୍ରହଣ କରିଥିଲେ। ଜଚଡଉ ଆଇନ ଓ ସୁପ୍ରିମକୋର୍ଟଙ୍କ ଆଦେଶ ମୁତାବକ ଓଡ଼ିଶା ର ପ୍ରତ୍ୟେକ ସାଧାରଣ ବିଦ୍ୟାଳୟ ରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ନିମନ୍ତେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ବିଦ୍ୟାଳୟ ଓ ଗଣଶିକ୍ଷା ସଚିବଙ୍କୁ ସଂଘ ତରଫରୁ ବିନମ୍ର ଅନୁରୋଧ କରାଯାଇଥିଲା।

# ଟାଟା କର୍ମଚାରୀଙ୍କୁ ମାଡ, ଥାନାରେ ମାମଲା

ବାଲିଆପାଳ, ୨୭/୦୪ (ନି.ପ୍ର): ବାଲିଆପାଳ ବ୍ଲକ ଚୌମୁଖଠାରେ ପ୍ରସ୍ତାବିତ ସୁବର୍ଣ୍ଣରେଖା ବନ୍ଦର ପାଇଁ ଟାଟା କମ୍ପାନୀ ପକ୍ଷରୁ ଜମି ଅଧିଗ୍ରହଣ ଜୋରସୋର ଚାଲିଥିବା ବେଳେ ଏବେ ସର୍ଭେ କାର୍ଯ୍ୟ ଆରମ୍ଭ ହୋଇଛି । ଅନ୍ୟ ପକ୍ଷରେ ବନ୍ଦର କରାଇ ନ ଦେବା ପାଇଁ ଉପକୂଳ ଭିଟାମାଟି ସୁରକ୍ଷା କମିଟି ପକ୍ଷରୁ ଆନ୍ଦୋଳନ ଜାରି ରହିଛି । ମଙ୍ଗଳବାର ସର୍ଭେ କାର୍ଯ୍ୟ ପାଇଁ ଯାଇଥିବା କିଛି ଟାଟା କର୍ମଚାରୀଙ୍କୁ ବିପକ୍ଷ ବାଦୀ ମାନେ ଆକ୍ରମଣ କରିଥିବା ନେଇ ବାଲିଆପାଳ ଥାନାରେ ଅଭିଯୋଗ ହୋଇଛି । ଟାଟା କମ୍ପାନୀର କର୍ମଚାରୀ ମାନେ ସର୍ଭେ କାର୍ଯ୍ୟ ପାଇଁ ଯାଇଥିଲା ବେଳେ ବିପକ୍ଷବାଦୀମାନେ ତାଙ୍କୁ ଘେରିଯାଇ ଗାଳିଗୁଲଜ କରିଥିଲେ । କିଛି ମୁଷ୍ଟିମେୟ ଲୋକ ସେମାନଙ୍କୁ ମଧ ମାଡ ମାରିଥିଲେ । ଏନେଇ ଆଜି ଟାଟା କମ୍ପାନୀ କର୍ମଚାରୀ ରାମଚନ୍ଦ୍ର ଗିରିଙ୍କ ଲିଖିତ ଅଭିଯୋଗ କ୍ରମେ ବାଲିଆପାଳ ଥାନାରେ ୧୦୧/୨୨ରେ ଏକ ମାମଲା ରୁଜୁ ହୋଇଛି । ଆଇଆଇସି ପର୍ଶୁରାମ ସାହୁ ଘଟଣା ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି । ଅପର ପକ୍ଷରରେ କର୍ମଚାରୀଙ୍କ ମାଡ ଘଟଣାକୁ ଭିଟାମାଟି ସୁରକ୍ଷା କମିଟି ପକ୍ଷରୁ ଅସ୍ୱୀକାର କରାଯାଇଛି ।

# ଜଳବାୟୁ ସହନଶୀଳ କୃଷି ନିମନ୍ତେ ଓଡିଶା ସମନ୍ୱିତ ଜଳସେଚନ ପ୍ରକଳ୍ପ ବିଶ୍ୱବ୍ୟାଙ୍କ ପ୍ରତିନିଧିଙ୍କ ମୟୂରଭଞ୍ଜ କ୍ଷେତ୍ର ପରିଦର୍ଶନ



ବାରିପଦା, ୨୭/୦୪ (ନି.ପ୍ର): ଜଳବାୟୁ ସହନଶୀଳ କୃଷି ନିମନ୍ତେ ଓଡିଶା ସମନ୍ୱିତ ଜଳସେଚନ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସଂପର୍କୀତ ଅନୁଧ୍ୟାନ ପାଇଁ ଆସିଥିବା ବିଶ୍ୱବ୍ୟାଙ୍କ ପ୍ରତିନିଧି ସେଡ୍ରିକ୍ ବୋଇସ ରବୋର୍ଟ ଓ ଓପିକ୍ରା ପ୍ରକଳ୍ପର ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରଶ୍ମୀ ରଞ୍ଜନ ମାଝୀ ଦୁଇ ଦିନିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଆସି ଶାମାଖୁଂଟା ଓ ବାଙ୍ଗିରିପୋଷି ବ୍ଲକର କ୍ଷେତ୍ର ପରିଦର୍ଶନ କରିଥିଲେ । ସେଥିରେ ଇଟାବନ୍ଧ କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ଶରତଚନ୍ଦ୍ରପୁର ଗ୍ରାମର ସୋନ୍ଧାଳ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ଉନ୍ନତ ଓ ବୈଜ୍ଞାନିକ ପ୍ରଣାଳୀରେ ମତ୍ସ୍ୟଚାଷ ଦେଖିବା ସହିତ ଦଳର ସଦସ୍ୟାଙ୍କ ସହିତ ଆଲୋଚନା କରିଥିଲେ । ଆଲୋଚନା ସମୟରେ ସହ ଯୋଗୀ ସଂସ୍ଥା ଆଇଆରଡିଏମଏସର ଓପିକ୍ରାରେ କାର୍ଯ୍ୟରତ କର୍ମକର୍ତା ଟିମ ଲିଡର ସୁରତ କୁମାର ପଟ୍ଟନାୟକ, ମତ୍ସ୍ୟ ବେଶେଷଜ୍ଞ ପ୍ରଦୀପ ମହାପାତ୍ର, କୃଷି ବିଶେଷଜ୍ଞ ହିମାଦ୍ରି ନାଥ ସାହୁ,ସାମାଜିକ ବିଶେଷଜ୍ଞ ତପନ କୁମାର ମହାନ୍ତ ଓ ସହକାରୀ ମତ୍ସ୍ୟ ଅଧିକାରୀ ନିହାରଞ୍ଜନ ବେହେରା, ସରପଂଚ, ସମିତି ସଭ୍ୟ/ସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ । ପର୍ଯ୍ୟାୟ କ୍ରମେ ରଙ୍ଗାମାଟିଆସ୍ଥିତ ଉନ୍ନତ ମତ୍ସ୍ୟଯାଁଳା କେନ୍ଦ୍ର ପରିଦର୍ଶନ କରିଥିଲେ। ଗସ୍ତର ଦ୍ୱିତୀୟ ଦିନରେ ବିଶ୍ୱବ୍ୟାଙ୍କ ପ୍ରତିନିଧି ଟିମ ବାଙ୍ଗିରିପୋଷି ବ୍ଲକ ଅନ୍ତର୍ଗତ ମାନଗଡମୁଣ୍ଡାକଟାରେ ମିଶ୍ରିତ ମତ୍ସ୍ୟଚାଷି ଶ୍ରୀମତୀ ସୁଜାତ ମହାନ୍ତ ଓ ସଂପୃକ୍ତ ହିତାଧିକାରୀ ମାନଙ୍କ ସହିତ ସାକ୍ଷାତ ଆଲୋଚନାରେ ମତ୍ସ୍ୟଚାଷ ସଂପର୍କରେ ସୁବିଧା ଅସୁବିଧା ପଚାରି ବୁଝିଥିଲେ ।

# ବାଲିଆପାଳ ବିକାଶ ପାଇଁ ସମ୍ମିଳିତ ଉଦ୍ୟମ ହେବା ଜରୁରୀ

## ଜଗନ୍ନାଥ ସେବା ସଂସ୍ଥା ପକ୍ଷରୁ ବାଲିଆପାଳ ବିକାଶ ସଂପର୍କିତ ଜନମଂଚ

ବାଲିଆପାଳ, ୨୭/୦୪ (ନି.ପ୍ର): ୨୮ଟି ପଂଚାୟତ ବିଶିଷ୍ଟ ବାଲିଆପାଳ ବ୍ଲକର ବିକାଶ ଧାରା ବହୁ ଗୁଣରେ ପଛିଯାଇଛି । ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ପର୍ଯ୍ୟଟନ, ନିଯୁକ୍ତି ଠାରୁ ଆରମ୍ଭ କରି କଳା ସଂସ୍କୃତି ସବୁ କ୍ଷେତ୍ରରେ ବିକାଶ ଧାରା ଠପ ହୋଇଯାଇଛି । ଏହାକୁ ଆଗେଇ ନେବା ପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ଆଗେଇ ଆସିବା ଉଚିତ ବୋଲି ଆଜି ବାଲିଆପାଳ ଜଗନ୍ନାଥ ସେବା ସଂସ୍ଥା ପକ୍ଷରୁ ବାଲିଆପାଳ ବିକାଶ ସଂପର୍କିତ ଜନ ମଂଚ କାର୍ଯ୍ୟକ୍ରମରେ ଯୋଗ ଦେଇ ବହୁ ବିଶିଷ୍ଟ ବ୍ୟକ୍ତି ସେମାନଙ୍କର ମତ ରଖିଛନ୍ତି। ଏହି ଜନ ମଂଚରେ କବି ବ୍ରଜେନ୍ଦ୍ର ନାଥ ଗିରି, ଶିକ୍ଷାବିତ୍ ଝାଡେଶ୍ୱର ପ୍ରଧାନ, ରଶ୍ମିତା ପାଣୀଗ୍ରାହୀ, ଲାୟନ ଭୁବନମୋହନ ପିଳା, କବି ସନ୍ୟାସୀ ବେହେରା ମଂଚାସୀନ




ରହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ବରିଷ୍ଠ ନାଗରିକ ପରିଷଦର ସଭାପତି ନାରାୟଣ ପ୍ରସାଦ ସାହୁ,ଓଡିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି କାଳିପଦ ପଣ୍ଡା, ପ୍ରାକ୍ତନ ଅଧ୍ୟକ୍ଷ ଡ. ବିଜୟ ଦେ, ଶିକ୍ଷାବିତ୍ ଧୀରେନ୍ଦ୍ର ନାଥ ହାଜିରା,ଅବସରପ୍ରାପ୍ତ କୃଷି ଶିକ୍ଷକ ରାଜକୃଷ୍ଣ ପାତ୍ର, ରବୀନ୍ଦ୍ର ନାଥ ବିଶ୍ୱାଳ, କୃଷିବିତ୍ ଅନନ୍ତ କୁମାର ରାଉଳ, ସମାଜସେବୀ ରାଜେନ୍ଦ୍ର କୁମାର ରଣା,ଜଗନ୍ନାଥ ପ୍ରଧାନ, ସୁରେନ୍ଦ୍ର ନାଥ ରାଉଳ, ଶାରଦା ଗିରି, ଶିକ୍ଷୟିତ୍ରୀ ସେହ୍ନଲତା ନାୟକ,ମିଡିଆ ଫୋରମ ସଭାପତି ପ୍ରତାପ ପାତ୍ର,କଳାକାର ପ୍ରଫୁଲ ବାଗ, ଶଙ୍କରର୍ଷଣ ପରିଡା,ପ୍ରକାଶ ଚନ୍ଦ୍ର ପ୍ରଧାନ,ପ୍ରଶାନ୍ତ ରାଉତ, ହରେନ୍ଦ୍ର ଗିରି,ସାଗର ପଟ୍ଟନାୟକ, ବ୍ୟୋମକେଶ ସାହୁ, ଉମାକାନ୍ତ ନାୟକ ପ୍ରମୁଖ ବାଲିଆପାଳର ବିଭିନ୍ନ କ୍ଷେତ୍ରରେ ଥିବା ସମସ୍ୟା ଓ ତାର ସମାଧାନ ଦିଗରେ ବିଭିନ୍ନ ପଦକ୍ଷେପ ସଂପର୍କରେ ନିଜ ନିଜର ମତ ରଖିଥିଲେ । ଏହି ଅବସରରେ ବାଲିଆପାଳ ପ୍ରମୁଖ ସମସ୍ୟା ମଧ୍ୟରେ ବାଲିଆପାଳରେ ସବଟ୍ରେଜରୀ ପ୍ରତିଷ୍ଠା,ଶୀତଳ ଭଣ୍ଡାର ପ୍ରତିଷ୍ଠା, ବନ୍ଦ ହୋଇ ପଡିଥିବା ସୂତାକଳ ପରିସରରେ ସ୍ଥାନୀୟ ଅଂଚଳର ଉତ୍ପାଦିତ ଝୋଟ, ନଡିଆ, କାଜୁ, ବାଦାମ ପ୍ରଭୃତି କୃଷି ଜାତ ଦ୍ରବ୍ୟକୁ ବ୍ୟବହାର କରି କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା, ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ରକ୍ତ ଭଣ୍ଡାର ଖୋଲିବା ପ୍ରଭୃତି ସମସ୍ୟାକୁ ଗୁରୁତ୍ୱ ଦିଆଯାଇ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ସଂସ୍ଥା ପକ୍ଷରୁ ସରକାରଙ୍କ ଉପରେ ଚାପ ସୃଷ୍ଟି କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯିବାକୁ ନିଷ୍ପତି ହୋଇଥିଲା । ଆଗାମୀ ଦିନରେ ଏହି ଜନମଂଚକୁ ବ୍ୟାପକ ଭାବେ କରାଯିବ ବୋଲି ସେବା ସଂସ୍ଥାର ମୁଖ୍ୟ ଜଗନ୍ନାଥ ପ୍ରଧାନ ମତବ୍ୟକ୍ତ କରିଥିଲେ ।


**OFFICE OF THE SUPERINTENDING ENGINEER**
**BALASORE (ROADS & BUILDINGS ) DIVISION-I**
AT/PO- PADHUANPADA , BALASORE

**CONTACT NO :- 06782262045**
**E Mail ID :- ee_blsrb@yahoo.co.in**

**BID INVITATION NO. SE (R and B) BLS-Divn-1- 03/ 2022-23**
**Letter No Date 25.04.2022**

| | | | |
|---|---|---|---|
| 1 | The Superintending Engineer , Balasore (R & B) Division-I , Balasore on behalf of the Governor of Odisha invites Percentage rate bids to be received in **ONLINE MODE** only for road and Building works | | |
| 2 | No. of Work **:** | : | 3 Nos |
| 3 | Nature of work : | : | Road works of Balasore (R&B)Division-I |
| 4 | Class of Contractor : | : | "B" & "A" Class |
| 5 | Approx. value of work | : | Rs. 53.14 Lakhs to 60.71 Lakh |
| 6 | Tender Cost. : . | : | Rs. 6,000/- |
| 7 | Availability of Bid Documents in the website : | : | **From 10.00 Hours of dt. 29.04.2022 to 16:00 hours of dt. 12.05.2022** |
| 8 | Date of Opening of Bid : | : | Dt. **13.05.2022** at 11:00 Hours |
| 9 | Other details can be seen in the Bidding documents from the website : https://tendersorissa.gov.in. | | |

**Sd/-Er.R.C.Sethi**
**Superintending Engineer,**
**Balasore (R&B) Division-I**

**OIPR : 34157/11/0003/2223**

# ଚାଷୀଙ୍କ ପାଇଁ ଆୟୋଜିତ ହେବ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୭/୦୪ (ନି.ପ୍ର): ଭାରତ ସରକାରଙ୍କ କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଅଧୀନ ନାରିକେଳ ଉନ୍ନୟନ ବୋର୍ଡ ପକ୍ଷରୁ ନଡ଼ିଆ ଚାଷୀଙ୍କ ପାଇଁ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଓଡ଼ିଶାର ପାଞ୍ଚଟି ସ୍ଥାନରେ ଏପରି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଏପ୍ରିଲ ୨୮ ତାରିଖ, ଗୁରୁବାର ଜଗତସିଂହପୁର ଜିଲ୍ଲାର ବାଲିକୁଦାରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ୧୦୦ ଜଣ ଚାଷୀ ଭାଗ ନେବେ । ସେହିପରି ପୁରୀ କୃଷି ବିକାଶ କେନ୍ଦ୍ରରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ୩୦୦ ନଡ଼ିଆ ଚାଷୀ ଅଂଶଗ୍ରହଣ କରିବେ । ୧୦୦ ଜଣ ଲେଖାଏଁ ନଡ଼ିଆ ଚାଷୀଙ୍କୁ ନେଇ ୨୯ ତାରିଖରେ ଖୋର୍ଦ୍ଧା ଉଦ୍ୟାନ କୃଷି ବିଦ୍ୟାଳୟ ଏବଂ ୩୦ ତାରିଖରେ କେନ୍ଦ୍ରାପଡ଼ା କୃଷି ବିକାଶ କେନ୍ଦ୍ରରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହେବ । ଆସନ୍ତା ମେ ପହିଲାରେ ଭୁବନେଶ୍ୱରର ଇମେଜ୍ରାରେ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଏଥିରେ ୨୦୦ ଚାଷୀ ଅଂଶଗ୍ରହଣ କରିବେ । ସମ୍ପ୍ରତି କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଦେଶବ୍ୟାପୀ ‘‘ଅନ୍ନଦାତା ଦେବୋ ଭବ – କିଷାନ ଭାଗିଦାରୀ ପ୍ରାଥମିକତା ହମାରୀ’’ ଅଭିଯାନ ଜାରି ରହିଛି । ଏହି କ୍ରମରେ ନାରିକେଳ ଉନ୍ନୟନ ବୋର୍ଡ ପକ୍ଷରୁ ‘ବୈଜ୍ଞାନିକ ପ୍ରଣାଳୀରେ ନଡ଼ିଆ ଚାଷ, ପ୍ରକ୍ରିୟାକରଣ ଏବଂ ମୂଲ୍ୟ ସମ୍ବର୍ଦ୍ଧନ’ ବିଷୟବସ୍ତୁକୁ ନେଇ ନଡ଼ିଆ ଚାଷୀଙ୍କ ପାଇଁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ୨୬ ଏପ୍ରିଲ ଠାରୁ ମେ ପହିଲା ପର୍ଯ୍ୟନ୍ତ ଆୟୋଜିତ ହେଉଥିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି ସାରା ଦେଶର ନଡ଼ିଆ ଚାଷୀମାନଙ୍କୁ ପ୍ରୋତ୍ସାହନ ଯୋଗାଇ ଦେବା । କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶ୍ରୀ ନରେନ୍ଦ୍ର ସିଂ ତୋମର ଏହି କାର୍ଯ୍ୟକ୍ରମକୁ ଉଦଘାଟନ କରିଛନ୍ତି । ପ୍ରାୟ ୨୦ ହଜାର ନଡ଼ିଆ ଚାଷୀ ଦେଶବ୍ୟାପୀ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି । ଏହି ଉପଲକ୍ଷେ ନଡ଼ିଆ ଚାଷ, ପ୍ରକ୍ରିୟାକରଣ ଏବଂ ମୂଲ୍ୟ ବୃଦ୍ଧି ବିଷୟବସ୍ତୁକୁ ନେଇ ୮୦ଟି ସେମିନାର ଆୟୋଜନ କରାଯିବ ।

# ବିଜେଡିର ମିଶ୍ରଣ ପର୍ବ : ୩ ସ୍ୱାଧୀନ କାଉନସିଲରଙ୍କ ଯୋଗଦାନ



ବାଲେଶ୍ୱର,୨୭/୦୪ (ନି.ପ୍ର): ଘର ପୁଅ ଘରକୁ ଫେରିବା ଭଳି ଗତ ପୌର ନିର୍ବାଚନରେ ବିଜେଡି ଟିକଟରୁ ବଞ୍ଚିତ ହୋଇ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା ସହ ନିର୍ବାଚିତ ୩ କାଉନସିଲର ଶେଷରେ ବୁଧବାର ଦଳକୁ ଫେରିଆସିଛନ୍ତି। ସେମାନେ ହେଲେ ୯ନଂ ୱାର୍ଡ଼ କାଉନସିଲର ସଞ୍ଜୀବ କୁମାର ଦାସ, ୧୧ନଂ ୱାର୍ଡ଼ କାଉନସିଲର ଶେଖ ନୌସାଦ ଅଲ୍ଲି ଓ ୧୨ନଂ ୱାର୍ଡ଼ କାଉନସିଲର ଅନିନ୍ଦ୍ୟ କୁମାର ପଣ୍ଡା। ବିଜେଡି ଜିଲା କାର୍ଯ୍ୟାଳୟରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲା ସଭାପତି ରବୀନ୍ଦ୍ର କୁମାର ଜେନା ଯୋଗଦେଇ ୩ କାଉନସିଲରଙ୍କୁ ସ୍ୱାଗତ ସହ ବିଧିବଦ୍ଧ ଭାବେ ଦଳରେ ସାମିଲ କରିଥିଲେ। ପୌର ନିର୍ବାଚନ ପୂର୍ବରୁ ଏହି ୩ଜଣ କାଉନସିଲର ବିଜେଡିର ସକ୍ରିୟ ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ । ଆଶାୟୀ ଥିବା ସତ୍ତ୍ୱେ ଦଳୀୟ ଟିକଟରୁ ବଞ୍ଚିତ ହୋଇ ସେମାନେ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦିତା ସହ ନିର୍ବାଚିତ ହୋଇଥିଲେ ବାଲେଶ୍ୱର ପୌର ପରିଷଦରେ ଏବେ ବିଜେଡି କାଉନସିଲରଙ୍କ ସଂଖ୍ୟା ୨୧କୁ ବୃଦ୍ଧି ପାଇଥିବା ବେଳେ ପୌରାଧକ୍ଷାଙ୍କ ସହ ସମନ୍ୱୟ ରଖି ବାଲେଶ୍ୱର ପୌରାଞ୍ଚଳର ବିକାଶ ଶୀର୍ଷରେ ପହଞ୍ଚିବ ବୋଲି ଶ୍ରୀ ଜେନା ଆଶା ପ୍ରକାଶ କରିଥିଲେ। ବାଲେଶ୍ୱର ପୌରାଧକ୍ଷା ସବିତା ସାହୁ ଏହି ମିଶ୍ରଣ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ୩ କାଉନସିଲରଙ୍କୁ ସ୍ୱାଗତ କରିବା ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି, ଆଦର୍ଶ ଓ ସ୍ୱଚ୍ଛ ଶାସନ ଆଧାରରେ ବିକାଶ ଧାରାକୁ ଆଗେଇ ନିଆଯିବ ବୋଲି କହିଥିଲେ। ୩ ସ୍ୱାଧୀନ କାଉନସିଲର ଯୋଗଦାନ ଦଳ ତଥା ନବ ଗଠିତ ପରିଷଦକୁ ଆହୁରି ମଜବୁତ କରିବ ବୋଲି ସେ ଆଶା ପ୍ରକାଶ କରିଥିଲେ । ପୂର୍ବଭଳି ଦଳୀୟ ଅନୁଶାସନ ମାନି ତୃଣମୂଳସ୍ତରରେ ସଂଗଠନକୁ ସୁଦୃଢ ପାଇଁ ପ୍ରୟାସ ଜାରି ରଖିବେ ବୋଲି ୩ କାଉନସିଲର କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଜେଡି ଜିଲା ସାଧାରଣ ସମ୍ପାଦକ ବରଦା ପ୍ରସନ୍ନ ପଟ୍ଟନାୟକ, ପୂର୍ବତନ ବ୍ରିଟ ଅଧକ୍ଷ ଗୌରୀ ରାଉତ ପ୍ରମୁଖଙ୍କ ସମେତ ବହୁ ସକ୍ରିୟ କର୍ମୀ ଏହି ମିଶ୍ରଣ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## କେକେଏସ କଲେଜରେ ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ବାଲେଶ୍ୱର,୨୭/୦୪ (ନି.ପ୍ର): କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟରେ ୧୯ ତାରିଖରୁ ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଏହି ଶିବିରରେ ସୁମନ ନନ୍ଦୀ ଓ ପ୍ରଜ୍ଞାପାରମିତା ଦାସ ମାଷ୍ଟର ଟ୍ରେନର ଭାବେ ପ୍ରଶିକ୍ଷଣ ଦେଇଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସୁବ୍ରତା ଦେବଙ୍ଗନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନୀ କାର୍ଯ୍ୟକ୍ରମରେ ଆଡମିନଷ୍ଟ୍ରେଟର ବର୍ସାର ସଞ୍ଜୟ କୁମାର ସ ଉପସ୍ଥିତ ରହି ଛାତ୍ରୀମାନଙ୍କୁ ପ୍ରଶିକ୍ଷଣର ବିଭିନ୍ନ ଦିଗ ସମ୍ପର୍କରେ ସୂଚନା ଦେଇଥିଲେ।ଏହି ଅବସରରେ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ପ୍ରୋଗ୍ରାମ ସଂଯୋଜକ ଡ. ରିଙ୍କି ବେହେରା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଡ. ପୂର୍ବାସା କର, ଡ. ପ୍ରିୟଦର୍ଶିନୀ ପରିଡ଼ା, ପଦ୍ମାଳୟା ଜାଲ, ସ୍ମିତାରାଣୀ କୁଲୁ ପ୍ରମୁଖ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ଇଦ୍ ପର୍ବ ଉପଲକ୍ଷେ ପ୍ରଶାସନିକ ପ୍ରସ୍ତୁତି ବୈଠକ




ଭଦ୍ରକ, ୨୭/୦୪ (ନି.ପ୍ର): ଆଗାମୀ ମଇ ୩ କିମ୍ବା ୪ ତାରିଖରେ ପାଳିତ ହେବାକୁ ଥିବା ଇଦ୍-ଉଲ୍-ଫିତର୍ ପର୍ବ ପାଳନ ଉପଲକ୍ଷେ ଆଜି ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ତ୍ରିଲୋଚନ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏସ୍.ପି. ଚରଣ ସିଂ ମୀନା, ଉପଜିଲ୍ଲାପାଳ ମନୋଜ ପାତ୍ର ପ୍ରମୁଖ ଏହି ବୈଠକରେ ଜିଲ୍ଲାପାଳଙ୍କ ସହ ଯୋଗ ଦେଇଥିଲେ । ବିଶାଳ ଶୋଭାଯାତ୍ରା, ଭରପୁର ଦର୍ଶକମାନଙ୍କୁ ନେଇ ଗତ ରାମ ନବମୀ ପର୍ବ ପାଳନରେ ମୁସଲମାନ ଜନସାଧାରଣ ଯେଉଁ ଅଭୂତପୂର୍ବ ସହଯୋଗ କରିଥିଲେ ତାହାର ପଟ୍ଟାନ୍ତର ନାହିଁ, ଭଦ୍ରକ ନିଆରା ଭାଇ ଚରାକୁ ତାହା ପ୍ରମାଣିତ କରିଛିବୋଲି ଜିଲ୍ଲାପାଳ ବୈଠକରେ ପ୍ରକାଶ କରିବା ସହିତ ଆସନ୍ତା ଇଦ୍‌ପର୍ବ ସେହିଭଳି ହିନ୍ଦୁମାନଙ୍କ ସହଯୋଗ ନେଇ ଉଦ୍ଦିପନାର ସହ ପାଳିତ ହେବବୋଲି ଆଶାବ୍ୟକ୍ତ କରିଥିଲେ। ଭଦ୍ରକରେ ହିନ୍ଦୁ ମୁସଲିମ୍ ଭାଇଚରାର ଯେଉଁ ସୁନାମ ସାରା ବିଶ୍ୱପାଇଁ ରହିଛି ତାହା ସବୁ ପର୍ବ ପାଳନରେ ଅକ୍ଷୁର୍ଣ୍ଣ ରହୁବୋଲି ଏସ୍.ପି. ମଧ ପ୍ରକାଶ କରିଥିଲେ । ବୈଠକରେ ଉପସ୍ଥିତ ହିନ୍ଦୁ ସୁରକ୍ଷା ସମିତିର ସଭାପତି ବିଦ୍ୟାଧର ସାହୁ ଏ ଭାଇଚରା ଏହି ବର୍ଷର ନୁହେଁ ଦୀର୍ଘବର୍ଷରୁ ଆମଭିତରେ ରହିଆସିଛି ବୋଲି କହିଥିଲେ। ଜହ୍ନ ଦେଖି ପବିତ୍ର ରମଜାନ୍ ମାସ ଆରମ୍ଭ କରାଯାଇଥାଏ ଏବଂ ପୁଣି ଜହ୍ନ ଦେଖି ଏହି ରମ୍‌ଜାନ ଉପବାସ ଛାଡ଼ିବା ସହିତ ଇଦ୍ ପର୍ବ ପାଳନ କରାଯାଏ । ତେଣୁ ଜହ୍ନର ଦୃଶ୍ୟମାନ ଅନୁଯାୟୀ ଏହି ଇଦ୍ ପର୍ବ ଆସନ୍ତା ୩ କିମ୍ବା ୪ ତାରିଖରେ ପାଳନ କରାଯିବ ପୂର୍ବରୁ ତାହା ଜଣାଇ ଦିଆଯିବ ବୋଲି ମୁସଲିମ୍ ଜମାତ୍‌ର ସଭାପତି ମହମ୍ମଦ ଅବ୍‌ଦୁଲ ବାରି ବୈଠକରେ ସୂଚନା ପ୍ରଦାନ କରିଥିଲେ । ଜମାତ୍‌ର ଅନ୍ୟତମ କର୍ମକର୍ତ୍ତା ସେକ୍ ଇନ୍‌ମ ମହମ୍ମଦ, ଅବ୍‌ଦୁଲ ମୋକିତ୍ ଖାଁ, ମହମ୍ମଦ୍ ଜକ୍କାଓଲା, ସେକ୍ ଶିରାଜୁଦ୍ଦିନ୍, ସେକ୍ ଅନୁଆର ହୋସେନ୍, କୟାମତ୍ ଶାହା ପ୍ରମୁଖ ଇଦ୍ ପର୍ବ ପାଳନ ନେଇ ବିଭିନ୍ନ ମତାମତ ରଖିଥିଲେ। ବିଶେଷ କରି ଇଦ୍ ପର୍ବ ପାଳନ ପୂର୍ବ ଦିନ ପୁରୁଣାବଜାର, ଚନ୍ଦନବଜାର, ବାଙ୍କାବଜାର ଅଞ୍ଚଳରେ ରାତିତମାମ ଦୋକାନ ବଜାର ଖୋଲା ରଖିବାକୁ ଓ ଭଦ୍ରକ ସହରରେ ବିଳମ୍ବିତ ରାତି ପର୍ଯ୍ୟନ୍ତ ଦୋକାନ ବଜାର ଖୋଲା ରଖିବାକୁ ପ୍ରଶାସନ ପାଖରେ ଅନୁରୋଧ କରିଥିଲେ । ପ୍ରତ୍ୟେକ ମସ୍‌ଜିଦ୍ ବିଶେଷ କରି ୫/୭ ହଜାର ଲୋକଙ୍କୁ ନେଇ ଇଦ୍‌ର ବନ୍ଧୁ ମିଳନ ହେବାକୁ ଥିବା କୁଆଁସର ଇଦ୍‌ଗା ପଡ଼ିଆରେ ପରିସ୍କାର ପରିଚ୍ଛନ୍ନ, ପାନୀୟ ଜଳ ବ୍ୟବସ୍ଥା ଓ ଆବଶ୍ୟକ ସ୍ଥଳେ ରାସ୍ତାରେ ଆଲୁଅ ଲଗାଇବା ପାଇଁ ଜିଲ୍ଲାପାଳଙ୍କୁ ଜଣାଇଥିଲେ । ଉକ୍ତ ସବୁ ଦିଗରେ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳ ଉପସ୍ଥିତ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ । ପୁରୁଣାବଜାରର ଅଣ ଓସାରିଆ ରାସ୍ତା ସାଙ୍ଗକୁ ଇଦ୍ ଉପଲକ୍ଷେ ରାସ୍ତା ପାର୍ଶ୍ୱରେ ଅନେକ ଅସ୍ଥାୟୀ ଦୋକାନ ଖୋଲାଯାଉ ଥିବାରୁ ଭାରିଯାନ ସେହି ଅଞ୍ଚଳରେ ଚଳାଚଳ ନକରିବାକୁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାପାଇଁ ମଧ୍ୟ ପ୍ରସ୍ତାବ ଦିଆଯାଇଥିଲା । ଆବଶ୍ୟକମତେ ପୋଲିସ୍ ବିଭାଗ ତରଫରୁ ସମସ୍ତ ସହଯୋଗ ଯୋଗାଇ ଦିଆଯିବ ବୋଲି ଏସ୍.ପି. ପ୍ରକାଶ କରିଥିଲେ। ଏହି ପର୍ବ ପାଳନ ଉପଲକ୍ଷେ ଶାନ୍ତି ଶୃଙ୍ଖଳା ରକ୍ଷା ଉଦ୍ଦେଶ୍ୟରେ ପୋଲିସ୍ ମୁତୟନ ଓ ପୋଲିସ୍ ପେଟ୍ରୋଲିଂ ବ୍ୟବସ୍ଥା ସମ୍ବନ୍ଧରେ ବୈଠକରେ ଡ଼ି.ଏସ୍.ପି., ଡ଼ି.ଆଇ.ବି, କମଳ ଲୋଚନ ଭୂୟାଁ ସୂଚନା ପ୍ରଦାନ କରିଥିଲେ ।

## ଧର୍ମପ୍ରାଣା ପଦ୍ମାବତୀଙ୍କ ବିୟୋଗରେ ଶୋକ



ବାଲେଶ୍ୱର,୨୭/୦୪ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ଭୀମପୁର ଗ୍ରାମର ଆଦର୍ଶ ଶିକ୍ଷକ ସ୍ୱର୍ଗତ ଗୋଲକ ନାରାୟଣ ଦାସଙ୍କ ପତ୍ନୀ ଧର୍ମପ୍ରାଣା ପଦ୍ମବତୀ ଦାସଙ୍କର ୮୬ ବର୍ଷ ବୟସରେ ବୁଧବାର ପରଲୋକ ହୋଇଯାଇଛି। ଦୁଇବର୍ଷ ପୂର୍ବରୁ ସାନପୁତ୍ର ସୁମନ୍ତର ଅକାଳ ବିୟୋଗରେ ଅତ୍ୟନ୍ତ ମ୍ରିୟମାଣ ହୋଇ ପଡ଼ିଥିଲେ। ପୁତ୍ର ଚାଲିଯିବା ଦୁଃଖ ସାଙ୍ଗକୁ ବୟସାଧିକ ବ୍ୟାଧିରେ ପୀଡ଼ିତ ହୋଇ ଗତ କିଛିଦିନ ଧରି ସେ ଭୁବନେଶ୍ୱରରେ ବଡ଼ପୁଅ ଇଂ ସୁଶାନ୍ତ କୁମାର ଦାସ ଓ ମଧ୍ୟମ ପୁତ୍ର ସୁକାନ୍ତ କୁମାର ଦାସଙ୍କ ସହ ରହୁଥିଲେ। ଆଜି ଅବସ୍ଥା ସଙ୍କଟାପନ୍ନ ହେବା ସହ ସକଳେ ପ୍ରାୟ ୮.୩୦ରେ ତାଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁ ସମୟରେ ଦୁଇପୁଅଙ୍କ ସମେତ ପୁତ୍ରବଧୂ ପୁଷ୍ପିତା ଦାସ, ନୀଳିମା ଦାସ ଓ ନାତି ନାତୁଣୀମାନେ ତାଙ୍କ ପାଖରେ ଉପସ୍ଥିତ ଥିଲେ। ମୃତଶରୀର ଅପରାହ୍ଣରେ ଭୀମପୁର ବାସଭବନରେ ପହଞ୍ଚିବା ପରେ ଆତ୍ମୀସଜ୍ଜନ, ସମ୍ପର୍କୀୟ ବନ୍ଧୁବାନ୍ଧବଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ।

# କାର୍ଯ୍ୟଭାର ଗ୍ରହଣ କଲେ ଭଦ୍ରକ ବ୍ଲକ ଅଧକ୍ଷା



ଭଦ୍ରକ,୨୭/୦୪ (ନି.ପ୍ର): ଭଦ୍ରକ ପାୟତ ସମିତି ର ଅଧକ୍ଷ ଭାବେ ବିଜେଡିରୁ ନିର୍ବାଚିତ ଜଗଦଳପୁର ପଂଚାୟତ ସମିତିସଭ୍ୟା ଉର୍ମିଳା ନାୟକ ଆଜି କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଆଜି ଏକ ବିରାଟ ଶୋଭାଯାତ୍ରାରେ ଆସି ବ୍ଲକ କାର୍ଯ୍ୟାଳୟରେ ଆସି ପହଂଚିଥିଲେ। ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ, ଜିଲ୍ଲା ପରିଷଦ ସଭ୍ୟ ମଳୟ ଜେନା, ଉପାଧକ୍ଷ ମୁକୁନ୍ଦଦେବ ସାମଲ, ବିଜେଡି ନେତା ଯୋଗେନ୍ଦ୍ର ଘଡେଇ, ସରପଂଚ ଅକ୍ଷୟ ମହାନ୍ତି ଓ ଯୁବନେତା ଇଂ.ପ୍ରିୟବ୍ରତ ନାୟକ, ଏମ ଡ଼ି ଫର୍ହତ ଆଲାମ, ହିମାଂଶୁ ବାରିକ,ଙ୍କ ସମେତ ନବ ନିର୍ବାଚିତ ସରପଂଚ ଓ ସମିତି ସଭ୍ୟ/ସଭ୍ୟା ମାନେ ଉକ୍ତ ଶୋଭାଯାତ୍ରାରେ ସାମିଲ ଥିଲେ। ବ୍ଲକରେ ବିଡ଼ିଓ ସୀତାକାନ୍ତ ରାଉତ ପୁଷ୍ପଗୁଚ୍ଛ ଦେଇ ଅଧକ୍ଷା ଶ୍ରୀମତୀ ନାୟକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଦାୟିତ୍ୱ ଗ୍ରହଣ ପରେ ବ୍ଲକ ଅଧକ୍ଷା ଉର୍ମିଳା ନାୟକ ନିଜ ପ୍ରତିକ୍ରିୟାରେ: ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକଙ୍କୁ କୃତଜ୍ଞତା ଅର୍ପଣ କରିବା ସହ ଭଦ୍ରକ ପଂଚାୟତ ସମିତିକୁ ଏକ ଆଦର୍ଶ ପଂଚାୟତ ସମିତି କରିବାକୁ ସଂକଳ୍ପ ନେଇଥିବା କହିଥିଲେ। ସୂଚନାଯୋଗ୍ୟ ଯେ: ପରେ ଏକ ଚଣ୍ଡିଗାଁ ପ୍ରାଥମିକ ସ୍କୁଲରେ ଶିକ୍ଷକତା ଅବସର ଗ୍ରହଣ କରି ପ୍ରଥମଥର ଲାଗି ରାଜନୀତିରେ ପାଦ ଥାପିଥିଲେ।

# ନୂତନ ଓପୋ କେ-୧୦ ମଡେଲ ମୋବାଇଲର ଅନଲାଇନ ବିକ୍ରିକୁ ବିରୋଧ

ବାଲେଶ୍ୱର,୨୭/୦୪ (ନି.ପ୍ର): ଖୁଚୁରା ବ୍ୟବସାୟୀମାନଙ୍କ ପ୍ରତି ଚାଇନିଜ୍ ମୋବାଇଲ୍ ନିର୍ମାତା ଓପୋ କମ୍ପାନୀର ବିଶ୍ୱାସଘାତକ ନୀତି ବିରୋଧରେ ସମଗ୍ର ଦେଶ ମୋବାଇଲ ରିଟେଲରମାନେ ଦିନିକିଆ ଧାରଣା ପ୍ରଦର୍ଶନ କରିଥିବା ବେଳେ ବାଲେଶ୍ୱରର ମଧ ଅନୁରୂପ ପ୍ରତିଫଳନ ଦେଖିବାକୁ ମିଳିଛି। ଅଲ ଇଣ୍ଡିଆ ମୋବାଇଲ ରିଟେଲର୍ସ ଆସୋସିଏସନର ଆହ୍ୱାନ କ୍ରମେ ବାଲେଶ୍ୱର ଶାଖାର କର୍ମକର୍ତ୍ତା ଓ ସଦସ୍ୟମାନେ ଆଇଟିଆଇ ଛକସ୍ଥିତ ଓପୋ କମ୍ପାନୀର କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସୁରେଶ ଉପାଧାୟ, ରାଜେଶ କର୍ଣ୍ଣାନୀ, ପ୍ରିୟଙ୍କ କୋଟେଚା, ଯୋଗେଶ ପତି, ଅୟନ ସେନ, ଚନ୍ଦ୍ର ଶେଖର ଗିରି ପ୍ରମୁଖ ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ଯୋଗଦେଇ ଚାଇନା ଓପୋ ବ୍ରାଣ୍ଡର ନୂତନ କେ-୧୦ ସିରିଜର ମୋବାଇଲ କେବଳ ବିଦେଶୀ ଇ-କମର୍ସ କମ୍ପାନୀଙ୍କ ମାଧମରେ ଅନଲାଇନ୍‌ରେ ବିକ୍ରୟ ପାଇଁ ଉପଲବ୍ଧ ଥିବା କହିଥିଲେ । ସାତ ବର୍ଷ ପୂର୍ବେ ଭାରତରେ ପ୍ରବେଶ କରିଥିବା ଚାଇନାର ଓପୋ ମୋବାଇଲ୍ କମ୍ପାନୀ ସାରା ଦେଶରେ ଖୁଚୁରା ବ୍ୟବସାୟୀମାନଙ୍କ ଦ୍ୱାରା ଏକ ନମ୍ବର ମୋବାଇଲ୍ ବ୍ରାଣ୍ଡରେ ପରିଣତ ହୋଇପାରିଛି । ପ୍ରତିବଦଳରେ ଓପୋ କମ୍ପାନୀ ନିଜର ନୂତନ କେ-୧୦ ସିରିଜ୍ ସ୍ମାର୍ଟଫୋନ୍‌କୁ ଅନଲାଇନ୍ ପ୍ଲାଟଫର୍ମରେ ସିଧାସଳଖ ରିହାତିରେ ଉପଲବ୍ଧ ସହ ଖୁଚୁରା ବ୍ୟବସାୟୀମାନଙ୍କୁ ଅଣଦେଖା କରିଚାଲିଛି ବୋଲି ଆସୋସିଏସନର କର୍ମକର୍ତ୍ତାମାନେ ଅଭିଯୋଗ କରିଛନ୍ତି । ଏଥିରେ ମୋବାଇଲ ରିଟେଲରଙ୍କ ବିଶ୍ୱାସ ପ୍ରତି ଆଘାତ ହୋଇଥିବା ବେଳେ କେନ୍ଦ୍ର ସରକାରଙ୍କ ସମସ୍ତ ନିୟମକୁ ଅବମାନନା ସହ ଓପୋ କମ୍ପାନୀ–ବିରୋଧରେ ସରକାର ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନେ ଦାବି କରିଥିଲେ। ତୁରନ୍ତ କମ୍ପାନୀର ସମସ୍ତ ମଡେଲର ମୋବାଇଲ ଫୋନ ଅଧିକ ସଂଖ୍ୟାରେ ଖୁଚୁରା ବ୍ୟବସାୟୀଙ୍କ କାଉଂଟର ଦ୍ୱାରା ବିକ୍ରୟ ପାଇଁ ବ୍ୟବସ୍ଥା ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ଆହୁରି ତୀବ୍ରତର ହେବ ବୋଲି ସେମାନେ ଚେତାବନୀ ଦେଇଛନ୍ତି ।

# କୁଆଁର ପୁର- ପଶ୍ଚିମବଂଗ ସୀମା ରାସ୍ତାର ପ୍ରଶସ୍ତିକରଣ ଓ ନବୀକରଣ




ଜଳେଶ୍ୱର, ୨୭/୦୪ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅନ୍ତର୍ଗତ କୁଆଁରପୁର-ପଶ୍ଚିମବଂଗ ସୀମା ରାସ୍ତାର ଦୂରାବସ୍ଥା ଅବର୍ଣ୍ଣନୀୟ ହୋଇ ପଡିଥିଲା । ଏ ସମ୍ପର୍କରେ ଉପାନ୍ତ ଅଂଚଳର ବହୁ ବ୍ୟକ୍ତି ବିଧାୟକ ଅଶ୍ୱିନୀ ପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିବାରୁ ତାଙ୍କ ପ୍ରଚେଷ୍ଟାରେ ୫ କୋଟି୬ଲକ୍ଷ ଟଙ୍କା ବ୍ୟୟରେ ଆଜି ରାସ୍ତାର, ନବିକରଣ, ପ୍ରସସ୍ତିକରଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ଏଥିଲାଗି ଆୟୋଜିତ ସଭାରେ ବିଧାୟକ ଶ୍ରୀ ପାତ୍ର ଦୁଇ ରାଜ୍ୟର ସୀମା ଅଂଚଳବାସୀଙ୍କ ଯାତାୟାତର ସୁବିଧାଲାଗି ଏପରି ରାସ୍ତାର ନବିକରଣ ଅତ୍ୟାବଶ୍ୟକ ଥିଲା । ସୁବର୍ଣ୍ଣରେଖା ନଦୀକୂଳ ଅଂଚଳରେ ପରିବା ପରିବହନ ଲାଗି ଏହି ରାସ୍ତା ଗୁରୁତ୍ୱବହନ କରେ । ତେଣୁ ଗ୍ରାମଉନ୍ନୟନ ବିଭାଗ ପକ୍ଷରୁ ଏହି ରାସ୍ତାଲାଗି ୫କୋଟି ୬ଲକ୍ଷ ଟଙ୍କାର ପ୍ରକଳ୍ପକୁ ସରକାର ଅନୁମୋଦନ କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଦିଲ୍ଲିପ ସାମଲଙ୍କ ଅଧ୍ୟକ୍ଷତାରେ ବିଧାୟକଙ୍କ ସହିତ ବ୍ଲକ ଅଧ୍ୟକ୍ଷ ମାନସ ଜେନା, ଗ୍ରାମଉନ୍ନୟନ ଯନ୍ତ୍ରୀ ବିଜୟ କୁମାର ଦାସ, ରାସବିହାରି ରଣା, ବିଜେଶ ରଣା, ସରପଂଚ କରୁଣାକର ହେମ୍ବ୍ରମ ଓ ସୁବିତ୍ର ସିଂ, ସମିତି ସଦସ୍ୟ ଗଣେଶ ସରେନ୍ ଓ ସୁଦର୍ଶନ ମହନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

## ଜୟପୁର ଘାଟିରେ ଓଲଟିଲା କାଠ ବୋଝେଇ ଟ୍ରକ

ଜୟପୁର, ୨୭/୦୪ (ନି.ପ୍ର): ଜୟପୁର ଘାଟିରେ ଓଲଟିଲା କାଠ ବୋଝେଇ ଟ୍ରକ । ନିଲଗିରି କାଠ ଧରି କୋରାପୁଟ ଅଭିମୁଖେ ଯାଉଥିବା ବେଳେ ଭାରସ୍ୟାମ ହରାଇ ଓଲଟି ପଡିଥିଲା । ଫଳରେ ଘାଟି ଜାମ ହୋଇଯାଇଥିଲା । ଟ୍ରକରେ ଥିବା ସମସ୍ତ ନିଳିଗିରି କାଠ ଘାଟି ରାସ୍ତାରେ ପଡିରହିଥିଲା। ଜୟପୁର ସଦର ପୋଲିସ ପହଂଚି କ୍ରେନ ସାହାଯ୍ୟରେ ଟ୍ରକକୁ ରାସ୍ତା ପାର୍ଶ୍ୱରେ ରଖାଇଥିଲା । ପରେ ଯାନ ବାହାନ ଚଳ ପ୍ରଚଳ ସ୍ୱାଭାବିକ ହୋଇଥିଲା । ପ୍ରତ୍ୟେକ ଦିନ ଜୟପୁର ଘାଟିରେ ଏପରି ଦୁର୍ଘଟଣା ଘଟୁଛି । ଗୋଟିଏ ସ୍ଥାନରେ ବାର ବାର ଦୁର୍ଘଟଣା ଘଟୁଛି । ତେଣୁ ଜାତୀୟ ରାଜପଥ ବିଭାଗ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହୋଇଛି ।

# ଜାତୀୟ ସ୍ତର ଭଲିବଲରେ ଅଂଶ ଗ୍ରହଣ କରି ମୟୁରଭଞ୍ଜ ପାଇଁ ଗୌରବ ଆଣିଲେ ସୁନିଲ




ବାରିପଦା, ୨୭/୦୪ (ନି.ପ୍ର): ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଯୁବ ପ୍ରତିଭାବାନ ଭଲିବଲ ଖେଳାଳି ସୁନିଲ କୁମାର ଧଳଙ୍କୁ ଜିଲ୍ଲାପାଳ, ମୟୁରଭଞ୍ଜ ବିନୀତ ଭରଦ୍ୱାଜ, ଭା ପ୍ର ସେ, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ତାଙ୍କର ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଶ୍ରୀ ଧଳ ଚଳିତ ମାସ ଉତ୍ତରାଖଣ୍ଡଠାରେ ଅନୁଷ୍ଠିତ ୨୩ ତମ ଯୁବ ଜାତୀୟ ଭଲିବଲ ଚାମ୍ପିୟାନସିପରେ ଓଡିଶା ଦଳ ତରଫରୁ ଅଂଶ ଗ୍ରହଣ କରି ଉଚ୍ଚ ମାନର ଖେଳ ପ୍ରଦର୍ଶନ କରିଥିଲେ । ରସଗୋବିନ୍ଦପୁର ବ୍ଲକର ଅସନଖଲି ଗ୍ରାମରେ ପ୍ରଥମେ ଭଲିବଲ ଖେଳ ଆରମ୍ଭ କରି ପରବର୍ତ୍ତୀ ସମୟରେ ବାରିପଦାର ମା କିଚକେଶ୍ୱରୀ ଭଲିବଲ ଏକାଡେମିରେ ଗୁରୁ ମନୋରଞ୍ଜନ ଜୀଉଙ୍କ ଠାରୁ ପ୍ରଶିକ୍ଷଣ ପାଇ ଓଡିଶା ଦଳରେ ଖେଳିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ଏହି ସମ୍ବର୍ଦ୍ଧନା କାର୍ଯ୍ୟ୍ୟକ୍ରମରେ ମୟୁରଭଞ୍ଜ ଏଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ଭଲିବଲ ସହ ସମ୍ପାଦକ ପାର୍ଥସାରଥୀ ସ୍ୱାଇଁ, ସହ ସମ୍ପାଦକ ଅମର କୁମାର ସେଠି, ଅଶୋକ ପଟ୍ଟନାୟକ, ବୈଦ୍ୟନାଥ ରଥ, ଅମ୍ବିକା ରାଉତ, ପ୍ରସନ୍ନଜିତ ମହାନ୍ତି, ବରିଷ୍ଠ ଖେଳାଳି ଭାନୁପ୍ରତାପ ଭଞ୍ଜଦେଓ ତଥା ମିଡ଼ିଆ ସଂଯୋଜକ ସୋମନାଥ ସିଂହ ପ୍ରମୁଖ ଉପସ୍ଥିତ ଥିଲେ । ମୟୁରଭଞ୍ଜ ଏଥଲେଟିକ ଆସୋସିଏସନର ପ୍ରୟାସରେ ସେ ଓଡିଶା ତରଫରୁ ଖେଳି ଜିଲ୍ଲା ପାଇଁ ଗୌରବ ଅଣିଥିବାରୁ ତାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ଭଲିବଲର ବିକାଶ ପାଇଁ ବିଶେଷ ଧ୍ୟାନ ଦିଆଯିବ ବୋଲି ସାଧାରଣ ସମ୍ପାଦକ ଶ୍ରୀ ଦାସ କହିଛନ୍ତି ।

# ବସ୍ତା ପଞ୍ଚାୟତ ସମିତି ବୈଠକ ସମାପ୍ତ : ବିଭିନ୍ନ ସମସ୍ୟା ନେଇ ପ୍ରବଳ ହଟ୍ଟଗୋଳ

ବସ୍ତା, ୨୭/୦୪ (ନି.ପ୍ର): ପ୍ରବଳ ହୋ ହଲ୍ଲା ମଧ୍ୟରେ ବସ୍ତା ପଞ୍ଚାୟତ ସମିତି ବୈଠକ ଶେଷ ହୋଇଛି। ଚଳିତ ପଞ୍ଚାୟତ ନିର୍ବାଚନ ପରେ ବୁଧବାର ଥିଲା ପ୍ରଥମ ପଞ୍ଚାୟତ ସମିତି ବୈଠକ। ଏଥିରେ ଅନେକ ନୂତନ ଜନପ୍ରତିନିଧି ନିର୍ବାଚିତ ହୋଇ ଆସିଥିବା ବେଳେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ଜଳେଶ୍ୱର ବିଧାୟକ ଅଶ୍ୱିନୀକୁମାର ପାତ୍ର ଉପସ୍ଥିତ ଥିଲେ। ବୈଠକରେ ସଭାପତିତ୍ୱ କରିଥିଲେ ନବନିର୍ବାଚିତ ଅଧକ୍ଷା ଅଂଜଳୀ ଦାସ। ବିଧାୟକ ଶ୍ରୀ ପାତ୍ର ପଞ୍ଚାୟତ ସମିତିର ନୀତିନିୟମ ସଂପର୍କରେ ବକ୍ତବ୍ୟ ରଖିଥିବା ବେଳେ ବିଧାୟକ ଶ୍ରୀ ସାହୁ ଉନ୍ନୟନ କାର୍ଯ୍ୟ ସଂପର୍କରେ କହିଥିଲେ। ଏମାନଙ୍କ ବ୍ୟତୀତ ବିଡିଓ ଜ୍ଞାନରଂଜନ ସାହୁ, ଏବିଡିଓ ଅଜୟକୁମର ଦେହୁରୀ, ଉପାଧକ୍ଷ ଦିଲ୍ଲୀପକୁମାର ଦାସମହାପାତ୍ର, ସାଂସଦ ପ୍ରତିନିଧି ପ୍ରଦୀପ କୁମାର ପଣ୍ଡା, ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ କୋଇଲି ଟୁଡୁ, ଜିଲା ପରିଷଦ ସଦସ୍ୟ ବିଷ୍ଣୁପ୍ରିୟା ବୁଗୁଡି, ଦେବିକା ସରେନ, ସୁଜାତାରାଣୀ ଦଣ୍ଡପାଟ, ଗ୍ରାମ ପଞ୍ଚାୟତ ସଂପ୍ରସାରଣ ଅଧିକାରୀ ଅଂଜନକୁମାର ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରଥମେ ଗ୍ରାମ୍ୟ ଜଳ ଯୋଗାଣ ଓ ପାଇପ ପରିମଳ ବିଭାଗରୁ ଆଲୋଚନା ଆରମ୍ଭ ହୋଇଥିଲା। ଅଧିକାଂଶ ସ୍ଥାନରେ ପାଣିରୁ ବାଲି ବାହାରୁଥିବା ବେଳେ ନଳକୂପ ଖନନ କାର୍ଯ୍ୟ ସଂପୂର୍ଣ୍ଣ ନ ହେବା ନେଇ ସରପଞ୍ଚ ଓ ସମିତସଭ୍ୟ ମାନେ ତଥ୍ୟ ରଖିଥିଲେ। ସେହିପରି ବିଦ୍ୟୁତ ବିଭାଗରେ ସଂଯୋଗ ନ ଥାଇ ହଜାର ହଜାର ଟଙ୍କା ବିଲ୍ ଆସିବା, ମିଟର ନ ଥାଇ ଅନ୍ଧାଧୂନ ଶୁଳ୍କ ଲାଗୁ ହେବା। ସର୍ବୋପରି ବିଦ୍ୟୁତକାଟ ଆଉ ହେବ ନି ବୋଲି ରାଜ୍ୟ ସରକାର କହୁଥିବା ବେଳେ ଏଠାରେ ଘନଘନ ବିଦ୍ୟୁତ ବିଭ୍ରାଟ ହେବା, ରାଉତପଡା ଦଳେଇସାହିରେ ଡ୍ରେନେଜ ନ ହେବା, ଅନେକ ସ୍କୁଲରେ ମ୍ୟାଟ୍ରିକ ପରୀକ୍ଷା କେନ୍ଦ୍ର ହୋଇଥିବା ବେଳେ ବିଜୁଳି ବ୍ୟବସ୍ଥା ନ ଥିବା କିମ୍ବା ବିଦ୍ୟୁତକାଟ ଯୋଗୁଁ ଜେନେରେଟର ବ୍ୟବସ୍ଥା ନ ହେବା ପ୍ରଭୃତି ଆଲୋଚନା ହୋଇଥିଲା। କୃଷିବିଭାଗ ପକ୍ଷରୁ ବିଭିନ୍ନ ବିହନ ବଣ୍ଟନ ବିଶେଷ କରି ମୁଗବଣ୍ଟନରେ ଦୁର୍ନିତୀ ଅଭିଯୋଗ ଘେନି ପ୍ରବଳ ହଟ୍ଟଗୋଳ ହୋଇଥିଲା। ଗୁରୁବାର ସୁଦ୍ଧା ପଞ୍ଚାୟତ ୱାରୀ କେଉଁମାନଙ୍କୁ ମୁଗବିହନ ବଣ୍ଟନ ହୋଇଛି ସେମାନଙ୍କ ତାଲିକା ଦାଖଲ ପାଇଁ ତାଗିଦ କରାଯାଇଥିଲା। ସରପଞ୍ଚ ଗୌରାଙ୍ଗଚନ୍ଦ୍ର ବେହେରା, ନଗେନ୍ଦ୍ରକୁମାର ସିଂହ, ଅମିତକୁମାର ବିଶ୍ୱାଳ, ମମତାରାଣୀ ସିଟ୍, ସଂଗ୍ରାମ ଦାସମହାପାତ୍ର, ରାଧାକୃଷ୍ଣ ବେହେରା, ଦୁର୍ଗାରାଣୀ ଜେନା, ସମିତିସଭ୍ୟ ସୁବ୍ରତକୁମାର ପଣ୍ଡା, ଜୟପ୍ରକାଶ ନାରାୟଣ ବେହେରା, ଅନାଦି ଦାସ, ଅବଦୁଲ ହମିଦ ଖାଁ ସମେତ ବିଭିନ୍ନ ବିଭାଗର ଅଧିକାରୀ ଆଲୋଚନାରେ ଭାଗ ନେଇଥିଲେ। ଶେଷରେ ବ୍ଲକ ଉପାଧକ୍ଷ ଦାସମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# କାଳବୈଶାଖିରେ ଘନ ଘନ ବଜ୍ରପାତ : ୧ ମୃତ, ୨ ଆହତ

ଜଳେଶ୍ୱର, ୨୭/୦୪ (ନି.ପ୍ର): ଗତ ୩ ଦିନ ଧରି ବାଲେଶ୍ୱର ଜିଲାର ଜଳେଶ୍ୱର ଅଂଚଳରେ ୪୧ ସେ୍‌ସିଏସ୍‌ରୁ ଅଧିକ ରହୁଥିବାରୁ ପ୍ରବଳ ଗୁଳୁଗୁଳି ଦେଖା ଦେଇଥିଲା । ଆଜି ବୁଧବାର ଅପରାହ୍ନରେ ହଠାତ୍ ପବନ ଓ ଘଡଘଡି ଆରମ୍ଭ ହୋଇଥିଲା । ସ୍ଥାନୀୟ ଅଂଚଳରେ ଅଧିକ ଅମଳକ୍ଷମ ରବିଚାଷ ଅମଳ ଆରମ୍ଭ ହୋଇଥିବା ବେଳେ ଶ୍ରମିକମାନେ ବିଲରେ କାର୍ଯ୍ୟରେ ବ୍ୟସ୍ତ ରହୁଥିବା ଥାନ୍ତି । ଆଜି ବରଡିହା ଗାଁର ରବି ସିଂ (୫୫) ସ୍ତ୍ରୀ ଅଂଜଳି ସିଂ (୪୫)ଓ ପୁତ୍ର ଗୋବିନ୍ଦ ସିଂ(୨୮) ଧାନ ଅମଳରେ ବ୍ୟସ୍ତ ଥିଲେ । ରବି ଓ ଗୋବିନ୍ଦ ଗୋଟିଏ ଜମିରେ ଥିବା ବେଳେ ଅଂଜଳି ପାଖରେ ଥିବା ଅନ୍ୟ ଏକ ଜମିରେ ଧାନ ଅମଳରେ ବ୍ୟସ୍ତ ଥିଲା । ହଠାତ୍ ବଜ୍ରପାତ ହେବାରୁ ଅଂଜଳି ସିଂ ର ଘଟଣା ସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ରବି ଓ ଗୋବିନ୍ଦ ଗରୁରୁତ ହୋଇଛନ୍ତି । ସେ ଅଂଚଳର ସମାଜସେବୀ ରାଜିବଲୋଚନ ଗିରି ସେ ତିନିଜଣଙ୍କୁ ହାତୀଗଡ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ । ଅଂଜଳିକୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ରବି ଓ ଗୋବିନ୍ଦ ଚିକିତ୍ସାଧିନ ଅଛନ୍ତି । ଉତ୍ତର ବାଲେଶ୍ୱରରେ ପ୍ରତିବର୍ଷ ବଜ୍ରପାତରେ ବହୁ ମୃତାହତ ଓ ଧନଜୀବନ କ୍ଷତି ଘଟୁଥିବା ବେଳେ ବଜ୍ରପାତ ପୂର୍ବରୁ ସୂଚନା ଲାଗି ଅତୀତରେ ସାଂସଦ ରବିନ୍ଦ୍ର ଜେନା ଏକ ଆପ୍‌ର ବ୍ୟବସ୍ଥା ଲାଗି କେନ୍ଦ୍ର ସରକାରଙ୍କ ଠାରେ ଦାବି କରିଥିଲେ ମଧ୍ୟ ଅଦ୍ୟାବଧି କାର୍ଯ୍ୟକାରୀ ହୋଇ ନାହିଁ । କାଯ୍ୟକାରୀ ଲାଗି ସାଧାରଣରେ ଦାବି ହେଉଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo